# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।


୨୮ ଭାଗ | ୧ ସଂଖ୍ୟା | ତା ୭ ଜନ ମାହେ ଜାନୁଏରୀ ସନ ୧୮୯୩ ମସିହା । ମୁ । ପୌଷ ବ ୨୭ ଜ ସନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧ / ପଶ୍ଚାଦେୟ ଟ ୩୯



## ବିଜ୍ଞାପନ ।

ଓଡ଼ିଆ

ସନ ୧୮୯୩।୯୪ ମସିହାର

## ନୂତନ ପଞ୍ଜିକା ।

... ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବ- ... ଛପା ହୋଇ ବିକ୍ରୟ ହେଉଅଛି ।

... ଟ ୦।୵ ଡାକମାସୁଲ ଟ ୦।

... ଟ ୦୵ ଡାକମାସୁଲ ଟ ୦।୬


... ଘରେ ଅନେକ ଲୋକ ଗିରଫ୍ତାର ହୋଇଅଛନ୍ତି ଏବଂ ଅନେକ ଗ୍ରାମ ପୋଡ଼ିଦିଆ ଯାଇଅଛି ଓ ଖାଦ୍ୟଦ୍ରବ୍ୟ ଲୁଟ ବା ନଷ୍ଟ ହୋଇଅଛି । ଶୋଭାଏ ଉପଯୁକ୍ତ ହୋଇ ଆସି ସମର୍ପଣ କରି ଖଜଣା ଦେଇ ଅଛନ୍ତି । ସର୍ଦ୍ଦାରମାନେ ଗିରଫ୍ତାର ହେଲେ ସୈନିକ କାର୍ଯ୍ୟ ଶେଷ ହେବ ।

---

ଯାଜପୁରର ଅଡିସ୍ୟନାଲ ମୁନସଫ ଶ୍ରୀଯୁକ୍ତ ଶ୍ୟାମାଚରଣ ଚକ୍ରବର୍ତ୍ତୀ ଏକମାସର ଛୁଟୀ ନେଇଅଛନ୍ତି ଓ ତାଙ୍କସ୍ଥାନରେ ବରିଶାଲର ଏକଜଣ ଉକୀଲ ଏକଟିଂ ମୁନସଫପଦରେ ନିଯୁକ୍ତ ହୋଇ ଆସୁଅଛନ୍ତି ଓଡ଼ିଶାବାସୀ ବି ଏଲ ଉକୀଲ ଥାଉଁ ଯେ ସେମାନଙ୍କ ଉପେକ୍ଷା କରି ଏକମାସ ନିମନ୍ତେ ବିଦେଶୀ ଲୋକ ଆଣି ନିଯୁକ୍ତ କରିବା ବଡ଼ ଦୁଃଖର ବିଷୟ ଅଟେ ଏଥିରେ ଓଡ଼ିଆଙ୍କର ଉତ୍ସାହ ବୃଦ୍ଧି ହେବକି ? ଯେଉଁ ସମୟରେ ବି ଏଲ ପ୍ରଥା ନ ଥିଲା ସେସମୟରେ ଓଡ଼ିଶାବାସୀ ପଣ୍ଡିତ ହର୍ଷମୂର ବିଦ୍ୟାଭୂଷଣ ଓ ବାବୁ ଶିବପ୍ରସାଦସିଂହ ପ୍ରଭୃତି ମୁନସଫି କାର୍ଯ୍ୟ କରି ବିଶେଷ ପ୍ରତିପତ୍ତି ଲାଭ କରିଥିଲେ ମାତ୍ର ବି ଏଲ ପ୍ରଥା ଚଳିତ ହେବା ଅବଧି ପର୍ଯ୍ୟନ୍ତ ଏକଜଣ ଓଡ଼ିଶାବାସୀ ମୁନସଫପଦ ନ ପାଇବା ଅମ୍ଭମାନଙ୍କର ଦୁରଦୃଷ୍ଟ ବୋଲି କହିବାକୁ ହେବ ।

---

ପରମଶିବ ପରମେଶ୍ୱରଙ୍କ ମଙ୍ଗଳମୟ ଇଚ୍ଛାଧୀନରେ ପୁଣି ଏକବର୍ଷକାଳ କଟାଇ ଗତ ଶନିବାର ସନ ୧୮୯୨ ସାଲକୁ ବିଦାୟ ଦେଇ ଗତ ରବିବାରଠାରୁ ନୂତନବର୍ଷ ସନ ୧୮୯୩ ସାଲରେ ଉପସ୍ଥିତ ହୋଇଅଛୁଁ । ଏହି ଅବସରରେ ତାହାଙ୍କୁ ଅନ୍ତରର ଧନ୍ୟବାଦ ପ୍ରଦାନପୂର୍ବକ ଅମ୍ଭମାନଙ୍କର ପାଠକ ଗ୍ରାହକ ବନ୍ଧୁ ଓ ଅନୁଗ୍ରାହକମାନଙ୍କୁ ଯଥାବିହିତ ପ୍ରଣାମ ଓ ନମସ୍କାର ଜଣାଉଅଛୁଁ । ଏବଂ ପ୍ରାର୍ଥନା କରୁଅଛୁଁ ସେମାନେ ନବବର୍ଷରେ ନବ ନବ ସୁଖମାନ ଭୋଗ କରି ପୂର୍ବପ୍ରାୟ ଅମ୍ଭମାନଙ୍କର ତ୍ରୁଟି ଓ ଅଯୋଗ୍ୟତା କ୍ଷମା କରି ସ୍ୱୀୟ ଉଦାରତାଗୁଣରେ ଉତ୍ସାହ ଦେବେ । ଉତ୍କଳଦୀପିକା ଓଡ଼ିଶାର ସେବାରେ ପ୍ରାୟ ଅଷ୍ଟବିଂଶ ବର୍ଷ କଟାଇଲା ସାମାନ୍ୟ ଭାଗ୍ୟର ବିଷୟ ନୁହଇ । ଏଥିପାଇଁ ସମସ୍ତ ଓଡ଼ିଶାବାସିଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛୁଁ ।

---

ଜୁଆପ୍ରଥା ଉଠାଇଦେବା ସମ୍ବନ୍ଧରେ ଭାରତଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟକୁ କଲିକତାର ଇଣ୍ଡିଆନ ଡେଲିନ୍ୟୁଜ୍ ପତ୍ରିକା ଅନୁମୋଦନ କରି ନାହାନ୍ତି । ଉକ୍ତ ପତ୍ରିକା କହନ୍ତି ଯେ ଜୁଆପ୍ରଥା ଉଠାଇଦେବା ସମ୍ବନ୍ଧରେ ଦେଶର ଲୋକ ମାନେ କୌଣସି ପ୍ରାର୍ଥନା କରି ନ ଥିଲେ ତଥା ଜୁଆପ୍ରଥା ପ୍ରଚଳିତ ହେବାଦ୍ୱାରା ଲୋକଙ୍କର କାର୍ଯ୍ୟରେ କୌଣସି ବ୍ୟାଘାତ ହେବାର କେହି ପ୍ରକାଶ କରୁ ନାହିଁ । ପତ୍ରିକା ଅଦ୍ଭୁତ ପ୍ରକାଶ କରିଅଛନ୍ତି ଯେ ଇଂରେଜମାନଙ୍କର ସ୍ୱଦେଶ

... ତିଙ୍ଗିଙ୍କ ପରିଚାଳନା ନ ଚଳାଇ ...ଡିସିଅରମାନେ ପାସଗାଲେ ... ବିଶ୍ୱରା ଯେଉଁ ରଜଣୀମାନେ ତଳକ୍ଷା ପିଣ୍ଡ ... ପଶଣାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କ ... ଅଶିଷ୍ଟଶାସନ ଏବଂ ଦାସପାଳର ... କାର୍ଯ୍ୟମାନ ଦେବାକୁ ଗବର୍ଣ୍ଣମେଣ୍ଟ କରିଅଛନ୍ତି ।

---

... ଇଂଲଣ୍ଡର ବୁଦ୍ଧିମାନେ ମେଳ ନ ଛାଡ଼ିବାରୁ ... ଶିକ୍ଷିତ ଯୁବକଦଳ ତାହାଙ୍କ ବିରୁଦ୍ଧରେ ... ବା କାରଣ ପୂର୍ବରୁ ପ୍ରସ୍ତୁତ ଥିଲେ ସେମାନେ ଅଗ୍ରସର ହେବାର ଆଦେଶ ପାଇ ଅଛନ୍ତି ... ମାନ୍ୟବର ଗଡ଼ଜାତ ସୁପ୍ରିଣ୍ଟ ସାହେବ ... ଜେଣ୍ଟିଙ୍ଗ ବୃଦ୍ଧିଶାଳିଙ୍କୁ ତା- ... ହୋଇ ଅଛନ୍ତି । ଶୁଣିବାରେ ଏଥିପ-


Split by PDF Splitter

Digitized by srujanika@gmail.com

ଏବଂ ସ୍ବତନ୍ତ୍ରତାର ସ୍ବାଧୀନତା ଜ୍ଞାନ ସମାନ ଅଛି ଏବଂ ଯେପର୍ଯ୍ୟନ୍ତ ତାହାଙ୍କର କାର୍ଯ୍ୟଗତିରୁ କୁସଂସ୍କାରଦ୍ୱାରା ବିଶେଷ ଅନିଷ୍ଟ ହେଉଥିବାର ଦୃଷ୍ଟାନ୍ତ ପ୍ରମାଣ ହୋଇ ନାହିଁ ସେପର୍ଯ୍ୟନ୍ତ ସେ ପ୍ରଥା ରହିତ ଅଥବା ସଂଶୋଧିତ ହୋଇ ନ ପାରେ ।—ଦେଖାଯାଉ ଶେଷଫଳ କି ହୁଏ ।

—✻—

ପୁରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ସେଠା ସଂସ୍କୃତବିଦ୍ୟାଳୟର ଜଣେ ଶିକ୍ଷକର ପଦ ଶୂନ୍ୟ ଥିବାରୁ ତହିଁନିମନ୍ତେ ବିଜ୍ଞାପନ ଦିଆଯାଇ ଥିଲା । ଅନେକ ଆବେଦନ ପତ୍ର ଆସିଲାଉତ୍ତାରୁ ଉକ୍ତଜଣ ଶିକ୍ଷକରେ କାର୍ଯ୍ୟ ଚଳିଯାରେ ଏହିକଥା ସ୍ଥିର ହୋଇ ଶୂନ୍ୟପଦଟି ଶୂନ୍ୟ ରହିଗଲା । ମାତ୍ର ତହିଁର ବେତନଉତ୍ତାରୁ ସେଥିର ବେତନ ଟ ୧୫୯ ଙ୍କା ଛାତ୍ରବୃତ୍ତିଧାରକଙ୍କୁ ଦିଆଗଲା । ବିଦ୍ୟାଳୟର ଛାତ୍ରବୃତ୍ତିଧାରକମାନେ ବିନା ବେତନରେ କାର୍ଯ୍ୟ କରିବାର ଶୁଣାଯାଏ । ଏ ବିଦ୍ୟାଳୟର ଛାତ୍ରବୃତ୍ତିଧାରକମାନେ ମଧ୍ୟ ଏପର୍ଯ୍ୟନ୍ତ ଅବୈତନିକରୂପେ ଖଟିଲଥିଲେ । ଏଣିକି ତହିଁପାଇଁ ବେତନ ଦିଆଯିବାର ଭଲ ଦିଶୁ ନାହିଁ ଏବଂ ଛାତ୍ରବୃତ୍ତିଧାରକଙ୍କପ୍ରତି ଏହା ଭଣ୍ଡ ବୋଲିବାକୁ ହେବ । ପତ୍ରପ୍ରେରକଙ୍କ ପ୍ରସ୍ତାବ ଏହି କି ଛାତ୍ରବୃତ୍ତିଧାରକ ଏ ଟଙ୍କା ବେତନସ୍ବରୂପ ନ ନେଇ ନ୍ୟାୟ ଶ୍ରେଣୀର ଛାତ୍ରବୃତ୍ତି ଛାଡ଼ିଦେଲେ ଉତ୍ତମ ହେବ !

———

ଜାତୀୟ ମହାସମିତିର ଅଷ୍ଟମ ଅଧିବେଶନ ଏଲାହାବାଦରେ ଯଥା ସମାରୋହସହିତ ଗତମାସରେ ନିଷ୍ପନ୍ନ ହୋଇଗଲା । ସଭାର ସମ୍ପୂର୍ଣ୍ଣ କାର୍ଯ୍ୟବିବରଣ ଏପର୍ଯ୍ୟନ୍ତ ସମ୍ବାଦ ପତ୍ରମାନଙ୍କରେ ପାଠକରୁ ନାହୁଁ । ସମ୍ପ୍ରତି ପାଠକମାନଙ୍କୁ ଏତିକି ଜଣାଉଅଛୁଁ ଯେ ଉକ୍ତ ନଗରର ଲଉଥର କାସଲନାମକ ପ୍ରକାଣ୍ଡ ଘରମଧ୍ୟରେ ସୁସଜ୍ଜିତ ମଣ୍ଡପରେ ସଭା ବସିଥିଲା । ଏହିସମ୍ପତ୍ତି ଦରଭଙ୍ଗାର ମହାରାଜା ୬୦ହଜାର ଟଙ୍କାରେ ନୂତନ କ୍ରୟକରି ଅଛନ୍ତି । ଏଠାରେ ପ୍ରଥମେ ମହାସମିତିର କାର୍ଯ୍ୟ ହେବାରୁ ସେ ଭାରତସମାଜଦ୍ୱାରା ଅନନ୍ତପ୍ରଶଂସା ଲଭିଥିଲେ । ଡିସେମ୍ବରମାସ ତା ୨୮ ରିଖରେ ପ୍ରତିନିଧିମାନଙ୍କର ଅଭ୍ୟର୍ଥନା ହେଉଥିବାରୁ କଲିକତାର ବିଖ୍ୟାତ ବାରିଷ୍ଟର ଶ୍ରୀଯୁକ୍ତ ଉମେଶଚନ୍ଦ୍ର ବାନର୍ଜ୍ଜି ସଭାପତି ପଦରେ ନିଯୁକ୍ତ ହେଲେ ଏବଂ ତାହାଙ୍କ ବକ୍ତୃତା ଶ୍ରବଣାନ୍ତେ ସଭାର କାର୍ଯ୍ୟ ସ୍ଥିର କରିବାର କମିଟି ଗଠିତ ହୋଇ ଏଦିନର କାର୍ଯ୍ୟ ଶେଷ ହେଲା । ତା ୨୯ ଓ ୩୦ ରିଖରେ ଉପସ୍ଥିତ ପ୍ରସ୍ତାବମାନଙ୍କର ବିଚାର ଶେଷ ହେଲା ଉତ୍ତାରୁ ସମିତିର କାର୍ଯ୍ୟନିର୍ବାହାର୍ଥେ ଅର୍ଥସଂଗ୍ରହ କରିବାର ପ୍ରସ୍ତାବ ହେଲାରୁ ତତ୍‌କ୍ଷଣାତ୍ ପଚାଶ ହଜାର ଟଙ୍କା ଦେବା ସ୍ୱୀକୃତ ଏବଂ ତହିଁମଧ୍ୟରୁ ଦଶହଜାର ଟଙ୍କା ଆଦାୟ ହେଲା । ଏହିଠାରୁ ସଭ୍ୟମାନଙ୍କ ଜ୍ୱଳନ୍ତ ଉତ୍ସାହର ଅଧିକ ପ୍ରମାଣ ଆଉ କି ହୋଇପାରେ । ଏଥିଉତ୍ତାରୁ ଶ୍ରୀମତୀ ମହାରାଣୀ ଓ ସଭାର ମଙ୍ଗଳାକାଂକ୍ଷୀମାନଙ୍କୁ ଧନ୍ୟବାଦ ଦିଆଯାଇ ଏବଂ ଆଗାମୀବର୍ଷର ଅଧିବେଶନ ଅମୃତସରଠାରେ ହେବାର ଧାର୍ଯ୍ୟ ହୋଇ ସଭା ଭଙ୍ଗହେଲା । ପ୍ରାୟ ଏକସହସ୍ର ପ୍ରତିନିଧି ଏବଂ ଦୁଇସହସ୍ରରୁ ଅଧିକ ଦର୍ଶକ ହୋଇଥିଲେ ।

———

ଏଲାହାବାଦର ଡାକ୍ତର ହଲ ସାହେବ ଇଣ୍ଡିଆନ ମେଡିକାଲ ରେକର୍ଡ ନାମକ ପତ୍ରିକାରେ ଅହିଫେନ ଆଦେଶସମ୍ବନ୍ଧରେ ଗୋଟିଏ ବଡ଼ ସୁନ୍ଦର ପ୍ରବନ୍ଧ ଲେଖିଅଛନ୍ତି । ତହିଁର କିୟଦଂଶ ଏଠାରେ ପାଠକମାନଙ୍କୁ ଉପହାର ଦେଲୁଁ, ଯଥା ।

" ଯେଉଁ ଲୋକସମାଜ ଆମୋଦ ନିମନ୍ତେ ଅଥବା ଆପଣାର ହିତାର୍ଥେ ନାନା ପ୍ରକାର ମଦ୍ୟ ବ୍ୟବହାର କରନ୍ତି ଅପର କୌଣସି ଜନସମାଜ ଆପଣାର ଆମୋଦ ବା ହିତାର୍ଥେ ଅନ୍ୟ ଏକପ୍ରକାର ମାଦକସେବନ କଲେ ତହିଁର ପ୍ରତିବାଧକ କି କାରଣ ହେବେ ? ଇଂରାଜମାନେ ଯେବେ ଅନ୍ୟକୌଣସି ଜାତିର ଶାସନାଧୀନରେ ଆନ୍ତେ ତେବେ ସେମାନଙ୍କ ଶାସନକର୍ତ୍ତାମାନେ ଭାରତରେ କୌଣସି ପ୍ରକାର ମଦ୍ୟ ପ୍ରସ୍ତୁତ ହୋଇ ପାରିବ ନାହିଁ ବୋଲି ଏପରି ଆଦେଶ ଦେଲେ ସେମାନଙ୍କର ମନ କେମନ୍ତ ହୁଅନ୍ତା ? ଇଂରାଜମାନେ ଏପରି ଆଦେଶର ଘୋର ବିଦ୍ରୋହୀ ହୁଅନ୍ତେ ନାହିଁ କି ? ଆମ୍ଭେ କୌଣସି ଦ୍ୱିଧା ବିନା କହୁଅଛୁଁ କି ମଦ୍ୟ ଯେବେ କେତେ ଲୋକଙ୍କ ମତରେ ଔଷଧ ହୁଏ, ତେବେ ଅଫୁ ତଦପେକ୍ଷା ଅଧିକ ଦୁର୍ବଳ ବିଷ ଅଟେ । ବାସ୍ତବରେ ଆମ୍ଭର ସ୍ଥିର ସିଦ୍ଧାନ୍ତ ଏହି କି ଅଫୁ ଅତିରିକ୍ତ ପରିମାଣରେ ସେବା ନ କଲେ ତାହା ଏପରି ସାମାନ୍ୟ ବିଷ ଯେ ତହିଁର କାର୍ଯ୍ୟ ଅନେକ ଜଣାଯାଏ ନାହିଁ । ଆମ୍ଭେ ଅନେକ ଅଫୁଆଙ୍କୁ ଦେଖିଅଛୁଁ ମାତ୍ର ସେମାନେ ବିଶେଷ ରୋଗ ଥିବାର ଦେଖି ନାହୁଁ । ଫଳତଃ ଆମ୍ଭେ ନିଶ୍ଚୟ କହିପାରୁଁ ଯେ ଲମ୍ପଟ ମଦୁଆଙ୍କଠାରୁ ସେମାନଙ୍କ ସଂଖ୍ୟା ଅନେକ ଊଣା । ଜଣେ କ୍ଲାନ୍ତ ହୋଇ ଟିକିଏ ଅଫୁ ଖାଇଲା ଓ ତହିଁରେ ତାହାର ମନ ଆନନ୍ଦ ହେବାରୁ ପୁଣି ଆଉ ଟିକିଏ ଖାଇଲା । ଏଥିପାଇଁ ତାହାର ଆମୋଦରେ ହସ୍ତକ୍ଷେପ କରିବା ଉଚିତ କି ? ଅଫୁଦ୍ୱାରା ବିଶେଷ ଅନିଷ୍ଟ ହେବାର ଆମ୍ଭେ ଅସ୍ୱୀକାର କରୁଁ । ଆମ୍ଭର ଭୟ ହେଉଅଛି ଯେ ଧର୍ମପ୍ରଚାରକମାନେ ଦାଣ୍ଡକୁ ବାହାରି ଘରକଥା ପାସୋରି ଅଛନ୍ତି ।"

—✻✻✻—

ସମ୍ବଲପୁରହିତୈଷିଣୀରେ ପାଠକଲୁଁ କି ମଧ୍ୟପ୍ରଦେଶର ମାନ୍ୟବର ପ୍ରଧାନ କମିଶନର ବାହାଦୁର ଗତ ଭ୍ରମଣରେ ସେଠାକୁ ଆସି ଗତମାସ ତା ୧୫ ରିଖରେ ସେଠା ଡେପୁଟୀକମିଶନରଙ୍କ କଚେରୀଗୃହରେ ଏକ ଦରବାର କରିଥିଲେ । ସେ ଅଞ୍ଚଳର ରାଜା ଜମିଦାର ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତି ପ୍ରାୟ ୧୦୦ଏ ଆମନ୍ତ୍ରିତ ହୋଇ ଦିବା ଦୁଇପ୍ରହର ସମୟରେ ଦରବାରର ସମୟ ଧାର୍ଯ୍ୟ ହୋଇଥିବାରୁ ତହିଁପୂର୍ବରୁ ଆସିଥିଲେ ମାତ୍ର ମାନ୍ୟବର ମହୋଦୟ ଅପରାହ୍ଣ ସା ୩ଘ ଘଡ଼ିରୁ ଉପସ୍ଥିତ ହୋଇ ଦରବାର ଆରମ୍ଭ କରିବାରୁ ଦର୍ଶକମାନଙ୍କ ବଡ଼ କଷ୍ଟ ହୋଇଥିଲା । ଯାହା ହେଉ ଦରବାର ଆରମ୍ଭ ହେଲାରୁ ପ୍ରଥମେ ଫାଇଜେଷ୍ଟି ରାଜାମାନଙ୍କର ଅଭିନନ୍ଦନପତ୍ର ବାଚଣାଇ ପ୍ରତ୍ୟେକ ପାଠ କଲେ ଓ ତହିଁର ଉତ୍ତର ଦିଆଗଲାରୁ ଡିଷ୍ଟ୍ରିକ୍ଟକାଉନ୍‌ସିଲ ଓ ମିଉନିସିପାଲିଟୀର ଅଭିନନ୍ଦନପତ୍ରମାନ ଗ୍ରହଣ କରି ମାନ୍ୟବର ଚିଫ୍ କମିଶନର ଏକତ୍ରେ ସେସବୁର ଉତ୍ତର ଦେଲେ କାରଣ ସମସ୍ତ ଅଭିନନ୍ଦନପତ୍ରର ଭାବ ପ୍ରାୟ ଏକରୂପ ଥିଲା । ରାଜାମାନଙ୍କ ଅଭିନନ୍ଦନପତ୍ରର ଉତ୍ତରରୁ ନୂତନକଥା ଏତିକି ଜଣାଗଲା ଯେ ସମ୍ବଲପୁରଅଞ୍ଚଳର ରାଜକୁମାରଙ୍କ ନିମିତ୍ତ ରାୟପୁରଠାରେ ଗୋଟିଏ ନୂତନ ରାଜକୁମାରକଲେଜ ସ୍ଥାପିତ ହେବାର ସ୍ଥିର ହୋଇଅଛି । ସେମାନଙ୍କୁ ଆଉ ଜବଲପୁର ଯିବାର କଷ୍ଟ ଭୋଗ କରିବାକୁ ହେବ ନାହିଁ ଏବଂ ନିକଟରେ କଲେଜ ଥାଇ ରାଜକୁମାରମାନଙ୍କ ଅଧିକ ପରିମାଣରେ ଶିକ୍ଷାଲାଭ କରିବାକୁ ସୁବିଧା ହେବ । ଅପର ଦୁଇ ଅଭିନନ୍ଦନପତ୍ରରେ ସମ୍ବଲପୁରରେଲୱାଇର କଥା ଥିଲା ମାତ୍ର

Digitized by srujanika@gmail.com

Split by PDF Splitter



ସାହେବ ମହୋଦୟ ଉହାଁର ବିଚାର କଲେ ଉତ୍ତର ନ ଦେଇ କହିଲେ ଯେ ତାହାଙ୍କର କ୍ଷମତାମଧ୍ୟରେ ଥିଲେ ସେ ବର୍ତ୍ତମାନ ସମ୍ବଲପୁରଠାରୁ ସମୁଦ୍ରପର୍ଯ୍ୟନ୍ତ ରେଲୱେ ଫିଙ୍କାଇ ଦିଅନ୍ତେ । ଏଥି ଉତ୍ତାରୁ ଯଥାମତେ ଅତର ପାନ ବିତରଣ ହୋଇ ସ ୪।୨୦ ମିନିଟ ସମୟରେ ଦରବାର ସମାପ୍ତ ହେଲା ।

---

ବାଲେଶ୍ୱରର ବାବୁ ରଘୁନାଥନନ୍ଦପାଣ୍ଡ ଏବଂ ରାଜା ବୈକୁଣ୍ଠନାଥଦେ ବାହାଦୂରଙ୍କ ଫୌଜଦାରୀ ମୋକଦ୍ଦମାସମ୍ବନ୍ଧରେ 'ବିଶେଷ ଦ୍ରଷ୍ଟବ୍ୟ' ନାମରେ ଗୋଟିଏପ୍ରବନ୍ଧ ଗତ ଓଡ଼ିଆ ଓ ନବସମ୍ବାଦରେ ପ୍ରକାଶିତ ହୋଇଅଛି । ପଢ଼ିବା ଫିଙ୍ଗାଇବା ମାତ୍ରକେ ସର୍ବାରମ୍ଭରେ ଏହାକୁ ଦେଖି ମୋକଦ୍ଦମାସଂକ୍ରାନ୍ତ କିଛି ନୂତନ କଥା ଶୁଣିବୁଁ ବୋଲି ବଡ଼ ଆଗ୍ରହସହିତ ପାଠକଲୁଁ । ମାତ୍ର ସେପରି କିଛି ନାହିଁ । ଉକ୍ତ ପ୍ରବନ୍ଧରେ ସହଯୋଗୀ ଆପଣାର ପାଠକମାନଙ୍କୁ ବିଶେଷ କରି ଏତିକି ଜଣାଇ ଦେଇଅଛନ୍ତି ଯେ ଗତମାସ ତା ୨୪ ରଣ ଏବଂ ତହିଁ ପୂର୍ବ ଉତ୍କଳଦୀପିକାରେ ଉକ୍ତ ମୋକଦ୍ଦମାସମ୍ବନ୍ଧରେ ଅନେକ ଅଳୀକ ଓ ଅଯଥା ବାକ୍ୟମାନ ପ୍ରକାଶ ହେବାର ଦେଖି ସେ ବଡ଼ଦୁଃଖିତ ହୋଇଅଛନ୍ତି ଏବଂ ଉଭୟପକ୍ଷର କଥା ନ ଶୁଣି ଏକପାକ୍ଷିକ ମତ ପ୍ରକାଶ କରିବା ବଡ଼ଅନ୍ୟାୟ ବୋଲି ସମସ୍ତଙ୍କୁ ଜଣାଇ ଦେଇଅଛନ୍ତି । ଏଥିକୁ ଅମ୍ଭେମାନେ ତା ୨୪ରଣର ଉତ୍କଳଦୀପିକାରେ ଡେପୁଟୀ ମାଜିଷ୍ଟ୍ରେଟଙ୍କ ନଥିର ଏବଂ ତହିଁର ସମାଲୋଚନା ଏବଂ ତହିଁପୂର୍ବେ ପତ୍ରପ୍ରେରକ ଲେଖାର ଅନୁସାରେ ମୋକଦ୍ଦମାର ବୃତ୍ତାନ୍ତ ପ୍ରକାଶ କରିଥିଲୁଁ । ଏଥିରେ ଯେବେ ସହଯୋଗିଙ୍କ ଜାଣିବାରେ କୌଣସି ଅଳୀକ ବା ଅଯଥା କଥା ଥାଏ ତେବେ ତହିଁ ନିମନ୍ତେ ଅଦାଲତ ଦାୟୀ । ଅମ୍ଭମାନଙ୍କର କି ଦୋଷ ହେଲା ବୁଝିପାରୁ ନାହୁଁ । ରାଜାବାହାଦୁର ମୋକଦ୍ଦମାରେ ଜବାବ ଦେଇ ନାହାନ୍ତି ଓ ସେ ଯେଉଁ କଇଫିୟତ ଦେଇଥିଲେ ତାହା ଅଦାଲତ ତଥା ସହଯୋଗୀ ପ୍ରକାଶ କରି ନାହାନ୍ତି ଏ ସ୍ଥଳେ ଏକପାକ୍ଷିକ ବୃତ୍ତାନ୍ତ ନିମନ୍ତେ ଅମ୍ଭେମାନେ ଦୋଷୀ କି ? ବାସ୍ତବରେ ବିଚାର କରିବାର ଅଧିକାର ଅମ୍ଭମାନଙ୍କର ନାହିଁ । ଯେଉଁ ବିଚାର ହୋଇଅଛି ତାହା ଅସମ୍ପୂର୍ଣ୍ଣ ଏବଂ ଅନେକ ଆପତ୍ତିଜନକ ହୋଇଥିବାରୁ ଅମ୍ଭେମାନେ ପୁନର୍ବିଚାର ନିମନ୍ତେ ମୋସନ କରିବାର ଆବଶ୍ୟକତା ଦେଖାଇ ଅଛୁଁ । ଏଥିରେ ରାଜାବାହାଦୁର ଏବଂ ତାହାଙ୍କ ପକ୍ଷୀୟ ଲୋକଙ୍କର ଆନନ୍ଦ ହେବାର ଉଚିତ କାରଣ ତାହାହେଲେ ଉଭୟ ପକ୍ଷର ସମସ୍ତ କଥା ବିବେଚନାପୂର୍ବକ ପୁନର୍ବିଚାର ହେବ ଏକପାକ୍ଷିକ ବିଚାରର ଦୋଷ ରହିବ ନାହିଁ । ଅନନ୍ତର ସଙ୍ଗତ ବିଚାରରେ ରାଜାବାହାଦୁର ମୁକ୍ତିପାଇଲେ ତାହାଙ୍କର ଅଧିକ ଗୌରବ ହେବ ଏବଂ ଅମ୍ଭେମାନେ ଆପଣାର ଭ୍ରମ ବୁଝିପାରି ସଂଶୋଧନ କରିବାକୁ ଅଗ୍ରସର ହେବୁଁ । ସହଯୋଗିଙ୍କ ବିବେଚନାରେ ଅମ୍ଭମାନଙ୍କ ଲେଖାର କେଉଁ ଅଂଶ ଅଳୀକ ବା ଅଯଥା ତାହା ସେ ଦେଖାଇ ଦେଇ ନାହାନ୍ତି ଓ ସ୍ୱୟଂ ଉଭୟପକ୍ଷର ଆପତ୍ତିର ମୀମାଂସାପୂର୍ବକ ମୋକଦ୍ଦମାର ପ୍ରକୃତ ବିବରଣ ତଥା ହାକିମଙ୍କ ସ୍ୱୀୟ ସମାଲୋଚନା ପ୍ରକାଶ କରି ନାହାନ୍ତି । ବର୍ତ୍ତମାନ ସେ କେବଳ ପତ୍ରପ୍ରେରକଙ୍କ କଥାରେ ନିର୍ଭର କରିବାର ଜଣାଯାଏ ସହଯୋଗିଙ୍କ ବିବେଚନାରେ ପ୍ରେରିତପତ୍ର ଅଦାଲତର ନଥିଠାରୁ ଅଧିକ ମାନ୍ୟ ହୋଇପାରେ ଏବଂ ତାହାଙ୍କ ପାଠକମାନଙ୍କର ଯେବେ ତହିଁରେ ତୃପ୍ତି ହୁଏ ତେବେ ଅମ୍ଭମାନଙ୍କର ଆପତ୍ତି ନାହିଁ । ମାତ୍ର ଅମ୍ଭେମାନେ ଅଦାଲତଙ୍କ ନଥିପ୍ରତି ପ୍ରେରିତପତ୍ରର ମତ ଅଗ୍ରଗଣ୍ୟ କରି ନ ପାରୁଁ ।

---

### ପୁଣ୍ୟକୀର୍ତ୍ତି

ବଙ୍ଗଦେଶର ଲୋକମାନେ ଆପଣାର ଇଚ୍ଛାନୁସାରେ ସନ୍ ୧୮୯୨ ସାଲରେ ଯେ ସମସ୍ତ ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନ କରିଅଛନ୍ତି ତହିଁର ତାଲିକା ପ୍ରକାଶିତ ହୋଇଅଛି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହି ତାଲିକା ପୂର୍ବବର୍ଷମାନଙ୍କର ତାଲିକାସଙ୍ଗେ ମିଶାଇ ଦେଖିଅଛନ୍ତି ଯେ ଏପ୍ରକାର କାର୍ଯ୍ୟର ମୂଲ୍ୟ ସନ ୧୮୮୯ ସାଲରେ ପ୍ରାୟ ସାଢ଼େ ତିନିଲକ୍ଷଟଙ୍କା ହୋଇଥିବା ସ୍ଥଳେ ସନ ୧୮୯୦ ସାଲରେ ୩ ଲକ୍ଷ ୩୬ ହଜାର ଏବଂ ସନ ୧୮୯୧ ସାଲରେ ୨ ଲକ୍ଷ ୬୪ ହଜାର ୫ ଶତ ଟଙ୍କା ହୋଇଅଛି । ଗତ ତିନିବର୍ଷରୁ କ୍ରମାଗତ ମୂଲ୍ୟ ଊଣା ହୋଇ ଆସିବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଲୋକଙ୍କର ଧର୍ମପ୍ରବୃତ୍ତି ଅଳ୍ପ ହୋଇ ଆସୁଅଛି । ମାନ୍ୟବର ଲେଫ୍ଟେନାଣ୍ଟ ଏଥିପାଇଁ ଦୁଃଖ ପ୍ରକାଶକରି ଭବିଷ୍ୟତ ଉନ୍ନତିର ଆଶା କରିଅଛନ୍ତି । ଅମ୍ଭେମାନେ ତାହାଙ୍କ ଆଶା ପୂର୍ଣ୍ଣ ହେବାର କାମନା କରୁଁ । ମାତ୍ର କ୍ରମାଗତ ଯେପରି ଅକାଳ ପଡ଼ିଆସୁଅଛି ଏବଂ କଳାଦିର ବୃଦ୍ଧି ହେଉଅଛି ତହିଁରେ ପୁଣ୍ୟକାର୍ଯ୍ୟରେ ମୁକ୍ତହସ୍ତତା ସଙ୍କୋଚ ହେବାର କଥା । ବିଶେଷତଃ ସରକାରଙ୍କ ରୀତିରେ ବଡ଼ଲୋକମାନେ ଇଦାନୀଂ ବିଶେଷ ବଦାନ୍ୟତା ପ୍ରକାଶ କରିବାର ଦେଖାଯାଏ । ଏପରି ଯାହା ପୂର୍ବେ ସ୍ୱେଚ୍ଛାପୂର୍ବକ ଦାନ ଥିଲା ବର୍ତ୍ତମାନ ତାହା ଟିକସରେ ପରିଣତ ହୋଇଅଛି । ସେ ସବୁକୁ ମିଶାଇଲେ ସାଧାରଣ ଦାନର ପରିମାଣ ଏତେ ଊଣା ନ ହୋଇ ବରଂ ଅଧିକ ହୋଇପାରେ । ସଡ଼କ ପୋଲ ବନ୍ଧ ଜଳାଶୟ ପାଠଶାଳା ପୂର୍ବେ ବ୍ୟକ୍ତିବିଶେଷର କୀର୍ତ୍ତି ଥିଲା । ଏଣିକି ସେ ସବୁ ସ୍ୱାୟତ୍ତଶାସନପ୍ରଣାଳୀର ଅନ୍ତର୍ଗତ ହୋଇ ଅଛି । ତହିଁପାଇଁ ଲୋକେ ଟିକସ ଦେଇ ଦାନପ୍ରବୃତ୍ତି ଚରିତାର୍ଥ କରିବାର ମନେ କରି ବିଶେଷ କୀର୍ତ୍ତିପ୍ରତି ମନୋଯୋଗୀ ହେଉ ନାହାନ୍ତି । ଯାହା ହେଉ ବର୍ଣ୍ଣିତ ବର୍ଷରେ ଯେ ସମସ୍ତ କୀର୍ତ୍ତି ହୋଇ ଅଛି ତହିଁ ମଧ୍ୟରେ ଜଳାଶୟ ପ୍ରଧାନ । ଏଥିର ମୂଲ୍ୟ ଏକଲକ୍ଷ ୨୫ ହଜାର ଟଙ୍କା ଅଟଇ ଏଥି ଉତ୍ତାରୁ ସାଧାରଣ ଅଟ୍ଟାଳିକାର ମୂଲ୍ୟ ପ୍ରାୟ ୨୨ ହଜାର ଟଙ୍କା ଅନ୍ୟାନ୍ୟ କାର୍ଯ୍ୟର ମୂଲ୍ୟ ଅଳ୍ପ ଅଟଇ । ଓଡ଼ିଶାବାସିମାନେ ଅନ୍ୟାନ୍ୟ ବର୍ଷପରି ଏ ବର୍ଷ କେବଳ କୂଅ ଓ ପୁଷ୍କରଣୀ ଛଡ଼ା ଅନ୍ୟ କିଛି କାର୍ଯ୍ୟ କରି ନାହାନ୍ତି । ଏସବୁ କାର୍ଯ୍ୟର ମୂଲ୍ୟ କଟକଜିଲ୍ଲାରେ ଟ ୫୧୦ ୯ ପୁରୀରେ ଟ ୨୪୩୦ ଏବଂ ବାଲେଶ୍ୱରରେ ଟ ୭୦୧୭ ୯ ଙ୍କା ଅଟଇ । ଯେଉଁମାନେ ଦୁଇ ଶତ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କାର୍ଯ୍ୟ କରି ଅଛନ୍ତି ସେମାନଙ୍କ ନାମ ନିମ୍ନେ ଲେଖାଗଲା । ଯଥା

| କଟକ<br>କର୍ତ୍ତାର ନାମ | କାର୍ଯ୍ୟ | ଯେଉଁଠାରେ | ଖରଚ |
|---|---|---|---|
| ସ୍ତଳନ୍ଦୁ ବେହେରା | କୂଅ | ନଅବହାର | ଟ ୨୦୦ |
| ଦାଶରଥି ଦାସ | ପୁଷ୍କରିଣୀ | ପାଟିଆହାର | ଟ ୨୦୦ |
| | ପୁରୀ | | |
| ଦସ୍ତାନନ୍ଦ ପାତ୍ର | କୂଅ | ଭୁଇଁଟିଥପଦା | |
| | | ଗୋଲେଖା | ଟ ୨୦୮ |
| ନଟବରହୁଣ | ପୁଷ୍କରିଣୀ | ହରିହରପାଟଣା | |
| ଲକ୍ଷ୍ମଣ ପାତ୍ର | " | ଅଚ୍ୟୁତପୁର | |
| | | ବାଣପୁର | ଟ |
| ମାଧବ ସାହୁ | " | ଘଣ୍ଟଡ଼ା | ଟ ୭ |
| | ବାଲେଶ୍ୱର | | |
| ଧୃ ଚରଣ ଜେନା | " | ବୁଡ଼ାମ୍ବ | ଟ ୨୦୦ |
| ଜମାଲଦିନ | " | ମହୁଆମାଳ | ଟ ୫୦୦ |
| ଜାହ୍ନବୀଗିରି | " | ଖୁଣ୍ଟରାତ | ଟ ୨୩୫ |
| କାଶୀଦାସପଣ୍ଡା | " | ନାମଦାଗ | ଟ ୨୧୦ |
| ସୁନ୍ଦରଜାନସୁନ୍ଦରୀ ଜଣ୍ଡା | " | କାଦୁଣ୍ଡୋଲପୁର | ଟ ୨୫୦ |

Digitized by srujanika@gmail.com

| | | | |
|---|---|---|---|
| ଭୁଜଙ୍ଗଭୂଷଣପାତ୍ରୀ | . | ମୂଳ ଦଣ୍ଡ | ୫ ୪·୦ |
| ଜ୍ଞହେନ୍ଦ୍ରାଭିବ୍ୟଣପଣ୍ଡା ୪ଣ। | . | ଅଣଣାନ୍ଦ | ୫ ୩·୦ |
| ଭଗେମଣିକ ଲାନଜଲ ୪ଣ। | . | ଜାଉପୁଆଲ | ୫ ୨·୦ |
| ଶ୍ୟାଧରପାଣ୍ଡୁ ୭ଣ। | . | ଶୂନ୍ୟଦେଷ୍ଟ୍ର | ୫ ୨୪° |
| ଭୁଭଜଦନ ୫ଣ। | . | କଟକସାହି | ୫ ୮·୦ |
| ଲୁଷବେଓଂ। | . | ପଥଲବାଗ | ୫ ୪·୦ |
| କେଶବନାସ୍ବଣ୍ଡ | . | ଷାଟାଖିପଇବୀ | ୫ ୪·୦ |

---

## ବଙ୍ଗଳାର ଶିକ୍ଷାବିଭାଗ ।

ଏ ବିଭାଗର ସନ ୧୮୯୧।୯୨ ସାଲର ବାର୍ଷିକ ବିବରଣସମ୍ବନ୍ଧରେ ମାନ୍ୟବର ଲେଫ୍ଟେଣ୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁର ସାରାଂଶ ନିମ୍ନେ ପ୍ରକାଶିତ ହେଲା ।

ବର୍ତ୍ତିତବର୍ଷରେ ସରକାରୀ ଓ ବେସରକାରୀ ସମସ୍ତ ସ୍କୁଲର ସଂଖ୍ୟା ୬୭୮୨୪ ଛାତ୍ରସଂଖ୍ୟା ୧୫୩୨୯୬୫ ଥିଲା । ତହିଁ ପୂର୍ବବର୍ଷ ସ୍କୁଲ ଓ ଛାତ୍ରସଂଖ୍ୟା ଯଥାକ୍ରମେ ୬୫୯୫୦ ଓ ୧୪୬୮-୯୪୩ ଥିଲା । ସୁତରାଂ ବିଦ୍ୟାଳୟ ଓ ଛାତ୍ର ଉଭୟର ବୃଦ୍ଧି ସନ୍ତୋଷଜନକ ଅଟଇ । ମାତ୍ର ଉଚ୍ଚଶିକ୍ଷା କିଛି ଉଣା ଏବଂ ନିମ୍ନଶିକ୍ଷା ବୃଦ୍ଧି ହୋଇଅଛି । ସ୍ତ୍ରୀଶିକ୍ଷା ଗତବର୍ଷଠାରୁ ବୃଦ୍ଧି ହୋଇଅଛି । ଶିକ୍ଷାବୃଦ୍ଧି ସଙ୍ଗେ ବ୍ୟୟ ମଧ୍ୟ ପୂର୍ବବର୍ଷଠାରୁ ୨ ଲକ୍ଷ ଟଙ୍କା ବୃଦ୍ଧିହୋଇ ବର୍ତ୍ତିତବର୍ଷରେ ମୋଟ ୯୩ ଲକ୍ଷଟଙ୍କା ହୋଇଥିଲା । ଏଥିମଧ୍ୟରେ ଖାସ ସରକାରୀ ବ୍ୟୟ ପ୍ରାୟ ୨୫ ଲକ୍ଷ ବୋର୍ଡ଼ ଓ ମିଉନିସିପାଲିଟୀର ବ୍ୟୟ ୩୬ ଲକ୍ଷ ୬୯ ହଜାର ଏବଂସାଧାରଣ-ଙ୍କଙ୍କ ବ୍ୟୟ ୫୭ ଲକ୍ଷ ୬୩ ହଜାର ଟଙ୍କା ଥିଲା ।

ଇନ୍ସପେକ୍ଟରମାନଙ୍କ ଭ୍ରମଣକାର୍ଯ୍ୟରେ ମାନ୍ୟବର ଲେ: ହୋଇ ନାହାନ୍ତି ଏବଂ ଏଥିପାଇଁ ଆଦେଶ ଦେଇଅଛନ୍ତି କି ଯେଉଁ ଡେପୁଟୀ ଓ ସବ୍ ଇନସ୍ପେକ୍ଟରମାନେ ନିର୍ଦ୍ଦିଷ୍ଟକାଳର ଉଣା ମୋଫସଲ ଭ୍ରମଣ କରିବେ ସେମାନଙ୍କ ନାମରେ ରିପୋର୍ଟ ହେବ ।

ଜିଲ୍ଲାବୋର୍ଡମାନେ ଶିକ୍ଷାବିଭାଗସଙ୍ଗେ ଐକ୍ୟ ରହିଥିବା ଏବଂ ପରସ୍ପରର ସମ୍ବନ୍ଧ ଭଲ ଥିବାର ଅବଗତ ହୋଇ ମାନ୍ୟବର ଲେଫ୍ଟେ ଆନନ୍ଦିତ ହୋଇଅଛନ୍ତି ।

ଏ ବର୍ଷ ୩୪ ଗୋଟା କଲେଜ ଅଛି ତହିଁ-ମଧ୍ୟରେ ସରକାରୀ ୧୮ ମିଉନିସିପାଲିଟୀ ୧ ସାହାଯ୍ୟପ୍ରାପ୍ତ ୭ ଏବଂ ବେସରକାରୀ ୧୫ ଅଟଇ । ଏ ସମସ୍ତ କଲେଜରେ ୫୨୩୨ ଛାତ୍ର ଅଛନ୍ତି । ଗତବର୍ଷରେ ଅଙ୍କ ପ୍ରାୟ ଏହିପରି ଥିଲା । କିନ୍ତୁ ପରୀକ୍ଷାର ଫଳରେ ଅନେକ ତାରତମ୍ୟ ଦେଖାଯାଏ । ଏଫ, ଏ, ପରୀକ୍ଷା କ୍ରମାଗତ ସହଜ ଏବଂ ବି, ଏ, ଓ ଏମ, ଏ ପରୀକ୍ଷାମାନ କଠିନ ହେବାରୁ ପାସସଂଖ୍ୟା ଅସ୍ଥିର ହୋଇଅଛି । ପରୀକ୍ଷାର ମାପକାଠି ସମାନ ହେବାର ଉଚିତ । ଏ ବିଷୟରେ ଚେଷ୍ଟା କରିବା କାରଣ ଭାଇସଚାନ୍ସେଲରଙ୍କୁ ଅନୁରୋଧ ହୋଇଅଛି । କଲେଜର ଛାତ୍ରପ୍ରତି ଯେତେ ବ୍ୟୟ ପଡ଼ଇ ତାହା କ୍ରମାଗତ ଉଣା ହୋଇ ଆସୁଥିଲେହେଁ ସରକାରଙ୍କ ଖର୍ଚ୍ଚ ଗତ ଦୁଇବର୍ଷରେ ସମାନ ରହିଅଛି ।

ମଧ୍ୟମ ଶିକ୍ଷାର ଅବସ୍ଥା ପ୍ରାୟ ସମାନ ଅଛି ମାତ୍ର ମଧ୍ୟ-ଇଂରାଜୀର ଉନ୍ନତି ବିସ୍ତାର ଏବଂ ମଧ୍ୟ-ବଙ୍ଗଳାର ସଙ୍କୋଚ ଦେଖାଯାଏ । ପ୍ରବେଶିକା-ପରୀକ୍ଷାରେ ପୂର୍ବ ଦୁଇବର୍ଷଠାରୁ ଅଳ୍ପ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବେସରକାରୀ ଅଥବା ସାହାଯ୍ୟପ୍ରାପ୍ତ ଇଂରାଜୀସ୍କୁଲମାନ ଯେଉଁଠାରେ ଅଛି ସେଠାରୁ ସରକାରୀ ଜିଲ୍ଲାସ୍କୁଲ ଉଠାଇ ଦେବାର ଚେଷ୍ଟା କରିବା ଗବର୍ଣ୍ଣମେଣ୍ଟଙ୍କ ଶିକ୍ଷା-ନୀତି ଅଟଇ । ଏହି ବିଷୟଉପରେ ମାନ୍ୟବର ଲେଫ୍ଟେଣ୍ଟଙ୍କ ଅଭିପ୍ରାୟ ଏହି କି ଯେଉଁଠାରେ ବ୍ୟକ୍ତିବିଶେଷର ସ୍ଥାପିତ ଇଂରାଜୀସ୍କୁଲ ଅଛି ଏବଂ ତାହା ସ୍ଥାୟୀ ଏବଂ ଭଲରୂପେ ଚାଲୁଅଛି ସେଠାରେ ସରକାରୀ ହାଇସ୍କୁଲ ରଖି ତହିଁର ବ୍ୟୟ ଯୋଗାଇବା ଅନ୍ୟାୟ ଅଟଇ । ଏପରି ସ୍ଥଳେ ଜିଲ୍ଲାସ୍କୁଲକୁ ଉଠାଇଦେବାକୁ ହେବ । ଏପରି ସ୍କୁଲ ଉଠାଇଦେବାରୁ ହେଲେ ଶିକ୍ଷକମାନଙ୍କୁ ପେନସନ ଦେବାରେ ଅଯଥାବ୍ୟୟ ପଡ଼ିବ ବୋଲି ତଣ୍ଣିବାରଣସ୍ୱରୂପ ଶିକ୍ଷକମାନଙ୍କ ଅନ୍ୟବିଧ ପେନସନର ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ଅର୍ଥାତ୍ ଶିକ୍ଷକତା ପେନସନର ଯୋଗ୍ୟ ହେବ ନାହିଁ । ମଧ୍ୟ ଇଂରାଜୀ ଓ ମଧ୍ୟ-ଦେଶଭାଷାର ପରୀକ୍ଷାଫଳ ସନ୍ତୋଷଜନକ ନ ହେବାରୁ ପାଠ୍ୟପୁସ୍ତକର ତାଲିକା ସଂଶୋଧନ କରିବାର ପ୍ରସ୍ତାବ ହୋଇଅଛି ।

ବ୍ୟାୟାମଚର୍ଚ୍ଚା ଏବଂ ଶାରୀରଶିକ୍ଷାର ବନ୍ଦୋବସ୍ତ ସକଳବିଦ୍ୟାଳୟର ଦେଖି ବିଶେଷତଃ ଇଂଗ୍ଲିଶ୍ୟାନମାନଙ୍କର ବିଶେଷ ଅନୁରାଗ ପରିଚୟ ପାଇଁ ମାନ୍ୟବର ଲେଫ୍ଟେଣ୍ଟ ବଡ଼ ଆନନ୍ଦିତ ହୋଇଅଛନ୍ତି ଏବଂ ଆଶା କରନ୍ତି ଯେ ଦୁଇଏକ ପୁରୁଷ ଭିତରୁ ବଙ୍ଗାଳୀମାନଙ୍କର ଶରୀର ଦୃଢ଼ ଏବଂ ସବଳ ହେବ । ଛାତ୍ରାବାସର ବନ୍ଦୋବସ୍ତ ସକଳସ୍ଥାନରେ ନ ଥିବା ବିଶେଷତଃ କଲିକତାରେ ଅନେକ ଛାତ୍ର ହୋଟେଲ ପରି ଅସ୍ୱାସ୍ଥ୍ୟକର ବା ଆଉ ଅନ୍ୟ ବିପଦଜନକ ସ୍ଥାନରେ ରହିବା ବଡ଼ ଅନିଷ୍ଟଜନକ ଅଟଇ । ଏଥିର ପ୍ରତିକାରକୁ କରିବାକୁ ଲେଫ୍ଟେଣ୍ଟ ଆଶା କରନ୍ତି ।

ନିମ୍ନଶିକ୍ଷାର ବିସ୍ତାରନିମନ୍ତେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଚେଷ୍ଟା ଏବଂ ଏହା କ୍ରମଶଃ ବୃଦ୍ଧି ହେଉଥିଲେହେଁ ସବୁଜିଲ୍ଲାରେ ସମାନ ନୁହଇ । ସ୍କୁଲରେ ପଢ଼ିବାବୟସର ପିଲାଙ୍କମଧ୍ୟରୁ କେଉଁଠାରେ ଶତକଡ଼ା ୫୦ ଓ କେଉଁଠାରେ ୭୫ ମାତ୍ର । ଓଡ଼ିଶାର କଟକ ବାଲେଶ୍ୱରର ଶତକଡ଼ା ୪୦ ରୁ ଊର୍ଦ୍ଧ୍ୱ ମାତ୍ର ପୁରୀରେ ୨୦ ଓ ଗଡ଼ଜାତରେ ୧୨ ଅଟଇ ।

ଅଇନ ଡାକ୍ତରୀ ଇଞ୍ଜିନୀୟରିଂ ଓ ଶିଳ୍ପ ପ୍ରଭୃତି ବିଶେଷ ଶିକ୍ଷାର କ୍ରମଶଃ ଉନ୍ନତି ହେଉଅଛି କେବଳ ବି, ଏଲ ପରୀକ୍ଷାର ନିୟମ ବଦଳିବାରୁ ଆଇନଶ୍ରେଣୀର ଛାତ୍ର ଗତବର୍ଷରୁ ଉଣା ହୋଇଅଛି । କଟକ ସରବେସ୍କୁଲର ଛାତ୍ରସଂଖ୍ୟା ୭୨ ଠାରୁ ୪୨ କୁ ଖସି ଆସିବାର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ଯେଉଁମାନେ ପାସ କରିଅଛନ୍ତି ସେମାନେ କାର୍ଯ୍ୟ ନ ପାଇ ବସିଅଛନ୍ତି । ଓଡ଼ିଶାରେ ବର୍ତ୍ତମାନ ବନ୍ଦୋବସ୍ତ କାର୍ଯ୍ୟ ଲାଗିଥିବାସ୍ଥଳେ ଏପରି କହିବାକୁ ଭଲ ମାନ୍ୟବର ଲେଫ୍ଟେଣ୍ଟ ଚମକ ଉଠିଅଛନ୍ତି କିନ୍ତୁ ଏହା ପ୍ରଚାରର ବହୁ ନାହାନ୍ତି ।

ଇଉରୋପୀୟ ଏବଂ ମୁସଲମାନଙ୍କ ଶିକ୍ଷା କ୍ରମଶଃ ଅଗ୍ରସର ହେଉଅଛି ଏବଂ ଆଦିମଜାତିଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ଦେଖାଯାଏ । ପରିକ୍ଷି ପାରିବ ଏବଂ ସ୍ତ୍ରୀଶିକ୍ଷା କ୍ରମଶଃ ବଢ଼ୁଅଛି । ଫଳତଃ ଶିକ୍ଷାବିଭାଗର କାର୍ଯ୍ୟ ସକଳ ବିଷୟରେ ସନ୍ତୋଷଜନକ ହୋଇଅଛି ଏବଂ ତହିଁପାଇଁ ଡିରେକ୍ଟର ସାହେବ ଧନ୍ୟବାଦ ପାଇ ଅଛନ୍ତି ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଅତ୍ୟନ୍ତନାତ ଶୀତ ବୋଧହୁଏ ହେଉଅଛି । ଶୀତ ପୂର୍ବପ୍ରାୟ ରହିଅଛି ଏବଂ କୁହୁଡ଼ି ଅଧିକ ହୋଇଅଛି । କେବେକେବେ ଆକାଶରେ ଅଳ୍ପ ମେଘ ଦେଖାଯାଏ ।

ରେଲବେର ନକ୍ସା ଅଙ୍କ ହୋଇଅଛି ।

ଏ ନଗରର ସ୍ୱାସ୍ଥ୍ୟ ଭଲ ଅଛି । ମୋଫସଲର ଠାବେ ବସନ୍ତେ ରୋଗ ପାଇ ଥିବାରେ ଓଲଉଠା ସର୍ବତ୍ର ଶୁଣାଯାଏ ।

ଦେବାନନ୍ଦପାଠକ ବହିପାଲ ପଦ ... ହେବା ବିଷୟରେ କଟକର ଦେବୀମେଳ ତଳ ... 

Split by PDF Splitter

Digitized by srujanika@gmail.com

Split by PDF Splitter





## ADVERTISEMENT.

Wanted an experienced Head Master for the Eram Minor school. Salary Rs. 22 a month. Applications will be received by the undersigned up to the 20th Instant.

Bhudrak } Romanath Das,
2—1—93 } Sub-inspector of schools
Bhadrak.



ଗତ ସନ ୧୮୯୩ ମସିହା ଜାନୁଆରୀମାସ ତା ୯ ରଖ ସୋମବାର ଅନାଦ ଧର୍ମପୁସ୍ତକାଳୟରୁ କଳିକତାରୁ ପ୍ରଚାର ହେବ ଅବଧୂତ ମହାପ୍ରଭୁଙ୍କ ଅବପାଠଶାଳା ଓ ଗାଦ ସେବା ମାଉକମାଲଥଟ ଗାନ୍ଧବାସି ଯୋଗିଅବଧୂନ ଓ ବରମାହାରଣୀ ଛଷ ଏପର ଦୁଇଜଣଙ୍କ ସମ୍ମତ ରୂପ ହେଲୁଁ ଏହି ଦୁଇଜଣ ଉକ୍ତ ପାଠଶାଳା ଓ ଗାଦ ସେବାକର୍ମ ଚଳାଉଥିବେ ଏବଂ ଯେଉଁମାନଙ୍କର ଧର୍ମପୁସ୍ତକ ନେବା ସକାଶେ ଇଚ୍ଛା ହେବ ସେମାନେ ଉକ୍ତ ଧର୍ମପୁସ୍ତକ ସାତ ଖଣ୍ଡ ୭ ଶ୍ରେଣୀର ମୂଲ୍ୟ ଓ ଡାକମାସୁଲ ତକ୍ତ ଟ ୦।୬ ପଣା ଆମ୍ଭଙ୍କଠାରୁ ପ୍ରେରଣ କଲେ ପୁସ୍ତକ ପାଇ ପାରିବେ ଆମ୍ଭର ବସା ବ ଯେଉଁ ଠାରେ ରହିବୁଁ ସେସ୍ଥାନ କଲିକତା ଚିତପୁର-ରୋଡ଼ ଅବବ୍ରାହ୍ମସମାଜ ନିକଟରେ ହେବ ଯେଉଁମାନେ ଆମ୍ଭନିକଟକୁ ପଇ ଜମା ଧର୍ମପୁସ୍ତକ ନେବାକୁ ଇଚ୍ଛା କରିବେ ସେମାନେ ପଇ ଓ ମୂଲ୍ୟ ଦୁଇଟେଙ୍କା ସମାଜର ଆଚାର୍ଯ୍ୟ ଦେବେନ୍ଦ୍ର-ନାଥ ଠାକୁରଙ୍କ ନିକଟରେ ପ୍ରେରଣ କଲେ ଆମ୍ଭେ ଶ୍ରୀ ଗଙ୍ଗାଧରଙ୍କଠାରୁ ଅବଧୂତ ମହାପ୍ରଭୁ ପ୍ରତ୍ୟକ୍ଷ ପ୍ରାପ୍ତ ହେବୁଁ ।

ବଙ୍ଗଦେଶର ପ୍ରଜାସ୍ୱତ୍ୱବିଷୟକ ୧୮୮୫ ସାଲର ୮ ଆଇନର ଉତ୍କଳପ୍ରଦେଶରେ ପ୍ରଚଳିତ ଧାରାମାନ, ଉକ୍ତ ଧାରାମାନଙ୍କ ସହିତ ଅପର ଯେଉଁ ଧାରାମାନଙ୍କର ବିଶେଷ ସମ୍ପର୍କ ଅଛି ସେ ଧାରାମାନ ଓ ଉକ୍ତ ଆଇନର ସମସ୍ତ ସୂଚୀ ଓ ତପସିଲ ଉତ୍କଳଭାଷାରେ ଅନୁବାଦିତ ହୋଇ ପ୍ରତିଖଣ୍ଡ ଟ ୦ ୫ ମୂଲ୍ୟରେ ବାଲେଶ୍ୱର କଟକ ଓ ପୁରୀ ଜିଲ୍ଲାମାନଙ୍କର କଲେକ୍ଟରୀ କଚେରୀ ଓ କଟକ ମୁକାମ କମିଶନରୀ କଚେରୀରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଇତି ।

କଟକ } *Sd.* Gopal Bulbah Das.
୨୪-୧୨-୯୨ } Personal Assistant to Commissioner.



# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

G. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Reader's No. I to IV.

Manual of Geography.

Wall-maps and Atlases.

To be had of the Secretay, Printing Company, Durgha Bazar, Cuttack.

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରୀ ପରୀକ୍ଷାର ପାଠ୍ୟ କବିତାକୁସୁମର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଚାରିଅଣା । ଏହି ସଂସ୍କରଣରେ ଭ୍ରମମାନ ସଂଶୋଧିତ ଓ ସ୍ଥଳବିଶେଷ ଆବଶ୍ୟକବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାହୁଲ୍ୟଭାବରେ ଅର୍ଥ, କବିତାପାଠ ଓ ଅନ୍ୱୟ-କରଣି ଦିଆ ପ୍ରଦତ୍ତ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଭୂଗୋଳପାଠ ଏବଂ ବଙ୍ଗାଳପ୍ରଦେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଭୂଗୋଳପାଠର ମୂଲ୍ୟ ଟ ୦।୶ ଏବଂ ବଙ୍ଗାଳପ୍ରଦେଶର ମୂଲ୍ୟ ଟ ୦୶୨ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭ-ପରିମିତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୶ ଏବଂ ସୁଲଭପରିମିତିର ମୂଲ୍ୟ ଟ ୦।/ ।

ସୀତାନାଥରାୟଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଛାତ୍ରବୃତ୍ତି ବାଳକମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଆସୁଅଛନ୍ତି ।

ସଂକ୍ଷିପ୍ତ ଭାରତଇତିହାସର ସ୍ଥୂଳ ଅର୍ଥ-ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୵ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।








TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

The best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest pr[ice]. They only make the case worse and in m[any] cases the disease is difficult to cure.

Hæmetic Syrup gives Vigour, imp[roves] the Strained Powers of the Intellect, understanding, makes the mind Imagi[native] and active, and improves Retentive Po[wer].

Hæmatic Syrup is a miraculous preparation for the Purification of Blood, fo[r] Renovation of Deranged and Broken (



Digitized by srujanika@gmail.com

titutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex, restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infaliable remedy for Bilious disorders of any kind such as Indigestion, Dyspepsia, Loss of Appetite, Acididity, Costiveness, Head ache, Disturbed Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10 and Rs. 2-4 only.

Apply to
Dr. P. MARTIN,
41. Bhawani Charan Dutta's Lane,
Calcutta.

---

ହତାଶ ପ୍ରାଣର ଏକମାତ୍ର ଆଶା !
ଡା, ଗାରେଟ ଏଣ୍ଡ କୋମ୍ପାନୀଙ୍କର
ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

## ଡିବିଲିଟି ଡ୍ରପ ।

ଡାକ୍ତର, କବିରାଜ ପ୍ରଭୃତି ଯେଉଁ ମେହରୋଗକୁ ଅସାଧ୍ୟ ବୋଲି ସ୍ଥିର କରିଥିଲେ । ଅନେକ ୨୦ ୩୦ ବର୍ଷ ହେଲା ଉପଦଂଶ ଓ ଅନେକାନେକ ପ୍ରକାର ମୂତ୍ରଯନ୍ତ୍ରସମ୍ବନ୍ଧୀୟ ମହାଦୌର୍ବଲ୍ୟରେ ଥିବା ପୀଡ଼ାର ପ୍ରକୃତ ଔଷଧ ଯାହା ସ୍ଥିର ହୋଇଅଛି ସେ ସବୁର ସାହାଯ୍ୟରେ ଏହି ମହୌଷଧ ଅଦ୍ଭୁତ । ଯେଉଁମାନେ ଧାତୁଗତ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଅବ୍ୟର୍ଥ ହୁଏ ନାହିଁ କୌଣସି ଯାହାଙ୍କର ଉଦରରେ ବୃଦ୍ଧ ଦଶାର ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁ ଦୌର୍ବଲ୍ୟ (ଅତିରିକ୍ତ ପରିଶ୍ରମ ବା ମସ୍ତିଷ୍କ ଚାଳନାରୁ) ଯୌବନରେ ନାନାବିଧ ଅତ୍ୟାଚାର ଜନିତ ହସ୍ତମୈଥୁନାଦି କଠିନ ନାନା ପୀଡ଼ା, ମେହ ପ୍ରମେହଜନିତ ୨୦ ପ୍ରକାର ମେହ, ବହୁମୂତ୍ର ଧାତୁ ପୀଡ଼ା, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଶୈଥିଲ୍ୟ, ଶୀଘ୍ରପତନ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବିନା ଉତ୍ତେଜନାରେ ରେତଃପାତ, ଉଷ୍ଣ ହେଲେ ଅନୁଦମନ, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ୍ର ବା ପଶ୍ଚାତରେ ବାହାରେ ଶୁକ୍ରକ୍ଷରଣ ବା ସପୂଜଧାତୁ ନିର୍ଗତ, ଜଳବତ୍ ତରଳ, ପ୍ରସ୍ରାବରେ ଜ୍ୱାଳାକର, ମୂତ୍ରମୂତ୍ର ଶ୍ୱେତ ଓ ପାଣ୍ଡୁର ବର୍ଣ୍ଣ ଧାତୁ ନିର୍ଗତ । ତଦ୍‌ଦ୍ୱାରା ଦୁର୍ବଳତା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଚକ୍ଷୁଦାହ, ମନୋଭଙ୍ଗ, ସ୍ମୃତିହୀନତା, କ୍ଲୀବ, ନାନାରୋଗ ଜ୍ୱାଳା ଇତ୍ୟାଦି ହୁଏ (ସ୍ତ୍ରୀ ଓ ପୁରୁଷଙ୍କ) କରୁଥିବା ମୂତ୍ରଯନ୍ତ୍ର ସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେତେବେଳେ ନୂତନ ଓ ପୁରାତନ ହେଉ ଏହାମାତ୍ର ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ । ଅଥଚ ଅତ୍ୟାଚାରରେ ଥିବା ପୀଡ଼ା ଅଧିକ ହେବ ନାହିଁ । ଏକମାତ୍ର ସେବନୋପଯୋଗୀ

ମୂଲ୍ୟ ଶିଶି ଟ ୨ ଟଙ୍କା । ଡାକ୍ତମାସୁଲ ଟ ୦ । ୧୦ ଅଣା । ଔଷଧପ୍ରାପ୍ତି ଠିକଣା, —

ଡା, ଗାରେଟ ଏଣ୍ଡ କୋ
୯୧ କଲୁଟୋଲା ଷ୍ଟ୍ରିଟ, କଲିକତା ।

---

## ଅଭାବନୀୟ ବ୍ୟାପାର, ଅପୂର୍ବ୍ବ ଉପହାରକାଣ୍ଡ !

## ଘଡ଼ି ପୁରସ୍କାର ।



ଜନ୍ମୋତ୍ସବ ଉପଲକ୍ଷେ କେତେ ଏକଜଣରେ ଏକସାଙ୍ଗରେ ୧ କ୍ୟାଟଲଗ ଏକଡଜନ ଅର୍ଥାତ୍ ୧୨ ଗୋଟା ବସ୍ତୁ କ୍ରୟ କଲେ ତାହାଙ୍କୁ ଗୋଟିଏ ରୂପାର ଲେଭର ଲେଟ୍‌ଷ୍ଟ୍ ଲେଡ଼ି ବା ଜେଣ୍ଟ ଘଡ଼ି ଉପହାର ଦିଆଯିବ ଏବଂ ଅର୍ଦ୍ଧ ଡଜନ ଅର୍ଥାତ୍ ୬ ଗୋଟା କ୍ରୟ କଲେ ଗୋଟିଏ ଟାଇମ୍‌ପିସ ଘଡ଼ି ଉପହାର ଦିଆଯିବ । ମୂଲ୍ୟ ଅଗ୍ରୀମ ପଠାଇଲେ, ଅଥବା ସ୍ପଷ୍ଟାକ୍ଷରରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରାଯାଏ ଅତାପ୍ ଲିଖ ହୁଏ ।

### ଜଗତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

### "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଆମେରିକାରୁ ନଗଦଦାମରେ ଅନ୍ତୁତ ନୂତନ ଆସିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନୀ ହୋଇ ନ ଥିଲା । ଏହା ଅତି ଚମତ୍କାର ଜିନିଷରେ ନିର୍ମିତ, ଦେଖିବାକୁ ଆକାରରେ ଠିକ ଗୋଟିଏ ପକେଟବହି ପରି ପକେଟରେ ନିଆଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବାକୁ ନମ୍ବରେ ଦିଆସିଲି କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ସେଉ ଟିପିଲେ ତତକ୍ଷଣାତ୍ ଜଳିଉଠେ ଏବଂ ଇଚ୍ଛାନୁସାରେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପକୁ ଗୋଟିଏ ଲେଖାଏଁ ରଖିବା ଉଚିତ । ବଡ଼ ଲେମ୍ପର ମୂଲ୍ୟ ଟ ୪୮ ଙ୍କା । ଗୋ ୬ ଟାକୁ ଟ ୨୪ ଙ୍କା ଗୋ ୧୨ ଟାକୁ ଟ ୪୦ ଙ୍କା ।

### ପକେଟ ଷ୍ଟିକ (ବାଡ଼ି)

ଏହି ବାଡ଼ି ଜର୍ମ୍ମାନଦେଶୀୟ ଉପାୟରେ ତିଆରି ହୋଇ ବଜାରକୁ ନୂତନ ଆମଦାନୀ ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ନିଆଯାଇ ପାରିବ । ପ୍ରୟୋଜନ ବେଳେ ସେଥି ଟାଣିଲେ ବାଡ଼ି ବିସ୍ତୃତ ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ଟ ୪, ଅର୍ଦ୍ଧଡଜନକୁ ଟ ୨୧୮ ଙ୍କା ୧୨ ଖଣ୍ଡକୁ ଟ ୪୮ ଙ୍କା ।

### "ଷ୍ଟାରପ୍ରତି ଅଙ୍ଗୁଷ୍ଟ ।"

ଏହି ଅଙ୍ଗୁଷ୍ଟ (ମୁଦି) ଜର୍ମ୍ମାନଦେଶରୁ ଆଗତ, କେବେନ୍ଦ୍ରିଅନ ସ୍ୱର୍ଣ୍ଣରେ ଗଠିତ, ଗୋଲଡ଼ିଣ୍ଟିହୀରା ଜଡ଼ିତ, ଦେଖିବାକୁ ମନୋହର, ରଙ୍ଗ ଚିରସ୍ଥାୟୀ, ବ୍ୟବହାରରେ ଉଜ୍ଜ୍ୱଳତା ବୃଦ୍ଧି ହୁଏ, କଷିଲେ ୧୬।୧୭ ଟଙ୍କା ଭରିର ସୁନା ସହିତ ଐକ୍ୟ ହେବ । ଏହା ଦେଖିଲେ କେହିଟଙ୍କା ଖର୍ଚ୍ଚ କରି ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ କରିବ ନାହିଁ, ଏହି ଜନମନୋହର ଅଙ୍ଗୁଷ୍ଟର ସୁଲଭ ମୂଲ୍ୟ ଟ ୧୫ ଙ୍କା ଅର୍ଦ୍ଧ ଡଜନକୁ ଟ ୪୮ ଙ୍କା ଏକ ଡଜନକୁ ଟ ୧୬୫ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।
ପି, ଲେଜାର୍ସ ଏଣ୍ଡ କୋମ୍ପାନୀ
୪୧—୧ ନମ୍ବର ଭବାନୀଚରଣ ଦତ୍ତଙ୍କ ଲେନ
କଲିକତା,

P. LEZARS & Co.
41—1 Bhawani Ch. Datias Lane
Calcutta.

---

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଛାପାଖାନାର ସେଟ ବଡ଼ ଶୂନ୍ୟଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମ୍ଭବରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

---

## ବିଚ୍ଚମସାହେବଙ୍କ ବଟିକା
## (BEECHAM'S PILL.)

ଫଳ ବିବେଚନାରେ ଏକ୨ ଗିନିଆର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲିଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥ [illegible] ପ୍ରସ୍ତୁତ ହୋଇ ଅଛି । ଏଥିରେ ପାର[illegible] ଇତ୍ୟାଦି ବସ୍ତୁ ବା ଧର୍ମହାନିକର ଦ[illegible] ନାହିଁ । ଏହା ସବୁ ଦାନରେ ପ୍ରସ୍ତୁ[illegible] ନାହିଁ କଲରେ ପ୍ରସ୍ତୁତ ହୋଇଅ[illegible]

ସକଳ ବୟସର ସ୍ତ୍ରୀ ପୁ[illegible] ସମାନ ଉପକାରୀ ବୋଲି ପ୍ର[illegible] ଥରେ ପରୀକ୍ଷା କଲେ [illegible] ପାରିବ ।

ଉଦରାମୟ, ଶାଜ[illegible] ମୂତ୍ରକୃଚ୍ଛ୍ର, ରୋଗ[illegible] ପକ୍ଷିଘାତ ଓ ଶୀତଳ[illegible]

Digitized by srujanika@gmail.com

ଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧା ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପରଶ୍ୱାର ଓ ଦେହପୁଷ୍ଟି ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହୋମିଓପ୍ୟାଥିକ ଓ ଏଲୋପ୍ୟାଥିକ ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ଫାଇଲ ଆକାର ଅନୁସାରେ ୯୦୫ ୬୦୬ ଓ ୬୦ ଅଛି । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସୀମାନଙ୍କ ସୁବିଧାର୍ଥେ ଆଜକୁ ପ୍ରାୟ ଆଠବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏଇ । ଏତଦ୍ଭିନ୍ନ ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସହର ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଅମ୍ଭମାନଙ୍କ ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ [illegible]ହାର ଯଥାଯୋଗ୍ୟ ଔଷଧ ପଠାଇବୁଁ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନକୁ [illegible]ଦ ପଠାଇବାକୁ ହୁଏ ତହିଁର ଦ୍ରବ୍ୟ [illegible]ଦର ଉପରେ କଣ ପଠାଇବାର ପର[illegible]ଶତକଡ଼ା ୬ ୭। ହିସାବରେ ନିମ[illegible]କଙ୍କଠାରୁ ନିଆଯାଏ । କେବଳ [illegible]ଖର୍ଚ୍ଚ ପଠାଇଲେ ଔଷଧ ଓ [illegible]ଇବଲ ଡାକରେ ମଧ୍ୟ [illegible]ବଂ ବା ଇନସିଓରେନ୍ସ [illegible]ବ ପଠାଇବାକୁ ବା [illegible] ନ ପଠାଇଲେ [illegible]

ଟଙ୍କା, କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାଉଡ଼ାର ଟେଲ—ଏହା ବ୍ୟବହାର କଲେ ମସ୍ତକର କଣ୍ଡୁ ଓ ଖାଣ୍ଡାବିଜାଙ୍କୁ ଦୂର ହୋଇ ଦେହ ଓ ମସ୍ତିଷ୍କ ସ୍ନିଗ୍ଧ ହୁଏ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତମଞ୍ଜନ—ଦାନ୍ତ କୁଞ୍ଚାଣ ପାଇଁ ଦନ୍ତ ପ୍ରଯୋଗ କଲେ ଜ୍ୱାଳା ଯନ୍ତ୍ରଣା ଦନ୍ତମାଡ଼ିରୁ ରକ୍ତ ଯାଏ ନାହିଁ । ପ୍ରତି କୌଟାର ମୂଲ୍ୟ ଚାରିଅଣା ମାତ୍ର ।

୩ । ଧୂଳସଂହାରିଣୀ—ଏହା ଯଥାବିଧି ସେବନ କଲେ ଯେ ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାଶୟ ) ଓ ବମନାଦି ଅନ୍ୟ ସମସ୍ତ ଉପସର୍ଗ ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧତାଜାତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ଚକ୍ଷୁରେ ଶିରଃପୀଡ଼ା ଓ ଦୁର୍ବଳତା ଉପଶମ ହୁଏ ।

ଏହା ଉଦ୍‌ବେଗ କରେନାହିଁ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଡ଼ମସାଇଲ ପଦ୍ୟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ଜଙ୍ଗଲ ଓ ପାଙ୍ଗଣାଦି ଜ୍ୱର, ପ୍ଳୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିଦ୍ରିତ ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ବର୍ଦ୍ଧିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅତ୍ୟଧିକ ଅତ୍ୟାଚାର, କଦାଚାର ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁଆ, ଗାତ୍ର କଣ୍ଡୁବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରେ ଓ ଲକ୍ଷଣମାନ ସୁଦ୍ଧା ବ୍ୟବହାର କଲେ ଅଚିରେ ହୋଇ ସାଲସାର ରକ୍ତ ପରିଷ୍କାର ଓ ଶୋଭାଯୁକ୍ତ ହୁଏ । ସୁସ୍ଥସବଳରେ ମଧ୍ୟ ରକ୍ତ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ୍ତ ବେଦନା ଓ ସ୍ୱଭାବ ଏହା ସେବନରେ ଆରୋଗ୍ୟ ହୁଏ । ଆଠ ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

| | |
|---|---|
| ବାଲୁବଜାର, କଟକ ଔଷଧଭଣ୍ଡାର । | ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S. |

---

## ବିଜ୍ଞାପନ ।

ଉତ୍କଳ ସ୍ଥିତ ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଦେଗ୍ଲାଶଙ୍କର ଘରକ କମ୍ପାନି ଡାକ୍ତରଙ୍କ ବାବୁ ଅନ୍ତର୍ଭୁକ୍ତ ଦର ତାଲିକା ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୦ ପଣ | ବାଣ୍ଡ [illegible] | [illegible] | [illegible] |
| ୧୫ ପଣ | „ | [illegible] | „ [illegible] |
| ୧୨ ପଣ | „ | [illegible] | „ [illegible] |
| ୨୨ ପଣ ଡବଲଫଲସ୍ କେପ୍ „ | [illegible] | | „ [illegible] |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍କଳପତ୍ରିକାର ଦପ୍ତର ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଉତ୍କଳଦୀପିକା ଓ ସମ୍ବାଦ ଓ ରେଭେନ୍ୟୁରେର ଲଗା ଓ ଷ୍ଟାମ୍ପକାଗଜ ଓ ଅନ୍ୟ ଅନ୍ୟ ସମସ୍ତ ପତ୍ରପତ୍ରିକା ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ପୁସ୍ତକ ଉଚିତ ଦରରେ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ହେବ ଅମ୍ଭମାନଙ୍କର ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଚାଲିରୁ କେହିହେଲେ ଆଉ ଆମ୍ଭ ନାଁରେ ଉତ୍କଳ ଦୋକାନର ଜାଲ ପଟାଇଲେ ରହିବେ ନାହିଁ ଆମ୍ଭ ଉପରେ ନାଲିସ କରିଲେ ମଞ୍ଜୁର ହେବ ଓ ଉଲ ଧରତ ନାହିଁ ।

ବଳେଶ୍ୱର ଦମଣି ଓ ଖାଟନିର ଲୋକଙ୍କର ନାଲ ମଧ୍ୟ ଅଛି ।

ଅଲ୍ପବେତନ ବଜ ଜମାଦାର

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପାଇଁ

| | |
|---|---|
| ପ୍ରତିପଙ୍କ୍ତି | ୬ ୦/୦ |
| ଅଧସ୍ତମ୍ଭ | ୬ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୬ ୧୦ |

ମାତ୍ର ନୋଟିସ କଣ୍ଟ୍ରାକ୍ଟ ଯେତେ ଛୋଟ ହେଲେ ଚାର୍ଜ ଖର୍ଚ୍ଚା ୬ ୦୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଙ୍କ ଅର୍ଦ୍ଧେକ ହେବ ଓ ତତ୍ପରେ ପଞ୍ଚମାଂଶ ହେବ ।

ଅଧିକ ଦିନ ସକାଶେ ଷାଣ୍ମାସିକ ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଅଳକ୍ଷରେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ବିଦ୍ୟାଧରପୁର ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୫ | ସଂଖ୍ୟା ୨ | ତା ୧୮ ଏଣ ମାହେ ଜାନୁଆରୀ ସନ ୧୮୯୦ ଖ୍ରିଷ୍ଟା । ମୂ । ମାଘ ତା ୨ ରିଖ ୧୨୯୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦେୟ ଟ ୬

## ବିଜ୍ଞାପନ ।

ଓଡ଼ିଆ

ସନ ୧୨୯୭।୯୮ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।
ବଡ଼ ଖଣ୍ଡକୁ ଟ ୦।୵ ଡାକମାସୁଲ ଟ ୦/
ଛୋଟ ଖଣ୍ଡକୁ ଟ ୦/ ଡାକମାସୁଲ ଟ ୦୲

---

ଆଗାମି ଓକାଲତି ଓ ମୁକ୍ତାରି ପରୀକ୍ଷାମାନ ଆଗାମି ଫେବ୍ରୁଆରୀମାସ ତା ୧୫,୧୬ ଓ ୧୭ ତାରିଖମାନଙ୍କରେ ଗୃହୀତ ହେବାର ଧାର୍ଯ୍ୟ ହୋଇ ଅଛି । ଓକାଲତି ପରୀକ୍ଷା କେବଳ କଲିକତାରେ ଗୃହୀତ ହେବ ମାତ୍ର ମୁକ୍ତାରି ପରୀକ୍ଷା କଲିକତା ପାଟନା, ଢାକା, କଟକ, ଗୌହାଟି ଓ ସିଲହଟରେ ନିଆଯିବ ।

---

ଅଳ୍ପଦିବସ ପୂର୍ବେ କଲିକତା ବିଶ୍ୱବିଦ୍ୟାଳୟର କେତେକଜଣ ସଭ୍ୟ ପ୍ରସ୍ତାବ କରିଥିଲେ ଯେ ଇଂରାଜୀବିଦ୍ୟାଳୟର ଛାତ୍ରମାନେ ନିୟମିତ ବ୍ୟାୟାମ ଅଭ୍ୟାସ କରିଥିବାର ସାର୍ଟିଫିକଟ ନ ଦେଖାଇଲେ କୌଣସି ପରୀକ୍ଷା ଦେବାକୁ ସମର୍ଥ ହେବେ ନାହିଁ । ସମ୍ପ୍ରତି ଉକ୍ତ ପ୍ରସ୍ତାବ ବିଶ୍ୱବିଦ୍ୟାଳୟର ସେନେଟ ସଭାରେ ନାମଞ୍ଜୁର ହୋଇଅଛି । ବିଶ୍ୱବିଦ୍ୟାଳୟର ଏରୂପ ନିୟମ କରିବା ଅନଧିକାର ଚର୍ଚ୍ଚା ବୋଲି ଆମ୍ଭେମାନେ ଆଗରୁ କହିଥିଲୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଡାକ୍ତର ଗୁରୁଦାସ ବାନୁର୍ଯ୍ୟା ନିୟମିତକାଳ ପ୍ରଶଂସନୀୟରୂପେ କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍‌ଚେନସଲର୍ ପଦର କାର୍ଯ୍ୟ ନିର୍ବାହକର ପରିତ୍ୟାଗ କରିବାରୁ ହାଇକୋର୍ଟର ବିଚାରପତି ମାନ୍ୟବର ପିଗଟ ସାହେବ ସେ ପଦରେ ନିଯୁକ୍ତ ହୋଇଅଛନ୍ତି । ପିଗଟସାହେବଙ୍କ ଯୋଗ୍ୟତାବିଷୟରେ କୌଣସି ସନ୍ଦେହ ନାହିଁ ଏବଂ ତାହାଙ୍କର ନିୟୋଗ ସମସ୍ତଙ୍କର ମନୋନୀତ ହେବ କିନ୍ତୁ କେହି ଦେଶୀୟ ଲୋକ ନିଯୁକ୍ତ ହୋଇଥିଲେ ଅଧିକ ଆନନ୍ଦର ବିଷୟ ହୋଇଥାନ୍ତା ।

---

କଲିକତାର ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ ଯେ ମାଲଗିରର ରାଜା ତୀର୍ଥାଟନରେ ବାହାରି କଲିକତାରେ ଥିବା ସମୟରେ ବଡ଼ଲାଟ ମହୋଦୟଙ୍କ ସହିତ ଗବର୍ଣ୍ଣମେଣ୍ଟ ହାଉସରେ ସାକ୍ଷାତ୍ କରିବାର ଅନୁମତି ପାଇ ଗତ ଡିସେମ୍ବରମାସ ତା ୨୭ ରିଖରେ ସାକ୍ଷାତ୍ ଲାଭ କରିଅଛନ୍ତି । ସାକ୍ଷାତରେ କି କଥାବାର୍ତ୍ତା ହେଲା କିଛି ପ୍ରକାଶ ପାଇ ନାହିଁ । ମେନେଜର ରିକେଟ ସାହେବ ରାଜାମହୋଦୟଙ୍କ ସଙ୍ଗରେ ଯାଇଥିଲେ । ସାହେବ ମେନେଜର ରହିବାରୁ ଏ ଫଳଲାଭ ହୋଇଅଛି ।

---

ବଙ୍ଗଳାର ଅବକାରୀକମିଶନର ଓଏଷ୍ଟମାକଟ ସାହେବ ପ୍ରେସିଡେନ୍ସି କମିଶନର ହେଲେ ତାହାଙ୍କ ସ୍ଥାନରେ ଶ୍ରୀଯୁକ୍ତ ମାଷ୍ଟର ସାହେବ କଲେକ୍ଟରଙ୍କର ନିଯୁକ୍ତ ହେବାର କଥା ଥିଲା । ସମ୍ପ୍ରତି ଶୁଣାଯାଉଅଛି ଯେ ଶ୍ରୀଯୁକ୍ତ କୃଷ୍ଣଗୋବିନ୍ଦଗୁପ୍ତ ଏ ପଦ ପାଇବେ । ଗୁପ୍ତ ସାହେବ ଏଥିପୂର୍ବେ ଥରେ ଅଳ୍ପଦିନ ସକାଶେ ଅବକାରୀକମିଶନର ହୋଇଥିଲେ । ମାତ୍ର ଏଣିକି ସେପଦର ମର୍ଯ୍ୟାଦା ଓ ବେତନ ଊଣା ହୋଇଅଛି । ସୁତରାଂ ଗୁପ୍ତସାହେବଙ୍କର ଏଥିରେ ବିଶେଷ ଉନ୍ନତି ହେବାର ବୋଧ ହେବ ନାହିଁ । ସେ ବିଭାଗୀୟ କମିଶନର ହେଲେ ଆମ୍ଭେମାନେ ଆନନ୍ଦିତ ହେଉଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବିଲାତ ପାର୍ଲିୟାମେଣ୍ଟ ସଭାର ଜଣେ ସଭ୍ୟ ଶ୍ରୀଯୁକ୍ତ ସମରସ ସାହେବ ଗତ ବଡ଼ଦିନ କନଗ୍ରେସ ସମୟରେ ଏଲାହାବାଦଠାରେ ମାନବଲୀଳା ସମ୍ବରଣ କଲେ । ସାହେବ ମହୋଦୟଙ୍କର ଭାରତପ୍ରତି ବଡ଼ ଅନୁରାଗ ଥିଲା ଏବଂ ଜାତୀୟ ମହାସମିତିର ଅଧିବେଶନ ଦେଖିବାର ବିଶେଷ କାର୍ଯ୍ୟରେ ସେ ଏ ଦେଶକୁ ଆସିଥିଲେ । ପାର୍ଲିୟାମେଣ୍ଟ ସଭାରେ ଭାରତବନ୍ଧୁଙ୍କ ସଂଖ୍ୟା ଅଳ୍ପ, ତେଣୁ ଏହାଙ୍କର ମୃତ୍ୟୁରେ ଆମ୍ଭମାନଙ୍କର ଭାରି କ୍ଷତି ହୋଇଅଛି ।

---

Digitized by srujanika@gmail.com

ଗତ ବର୍ଷର ଲାଟବନ୍ଦରେ ପ୍ରାୟ ପାଞ୍ଚଶତ ମାହାଲର ଖଜଣା ଦାଖଲ ହୋଇ ନ ଥିବାରୁ ନିଲାମରେ ଉଠିଅଛି ଓ ଆସନ୍ତା ମାର୍ଚ୍ଚମାସ ତା ୧୦ ରଖରେ ନିଲାମ ହେବାର ଧାର୍ଯ୍ୟ ହୋଇଅଛି। ଏଥିମଧ୍ୟରେ ଅଧିକାଂଶ ବାତ୍ୟାପୀଡ଼ିତ ଅଞ୍ଚଳର ମହାଲ ଅଟଇ। ମନିଅର୍ଡ଼ର ବିଲମ୍ବରେ ପହୁଞ୍ଚିବା ମାହାଲର ସଂଖ୍ୟା ଏଥର ଅଳ୍ପ ଅଟେ। ପୂର୍ବେ ମନିଅର୍ଡ଼ରଦ୍ୱାରା ପ୍ରେରିତ ଖଜଣା ବିଲମ୍ବରେ ପହୁଞ୍ଚିବା ଦୋଷରେ ଅନେକ ମାହାଲ ନିଲାମରେ ଉଠିଥିବାରୁ ଓ ଦୁଇଟିର ଗୋଟି ନିଲାମ ହୋଇ ଯାଇଥିବାରୁ ଜମିଦାରମାନେ ଏଥର ସତର୍କ ହୋଇ ତତ୍କାଳ ମନିଅର୍ଡ଼ର କରିଅଛନ୍ତି ଓ ସର୍ବଦା ଏପରି ସତର୍କ ହେବା ଉଚିତ।

---

ଗବର୍ଣ୍ଣମେଣ୍ଟଙ୍କକର୍ତ୍ତୃକ ନବବର୍ଷାରମ୍ଭର ବାର୍ଷିକ ଉପାଧି ବିତରଣ ଏଥର ବଙ୍ଗପ୍ରଦେଶସ୍ଥିତ ବଡ଼ ଅନୁକୂଳ ନୁହଇ। ଗତ କଲିକତାଗେଜେଟରେ ଯେଉଁ ଉପାଧି ତାଲିକା ବାହାରିଅଛି ତହିଁରେ ସରକାରୀ କର୍ମଚାରୀ ଛଡ଼ା କେବଳ ଦୁଇଜଣ ଅର୍ଥାତ୍ ଦ୍ୱାରଭଙ୍ଗାର ଜମିଦାର ମହାରାଜା ହରବଲ୍ଲଭନାରାୟଣ ସିଂହ ସି, ଆଇ, ଇ ଉପାଧି ଏବଂ ବଗୁଡ଼ାର ଜମିଦାର ଚୌଧୁରୀ ଅବଦୁସ ସୋବାନ ନବାବ ପଦ ପାଇ ଅଛନ୍ତି। ମହାମହୋପାଧ୍ୟାୟ ପଦବୀ ଏଥର କେହି ପାଇ ନାହାନ୍ତି। ସରକାର କେବଳ ଆପଣା କର୍ମଚାରୀମାନଙ୍କୁ ପଦରେ ଭୂଷିତ କରିବାର ତତ୍ପ୍ରକାର ଯୁକ୍ତିମାତ୍ର ଆମ୍ଭେମାନେ ବୁଝିପାରନ୍ତୁ ନାହିଁ। ପ୍ରଶଂସନୀୟ ବେସରକାରୀ ଲୋକଙ୍କ ମର୍ଯ୍ୟାଦା ବଢ଼ାଇବା ଅଭିପ୍ରାୟରେ ପଦ ଦାନ କରିବା ବାଞ୍ଛନୀୟ।

---

ଆମ୍ଭମାନଙ୍କର ବର୍ତ୍ତମାନ ଲେଫ୍ଟେନାଣ୍ଟ ସର, ଚାର୍ଲସ ଇଲିୟଟ ଦେଶୀୟ ଲୋକଙ୍କ ସୁଶିକ୍ଷାବିଷୟରେ ବିଶେଷ ଯତ୍ନବାନ୍ ଏକଥାର ପ୍ରମାଣ ଆବଶ୍ୟକ ନ ଥିଲେ ମଧ୍ୟ ତାହାଙ୍କର ନବସ୍ଥାପିତ ବୈଜ୍ଞାନିକ ଚର୍ଚ୍ଚାର ପୁରସ୍କାର ପ୍ରାପ୍ତି ତାହାଙ୍କ ବିଶେଷ ଅନୁରାଗର ଗୋଟିଏ ଉତ୍କୃଷ୍ଟ ପ୍ରମାଣ ଅଟଇ। ବଙ୍ଗବାସୀ ଯେ କେହି ଦେଶୀୟ ଫିରିଙ୍ଗି ଅଥବା ଇଉରୋପୀୟ ଲୋକ ଶ୍ରମସାଧ୍ୟ ବ୍ୟବସାୟର ଉନ୍ନତିକାରକ କୌଣସି ନୂତନ ବୈଜ୍ଞାନିକ ପ୍ରଥା ଆବିଷ୍କାରବିଷୟକ ପ୍ରବନ୍ଧ ଲେଖିବାକୁ ସମର୍ଥ ହେବ ତାହାକୁ ବର୍ଷ ପୁରସ୍କାର ଦିଆଯିବ। କୌଣସିବର୍ଷ ପୁରସ୍କାରଟି ବ୍ୟୟ ହୋଇ ନ ପାରିଲେ ଅନ୍ୟବର୍ଷରେ ଏକରୁ ଅଧିକ ପୁରସ୍କାର ଦିଆଯିବ ଅଥବା ପୁରସ୍କାରର ସଂଖ୍ୟା ବୃଦ୍ଧି ହେବ। ଆମ୍ଭେମାନେ ଆଶା କରୁଁ ଏହି ପୁରସ୍କାର ଲାଭ କରିବାକୁ ଲୋକେ ଉତ୍ସାହିତ ହେବେ।

---

ହରଦ୍ୱାରମେଳାଭଙ୍ଗବିଷୟକ ଆନ୍ଦୋଳନରେ ଯଦ୍ୟପି କି ବହୁ ଫଳ ହେଲା ନାହିଁ ଅର୍ଥାତ୍ ବଳପୂର୍ବକ ମେଳା ଭାଙ୍ଗିଦେବାରେ ପୁଲିସ ଯେ ସମସ୍ତ ଅତ୍ୟାଚାର କରିଥିଲେ କମିସନରମାନଙ୍କ ବିବେଚନାରେ ତାହା ସାବ୍ୟସ୍ତ ହେଲା ନାହିଁ, ତଥାଚ ତହିଁରୁ ଗୋଟିଏ ସୁଫଳ ଲାଭ ହୋଇଅଛି। ମେଳା ଭାଙ୍ଗିଦେବା ହେତୁ ହିନ୍ଦୁମାନଙ୍କ ଧର୍ମବିଶ୍ୱାସରେ ବାଧା ଘଟିବାର ଜାଣି ଭବିଷ୍ୟତକୁ ତାହା ନିବାରଣ ନିମନ୍ତେ କି ଉପାୟ ଅବଲମ୍ବନ କରିବାକୁ ହେବ ତାହା ସ୍ଥିର କରିବା କାରଣ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟୀ ବସାଇ ଅଛନ୍ତି। ଏହି କମିଟୀ ଅନ୍ୟାନ୍ୟ ବିଷୟମଧ୍ୟରେ ଗଙ୍ଗାଜଳର ବିଶୁଦ୍ଧତା ରକ୍ଷା କରିବା ଏବଂ ଯାତ୍ରିଙ୍କ ରହିବା ସକାଶେ ପ୍ରଚୁର ବସାଘର ଯୋଗାଇବାର ପରାମର୍ଶ ଦେବେ। ଏଥିରୁ ଆଶା ହେଉଅଛି ଯେ ଭବିଷ୍ୟତରେ ମେଳା ରହିତ ହେବ ନାହିଁ।

---

କଲିକତା ଉଚ୍ଛଣଶୀଳସମ୍ପ୍ରଦାୟର ମୁଖପାତ୍ର ବିଖ୍ୟାତ ଟାଇମସ୍ ପତ୍ରିକା ଲେଫ୍ଟେନାଣ୍ଟ ମହୋଦୟଙ୍କ ଜୁଆପ୍ରଥା ରହିତ ସମ୍ବନ୍ଧୀୟ ସର୍କ୍ୟୁଲରର ନିନ୍ଦା କରିଥିବାର ପାଠକମାନଙ୍କୁ ଜଣାଇଅଛୁଁ। ବର୍ତ୍ତମାନ ସେଠା ଉନ୍ନତିଶୀଳ ସମ୍ପ୍ରଦାୟର ମୁଖପାତ୍ର ବିଖ୍ୟାତ ଡେଲିନ୍ୟୁସ ସମ୍ବାଦପତ୍ର ମଧ୍ୟ ତାହାଙ୍କୁ ନିନ୍ଦା କରୁଥିବାର ସମ୍ବାଦପତ୍ରମାନଙ୍କରେ ଆନନ୍ଦର ସହିତ ପାଠ କରୁଅଛୁଁ। ଡେଲିନ୍ୟୁସ ଲେଖିଅଛି, ଯେ ସର ଚାର୍ଲସ ଇଲିୟଟଙ୍କ କାର୍ଯ୍ୟକୁ ଯେ ସମର୍ଥନ କରିବା ବଡ଼ଲାଟଙ୍କର ମହତ୍ ଭ୍ରମ ଏବଂ ଇଲିୟଟସାହେବଙ୍କ ମୂର୍ଖତା ଏବଂ ଅସଦାଚାରବ୍ୟଞ୍ଜକ ନୋଟିସ ଯାହା ସମସ୍ତଙ୍କର ଅପବ୍ୟବହାରର [illegible] ତାହାକୁ ଷ୍ଟୁଆର୍ଟ ମେକେଞ୍ଜି ମହୋଦୟ ନିଶ୍ଚୟ ରହିତ କରିବେ। ମଧ୍ୟ ଏ ବିଷୟ ଭାରତଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଷ୍ଟୁଆର୍ଟମେକେଞ୍ଜି ମହୋଦୟ ବ୍ୟକ୍ତ କରିଅଛନ୍ତି।

---

କୋଣାର୍କ ବା କୋଣାରକର ନବଗ୍ରହମୂର୍ତ୍ତି ଅଙ୍କିତ ବୃହତ୍ ପଥରଖଣ୍ଡକୁ କାଟି କଲିକତା ଯାଦୁଘରକୁ ନେଇଯିବା ପ୍ରସ୍ତାବ ହେବାରୁ ପୁରୀବାସି ହିନ୍ଦୁମାନେ ଗବର୍ଣ୍ଣମେଣ୍ଟରେ ଅବେଦନ କରିଥିବାର ପାଠକମାନଙ୍କୁ ଜଣାଅଛି। ଉକ୍ତ ଆବେଦନର ସତ୍ୟତା ଅନୁସନ୍ଧାନର ଭାର ପୁରୀର କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟଙ୍କୁ ଦିଆଯାଇଥିଲା। ସେ ସ୍ଥାନୀୟ ତଦନ୍ତ କରି ରିପୋର୍ଟ କଲେ କି ପୂର୍ବେ ଏହି ନବଗ୍ରହପଥର ପୂଜା ହେଉଥିବାର ଜଣାଯାଉ ନାହିଁ ମାତ୍ର ଗତ ୧୮୮୦ ବର୍ଷରୁ ଯାତ୍ରିଙ୍କର ଅଧିକ ସମାଗମ ଏବଂ ପୂଜାର ଉନ୍ନତି ଦେଖାଯାଏ। ପୂଜାସକାଶେ ଦଶଜଣ ସେବକ ନିଯୁକ୍ତ ଅଛନ୍ତି। ସେମାନେ ପାଳିଅନୁସାରେ କାର୍ଯ୍ୟ କରନ୍ତି। ରବିବାର ଅମାବାସ୍ୟା ପୂର୍ଣ୍ଣିମା ଏବଂ ସଂକ୍ରାନ୍ତି ଦିନମାନଙ୍କରେ ବ୍ୟାଧିମୁକ୍ତି କାମନାରେ ଗ୍ରହଶାନ୍ତି ପୂଜା ହୁଅନ୍ତି। ଜମାରମଠର ମହନ୍ତ ରଘୁନନ୍ଦନ ରାମାନୁଜ ଦାସ କି ୭।୮ ବର୍ଷତଳେ ଆପଣାର କୌଣସି ରୋଗମୁକ୍ତି କାମନାରେ ପୂଜା କରିଥିଲେ। ଏଠାରେ ଗ୍ରହଶାନ୍ତି ପୂଜା କଲେ ରୋଗମୁକ୍ତ ହେବାର ବିଶ୍ୱାସ କ୍ରମଶଃ ବିସ୍ତାର ହେଉଅଛି। ଏହି ରିପୋର୍ଟ ମାନ୍ୟବର ଲେଫ୍ଟେନାଣ୍ଟ ଯାଦୁଘରର ଟ୍ରଷ୍ଟିମାନଙ୍କ ନିକଟକୁ ପଠାଇ ଦେଇ ସେମାନଙ୍କର ବିଶେଷତଃ ହିନ୍ଦୁଟ୍ରଷ୍ଟିମାନଙ୍କର ଅଭିପ୍ରାୟ ଜାଣିବାକୁ ଇଚ୍ଛା କରିଅଛନ୍ତି। ଏକଦିଗରେ ପ୍ରତ୍ନତତ୍ତ୍ୱ ଓ ଶିଳ୍ପର ଗୌରବରକ୍ଷା, ଅନ୍ୟଦିଗରେ ଲୋକଙ୍କ ଧର୍ମବିଶ୍ୱାସପ୍ରତି ଆସ୍ଥା ଏହି ଦୁଇକଥାମଧ୍ୟରୁ କେଉଁଟାକୁ ପ୍ରବଳ ଜ୍ଞାନ କରିବାକୁ ହେବ ଏହିପ୍ରଶ୍ନ ଅଟଇ। ଆମ୍ଭମାନଙ୍କ ବିବେଚନାରେ ପଥରକୁ କଲିକତାକୁ ନେଇ ନ ଯାଇ କୋଣାର୍କଠାରେ ରକ୍ଷାର ବ୍ୟବସ୍ଥା କଲେ ଭଲ ହେବ ଏବଂ ପଣ୍ଡାମାନେ ଏହାଦ୍ୱାରା ଲାଭ କରୁଥିବାସ୍ଥଳେ ବ୍ୟୟଭାରର ସାହାଯ୍ୟ କରିବାକୁ ନ୍ୟାୟତଃ ବାଧ୍ୟ ଅଟନ୍ତି।

---

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି କଲିକତାନିବାସୀ ବାବୁ ନଗେନ୍ଦ୍ରନାଥ ବସୁ ଚୌଧୁରୀଙ୍କର ସେଠାରେ ସୁନ୍ଦରପୁର ତାଲୁକ ନାମରେ ଏକ ଜମିଦାରୀ ଅଛି। ତାଲୁକର ଅନ୍ତର୍ଗତ ନିଜ ସୁନ୍ଦରପୁର ମୌଜାର ମଦନମୋହନ ବନ ନାମକ ଜଣେ

Split by PDF Splitter



ପ୍ରଜା ବନ୍ଦୋବସ୍ତରୁ ଉକ୍ତ ତାଲୁକର ତହସିଲଦାରପଦରେ ନିଯୁକ୍ତ ଥିଲା । ସମ୍ପ୍ରତି ସେ ଜମିଦାର ଓ ପ୍ରଜାମାନଙ୍କର ଅଜ୍ଞାତରେ ପ୍ରାପ୍ତ ଶତାଧିକ ମାଣ ଜମି ଚଳନ୍ତି ବନ୍ଦୋବସ୍ତର ଅମୀନଙ୍କୁ ବଶୀଭୂତ କରି ଆପଣା ନିଜ ଯୋତରେ ଖସଡ଼ା କରି ନେଇଥିବାରୁ ପ୍ରଜାମାନେ ଏବିଷୟ ଜାଣିପାରି ଉକ୍ତ ସୁନାରପୁର ମଉଜାକୁ ସାନି ଖସଡ଼ା କରିବା ନିମନ୍ତେ ବନ୍ଦୋବସ୍ତ ଇନଚାର୍ଜ ପ୍ରଧାନ ହାକିମଙ୍କଠାରେ ଦରଖାସ୍ତ କରିବାରୁ ପୁନର୍ବାର ଉକ୍ତ ମୌଜା ସାନି ଖସଡ଼ା ହୋଇ ପ୍ରଜାମାନଙ୍କର ଯୋତଜମି ସେମାନଙ୍କ ନାମରେ ହୋଇଅଛି ଓ ଜମିଦାର ଆପଣାର ତହସିଲଦାରର ଏପରି ଗର୍ହିତ ଚରଣ ଦେଖି ତାଙ୍କୁ କାର୍ଯ୍ୟରୁ ରହିତ କରି ନୂତନ ତହସିଲଦାର ନିଯୁକ୍ତ କରି ପଠାଇ ଅଛନ୍ତି । ନବ ମଉଜାର ଅନ୍ୟ ଉପାୟ ନ ପାଇ ସାଇନସ୍ପେକ୍ଟରପୁଲିସକୁ ବଶୀଭୂତ କରି ପୁଲିସସାହାଯ୍ୟରେ ପ୍ରଜାମାନଙ୍କର ଉପରୋକ୍ତ ଜମିର ଶସ୍ୟ ଧାନ୍ୟଫସଲ କାଟି ନେବାରୁ ପ୍ରଜା ଓ ନବ ମଧ୍ୟରେ ସେଠା ଫୌଜଦାରୀ ଅଦାଲତରେ ଦେଢ଼େ ନମ୍ବର ମକଦମା ହେଲା ପର ଶେଷରେ ପୁରାତନ ତହସିଲଦାରର ପୁତ୍ର ହରଶରଣ ଦାସ ନୂତନ ତହସିଲଦାର କୃଷ୍ଣଚନ୍ଦ୍ରପଟ୍ଟନାୟକ ପ୍ରଭୃତିଙ୍କ ନାମରେ ଏକ ମାରପିଟ୍ଟମକଦମା ଦାଏର କରିବାକୁ କଟକ ଜଜକୋର୍ଟର ବିଖ୍ୟାତ ଓକିଲ ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟାୟ ମହାଶୟମାନଙ୍କ ପକ୍ଷରୁ ଓକାଲତନାମା ଗ୍ରହଣକରି ମୋକଦମା ଚଳାଉଥିଲେ; ଉକ୍ତ ମୋକଦମାରେ ବାବୁ ଜଗେନ୍ଦ୍ରନାଥ ରାୟ ଚୌଧୁରୀ ଜମିଦାର ଓ ତାଙ୍କର ମେନେଜର ବାବୁ ନୀଳମଣିମୁଖାର୍ଯ୍ୟା ମହାଶୟଙ୍କ ପକ୍ଷରୁ ସଫାଇ ସାକ୍ଷୀ ହୋଇ ଜବାନବନ୍ଦୀ ଦେଇଥିଲେ । ମାତ୍ର ଚିହ୍ନିଯାଥିବାରୁ ବୁଦ୍ଧି ଚାତୁର୍ଯ୍ୟରେ ପୁଲିସ ହରଶରଣଙ୍କର ସପକ୍ଷରେ ଥାଇ ଏ ମିଥ୍ୟା ମୋକଦମା ସୃଷ୍ଟି କରିଥିବାର ପ୍ରମାଣ କରାଇଦେଇ ଅସାମୀଙ୍କୁ ଖଲାସ କରି ନେଇଅଛନ୍ତି । ଧନ୍ୟ ବନ୍ଦୋବସ୍ତର ଅମୀନ ଓ ଧନ୍ୟ ପୁଲିସ ।

---

### ପସ୍ତସତଙ୍ଗାର ମୋକଦମା ।

ସହଯୋଗୀ ଓଡ଼ିଆ ଓ ନବସମ୍ବାଦ ବାଲେଶ୍ୱର ପସ୍ତସତଙ୍ଗା ମୋକଦମାସମ୍ବନ୍ଧରେ ଅସ୍ମାନଙ୍କୁ କହିଥିଲେ କି ଦୁଇପକ୍ଷର କଥା ଶୁଣିଲେ ଅନେକ ରହସ୍ୟ ଜାଣି ପାରିବୁଁ । ଅବଶ୍ୟ ଏକପକ୍ଷର ରହସ୍ୟ ଶେଷ ହେବାକୁ ନାହିଁ ଅପରପକ୍ଷର ରହସ୍ୟ ପ୍ରକାଶ ହେବ କି ନାହିଁ କିଏ କହି ପାରେ ? ଉଭୟପକ୍ଷର ସବୁକଥା ପ୍ରକାଶ ହୋଇ ବସ୍ତୁର ହେଉ ଏହିକ ଅସ୍ମାନଙ୍କର କାମନା ମାତ୍ର ତହିଁରେ ଅନେକଙ୍କର ଇଚ୍ଛା ସେପରି ନୁହଇ । ଫୌଜଦାରୀ ମୋକଦମା ଡିସ୍‌ମିସ ହେବାର ଜଣାଇ ଦେଇ ବାଲେଶ୍ୱରର ସହଯୋଗିମାନେ ନୀରବ । ବସ୍ତୁତଃ ସେମାନଙ୍କ ମତରେ କପରି ହେଲା କିଛି ଜଣା ଗଲା ନାହିଁ । ଶୁଣିବାରେ ଆସେ କଲେକ୍ଟର କମିଶନର ଓ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ସବୁ ବୁଝି ଅଛନ୍ତି ଯେ ବାଦୀବାଦୀ ପକ୍ଷମାନଙ୍କ ମଧ୍ୟରେ ଆପୋଷ ହୋଇଯାଇ ଅଛି । ଡିସ୍‌ମିସ ଉତ୍ତାରୁ କପରି ଆପୋଷ ହେଲା ଓ ପ୍ରକୃତରେ କୌଣସି ପ୍ରକାର ଅତ୍ୟାଚାର ହୋଇଥିଲା କି ନାହିଁ ଓ ହୋଇଥିଲେ ତହିଁର କି ପ୍ରକାର କ୍ଷତିପୂରଣ ହେଲା କୌଣସି ହାକିମ ଜାଣିବାକୁ ବ୍ୟସ୍ତ ହେଲେ ନାହିଁ । ଯେମନ୍ତ କି ସରକାର ରଫା ହେବା ଲୋଡୁଥିଲେ ଯେ ତହିଁର ଉଲ୍ଲେଖ ମାତ୍ରରେ ସନ୍ତୁଷ୍ଟ ହେଲେ । ଏଣେ ଫରିଆଦି ରଘୁନାଥ ମହାପାତ୍ର ଏଠା ଜଜ ସାହେବଙ୍କ ନିକଟରେ ମୋସନ ଉପସ୍ଥିତ କଲେ ଏବଂ ଗତ ଶନିବାର ତାହା ନାମଞ୍ଜୁର ହେଲା । ଜଜସାହେବଙ୍କ ହୁକୁମର ନକଲ ନିମ୍ନେ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ଦେଖିବେ ଯେ ଏମୋକଦମାରେ ସୀମା ଓ ଅଧିକାର ଘଟିତ ପ୍ରଶ୍ନ ଉପସ୍ଥିତ ହେଉଥିବାରୁ କାର୍ଯ୍ୟବିଧିର ଧା ୧୮୫ ର ଅନୁସାରେ ତାହା ନିଷ୍ପତ୍ତି କରିବାକୁ ଏକା ହାଇକୋର୍ଟଙ୍କ କ୍ଷମତା ଥିବା ବିବେଚନାରେ ଜଜ ସାହେବ ମୋସନଗ୍ରହଣ କଲେ ନାହିଁ । ନତୁବା ଡେପୁଟୀ ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତିରେ ସେ ଦୈନ୍ୟ ହେବାର ବୋଲାଯାଇ ନ ପାରେ । ଡେପୁଟୀ ମାଜିଷ୍ଟ୍ରେଟ ଇଂରେଜଙ୍କ ସୀମାମଧ୍ୟରେ ମୋକଦମା ଘଟିବାର ସାବ୍ୟସ୍ତ କରି ବୃତ୍ତାନ୍ତଘଟିତ ଭ୍ରମ ଅନୁମାନରେ ଅସାମିକୁ ଛାଡ଼ି ଦେଲେ । ଜଜ ସାହେବ ସରକାରୀ ଜମା ବୃତ୍ତାନ୍ତଘଟିତ ଭ୍ରମର ବର୍ଣ୍ଣନା କରି ସୀମାର ଅଧିକ ମୀମାଂସା କରିବାକୁ କାରଣ ହାଇକୋର୍ଟକୁ ଯିବା କାରଣ କହି ଦେଇ ନିବୃତ୍ତ ହେଲେ । ଏପର୍ଯ୍ୟନ୍ତ ଏହିକ ରହସ୍ୟ ପ୍ରକାଶ ହୋଇଅଛି ହାଇକୋର୍ଟରେ ମୋସନ ହେଲେ ଯଥାସମୟରେ ତହିଁର ଫଳ ଜଣାଇବ ।

### ORDER.

I have heard the applicant's pleaders and read the copies of record filed or shown including the explanation of the accused. The District Magistrate observed in his order of the 23rd November that "the case was full of difficulties," but the Deputy Magistrate thought it unnecessary to discuss those difficult questions as he thought that the Raja (accused) acted under a *bona-fide* mistake of fact and was protected by section 76 (or section 79 ?) of the Indian Penal Code.

It would be useless to order further enquiry into the case, the facts as regards the occurrence of the 17th November being admitted or undisputed. The offence for which the arrest was made (with the help of the District Superintendent of Police) is alleged to have been committed in French Territory; and although the Deputy Magistrate has found that the arrest was made on *defacto* British Territory, a dispute as regards the boundary has already been raised (in October.) Apart therefore from the question of good faith and mistake of fact, there are questions of international law and of jurisdiction involved, the last being eminently fit for the decision of the High Court under the provisions of section 185 C. P. C.

Upon the materials before me I am unable to say that an offence cognizable by the British Courts was committed and I accordingly declined to interfere.

Cuttack, 7—1—93. Sd. B. L. GUPTA, *Sessions Judge.*

---

### ବନ୍ଦୋବସ୍ତ-ରହସ୍ୟ ।

ବର୍ତ୍ତମାନ ଓଡ଼ିଶାବନ୍ଦୋବସ୍ତରେ ନିଯୁକ୍ତ ଥିବା ପ୍ରଧାନ କର୍ମଚାରୀମାନେ ଏଦେଶର ଅବସ୍ଥା ଓ ବନ୍ଦୋବସ୍ତବାର ଭୂମି ଓ ତହିଁର କାଗଜପତ୍ରରେ କେତେ ପଣ୍ଡିତ ନିମ୍ନଲିଖିତ କେତେଟି ପ୍ରସଙ୍ଗରୁ ପାଠକମାନେ ଅବଗତ ହୋଇ

Digitized by srujanika@gmail.com

ପାରିବେ । ଏସବୁ ଶୁଣାକଥା ହେଲେହେଁ ସମ୍ପୂର୍ଣ୍ଣ ଅମୂଳକ ଥିବାର ବୋଧ ହେଉ ନାହିଁ ।

ଲାଖରାଜଦାରମାନେ ଆପଣା ଆପଣାର ନିସ୍କର ବାହାଲ ଜମିର ପ୍ରମାଣାର୍ଥେ ପୂର୍ବ ବନ୍ଦୋବସ୍ତର ବାହେଲ ପର୍ଚ୍ଚା ଓ ହାଲ ଦାଖଲଖାରିଜ ପର୍ଚ୍ଚାମାନ ଦର୍ଶାଉଅଛନ୍ତି ଏହା ଦେଖି ଜଣେ ବନ୍ଦୋବସ୍ତଡେପୋଟି ବାହାଲ ଚାକରାନ ଜାଗିରଜମିର ପ୍ରମାଣାର୍ଥେ ଜାଗିରଦାରମାନଙ୍କଠାରୁ ବନ୍ଦୋବସ୍ତ ବାହେଲ ପର୍ଚ୍ଚା ଓ ହାଲ ଦାଖଲଖାରିଜ ପର୍ଚ୍ଚା ଦର୍ଶାଇବାକାରଣ ଆଦେଶ ଦେଲେ । ଚଣ୍ଡାଳ, ଚୌକିଦାର, ଧୋବା, [illegible] ବଢ଼େଇ, କମାରମାନଙ୍କର ଯେ ଜାଗିରଜମି ବାହାଲ ହୋଇ ଅଛି ତହିଁର ନାମ ଚାକରାନ ଜାଗିର ଏ-ଜମିମାନ ପୂର୍ବବନ୍ଦୋବସ୍ତରେ କେବଳ [illegible] ମିଥ୍ୟା ହୋଇଅଛି, ଏଥିର ସ୍ୱତନ୍ତ୍ର ବାହାଲ ପର୍ଚ୍ଚା ନାହିଁ କିମ୍ବା ଏପରି ଜମିର ଦାଖଲଖାରିଜ ମକଦ୍ଦମା ହୁଅଇ ନାହିଁ । ଉକ୍ତ ଡେପୋଟି ଏଦେଶୀୟ ଲୋକ କିମ୍ବା କର୍ମଚାରୀ ହୋଇଥିଲେ କି [illegible] ଅନଭିଜ୍ଞତା ପ୍ରକାଶ କରନ୍ତେ ?

ଚୌକିଦାର ଓ ବା[illegible] ଜମିର [illegible] ରେ [illegible] ମାହାଫିଜଖାନାରେ ଅଛି ତହିଁର ନାମ "ଏ" "[illegible]" "ବି" ରେଜିଷ୍ଟର । ଏଥିର ନକଲ ବନ୍ଦୋବସ୍ତମହକୁମାକୁ ଯାଇଅଛି । ମୋଫସଲରେ ଥିବା ଜଣେ ବନ୍ଦୋବସ୍ତଡେପୋଟି ଉକ୍ତ ନକଲମାନ ଦେଖି ଖରିଦା ଜମାବନ୍ଦୀ ଜମିର "ଏ" "ବି" ରେଜେଷ୍ଟରିର ନକଲ ମାହାଫିଜଖାନାରୁ ନେଇ ପଠାଇବାପାଇଁ ସେଟଲମେଣ୍ଟଅଫିସର ସାହେବଙ୍କ ନିକଟକୁ ଚିଠି ଲେଖିଥିଲେ । ଧନ୍ୟ [illegible]ର ଏଠା ସ୍ଥଳସ୍ଥାନାଗତପତ୍ରର ଜ୍ଞାନ ।

ଲଖରାଜ ବାହାଲ ଜମିର ଲେଖାପଢ଼ିରେ ବର୍ତ୍ତମାନ ସ୍ପେସଲ ନମ୍ବର ବ୍ୟବହାର ହୋଇଅଛି । ଏହା ଦେଖି ଜଣେ ସବଡେପୋଟୀ ପଚାରିଲେ କାହିଁପାଇଁ ଖରିଦା ଜମାବନ୍ଦୀ ଓ ଥାନି ଜମିର ସ୍ପେସଲ ନମ୍ବର ବ୍ୟବହାର ହେଉ ନାହିଁ ? ଏପରି ଜମିସବୁର ଯେ ଅଟେ ସ୍ପେସଲ ନମ୍ବର ନାହିଁ ତାହା ତାଙ୍କ ଅଗୋଚର ! !

ଅମ୍ଭେମାନେ ଉପର୍ଯ୍ୟୁକ୍ତ କଥାମାନ ଶ୍ରବଣ କରି ହାସ୍ୟାର୍ଣ୍ଣବରେ ମଗ୍ନ ହେଲୁଁ । କିଆଇଁ ସେମାନଙ୍କୁ ଦୋଷୀ କରି ନ ପାରୁଁ କାରଣ ସେମାନେ ଏଦେଶୀୟ ଲୋକ ନୁହନ୍ତି କିମ୍ବା ଏଦେଶରେ ବହୁକାଳ କାର୍ଯ୍ୟ କରି ନାହାନ୍ତି । ଏଣୁ ସେ ଏଦେଶର ଅବସ୍ଥା ଓ ଭୂସମ୍ପତ୍ତିର ସ୍ୱତ୍ୱ ସ୍ଥିତି ଜାଣି ଥିବେ କପରି ? ବନ୍ଦୋବସ୍ତ ଗୋଟିଏ ଗୁରୁତର କାର୍ଯ୍ୟ ଓ ତହିଁରେ ରାଜା ପ୍ରଜା ଉଭୟଙ୍କର ସ୍ୱାର୍ଥଲିପ୍ତ, ଏପରି କାର୍ଯ୍ୟରେ ଦକ୍ଷ କର୍ମଚାରୀମାନେ [illegible] ହେବାର ଉଚିତ । ଓଡ଼ିଶାର ପୂର୍ବ ବନ୍ଦୋବସ୍ତରେ ଏପରି କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ ଓ ସେମାନେ ୬୦ ବର୍ଷ ପୂର୍ବେ ଯେ କାଗଜପତ୍ର କରିଯାଇ ଅଛନ୍ତି ସେସବୁ ଏପର୍ଯ୍ୟନ୍ତ କାର୍ଯ୍ୟକର ହେଉଅଛି ତହିଁମଧ୍ୟରୁ ଏକା ଉଡ଼ିଆ ଭୂମିସମ୍ପର୍କୀୟ ହେବାକା ମକଦ୍ଦମାର ବର୍ତ୍ତୁରରେ ଯେ କେତେ ସାହାଯ୍ୟ ପ୍ରଦାନ କରୁଅଛି ଏହା ଜଜ ସାହେବଙ୍କ ରପୋର୍ଟମାନେ ଲେଫ୍‌ଟେନାଣ୍ଟ ସାହେବ ମଧ୍ୟ ଗଭର୍ଣ୍ଣରର ବାର୍ଷିକବନ୍ଦୋବସ୍ତର ନିର୍ଦ୍ଧାରଣରୁ ସ୍ୱୀକାର କରୁଅଛନ୍ତି ତଥାପି ଯେ ବର୍ତ୍ତମାନର ବନ୍ଦୋବସ୍ତରେ ଭିନ୍ନମାର୍ଗରେ ଚଳୁଅଛନ୍ତି ଅର୍ଥାତ୍ ଏଦେଶର ଜଣେ ଦକ୍ଷ କର୍ମଚାରୀଙ୍କୁ ବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ କରି ନାହାନ୍ତି । ପ୍ରାୟ ସମସ୍ତ କର୍ମଚାରୀ ବଙ୍ଗଦେଶରୁ ଆସିଅଛନ୍ତି ପୁଣି ପ୍ରବୀଣ ଓ ଅନୁଭବୀ ଲୋକ ଅଛନ୍ତି ଯେଉଁ ଉଡ଼ିଆ କାଗଜର ଏପରି ମାହାତ୍ମ୍ୟ ସେ ଉଡ଼ିଆ ଅକ୍ଷର ପ୍ରାୟ ସେମାନଙ୍କୁ ପୂର୍ବରେ ଅଗୋଚର ? ଉଡ଼ିଆ, ଓ୍ୟାରନ୍ଟା, ଏକପଦୀଆ, ଏକୁଥିଲ, ଛିଆଣ ଏସବୁ କଣ ଓ କିପରି, ପଗୁଚ ହୁଏ କେତେ କର୍ମଚାରୀଙ୍କୁ ଜଣା ? ଅମ୍ଭେମାନେ ଏ ବିଷୟରେ ପ୍ରଥମରୁ [illegible] କହିଆସୁଅଛୁଁ ମାତ୍ର ତହିଁରେ କର୍ଣ୍ଣପାତ କରୁଛି କିଏ ?

---

## କାଙ୍ଗିହାଉସ ଅତ୍ୟାଚାର ।

କାଙ୍ଗିହାଉସମାନ ଇଜାରା ଦେବାର ନିୟମ ହେବାରୁ ପ୍ରଜାଙ୍କ ପ୍ରତି ଯେଉଁ ଅତ୍ୟାଚାର ହେଉଅଛି ତାହା କାହାରିକୁ ଅବିଦିତ ନାହିଁ । ବଙ୍ଗଳାର ସମସ୍ତ ଜିଲ୍ଲାରୁ ଏ କଥାର ଶୁଣାଯାଏ । ଏହି ନଗରର ପଲଟନକାଙ୍ଗିହାଉସ ଇଜାରା ଦିଆଯାଇଥିବାରୁ ନଗରବାସିମାନେ ଅନର୍ଥକ ଅନେକ କ୍ଳେଶ ଓ ଉତ୍ପୀଡ଼ନରେ ପଡ଼ୁଅଛନ୍ତି । ଇଜାରଦାର ଅଧିକ ଲାଭ ଆଶାରେ ବହୁ ଦରିଦ୍ର ଲୋକ ଦଉଅଛି ଓ ଦୁଷ୍ଟଲୋକମାନେ ତାହା ପାଇବା ଆଶାରେ ବାଟ ବା ଗୋଚର ପଡ଼ିଆରୁ ଗୋରୁ ଧରି ନେଇ କାଙ୍ଗିହାଉସରେ ପକାଉଅଛନ୍ତି । ଏ ଅତ୍ୟାଚାର ଏତେ ଅସହ୍ୟ ଓ ସାଧାରଣ ହୋଇଅଛି ଯେ ଗତ ଦୁଇବର୍ଷ ତଳେ କାଙ୍ଗିହାଉସ ଇଜାରା ଦେବାର ଆଦେଶ ଜାରି ହେବାସମୟରେ ସ୍ଥାନୀୟ ବ୍ୟବସ୍ଥାପକସଭାରେ ଏହା ଉପସ୍ଥିତ ହୋଇ ଅନେକଙ୍କଦ୍ୱାରା ଇଜାରା ଦେବା ପ୍ରଥା ଉଠାଇ ଦେବାର ପ୍ରାର୍ଥନା ହୋଇଥିଲା ଏବଂ ଗବର୍ଣ୍ଣମେଣ୍ଟ ତହିଁର ସତ୍ୟତା ଅନୁଭବ କରି କାର୍ଯ୍ୟବିବରଣର ଅବେକ୍ଷଣଦ୍ୱାରା ଉଚିତ କରିବାର ଆଶା ଦେଇଥିଲେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ଗଭର୍ଣ୍ଣରର ଡିଷ୍ଟ୍ରିକ୍ଟ ବୋର୍ଡର ବାର୍ଷିକକାର୍ଯ୍ୟ ସମାଲୋଚନାରୁ ପ୍ରକାଶ ଯେ ଇଣ୍ଡିଅଗବର୍ଣ୍ଣମେଣ୍ଟ କାଙ୍ଗିହାଉସ ଇଜାରା ଦେ । ପ୍ରଥା କେତେକ ବିଷୟରେ ଅପତ୍ତିଜନକ ଥିବାର ଅଭିପ୍ରାୟ ପ୍ରକାଶ କରିଥିଲେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଜଜ ଓ ଜିଲ୍ଲାଶୀୟ ହାକିମଙ୍କ ସଙ୍ଗେ ପରାମର୍ଶ କରି ବୁଝିଲେ ଯେ ଇଜାରା ଦେବାର ନିୟମହେତୁ କାଙ୍ଗିହାଉସର ସଂଖ୍ୟା ଅନେକ ବୃଦ୍ଧି ହୋଇଅଛି ଏବଂ ତଦ୍ୱାରା ଜନସାଧାରଣଙ୍କର ଅତ୍ୟନ୍ତ ଅପକାର ହୋଇଅଛି । ବିଶେଷ କର୍ମଚାରୀଦ୍ୱାରା କାଙ୍ଗିହାଉସର କାର୍ଯ୍ୟ ନିର୍ବାହ କଲେ ହାକିମମାନଙ୍କ ଦୃଷ୍ଟିଗୋଚର ପ୍ରାୟ ଓ ମହକୁମାର ସବଡିଭିଜନରେ ସମ୍ଭବ । ମୋଫସଲର ଗ୍ରାମମାନଙ୍କରେ ତାହା ହୋଇ ନ ପାରେ । କାରଣ ସେସବୁ କାଙ୍ଗିହାଉସସମ୍ବନ୍ଧରେ ଇଜାରଦାରଙ୍କ ବିରୁଦ୍ଧରେ ଯେପରି ଶୁଣାଯାଉଅଛି ମୋହରିରମାନଙ୍କ ବିରୁଦ୍ଧରେ ସେହି ସମସ୍ତ ଶୁଣାଯିବା ଅସମ୍ଭବ ନୁହଇ ଏବଂ ମୋହରିରମାନେ ଗୋରୁ ଅମଦାନୀ ବନ୍ଦରେ ନ ଚଳାଇ ସ୍ୱୀକାର ଠିକ୍ କରନ୍ତେ । ଏଥିରେ ଡିଷ୍ଟ୍ରିକ୍ଟ ବୋର୍ଡମାନଙ୍କର ବିଶେଷ କ୍ଷତି ହେବ । ଇଣ୍ଡିଅଗବର୍ଣ୍ଣମେଣ୍ଟ ଏହି ସମସ୍ତ ଯୁକ୍ତି ଶୁଣି କାଙ୍ଗିହାଉସର କାର୍ଯ୍ୟନିର୍ବାହ ସମ୍ବନ୍ଧୀୟ ବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ଲେଫ୍‌ଟେନାଣ୍ଟଙ୍କ ହସ୍ତରେ ରଖି ଦେଇଅଛନ୍ତି । ଲେଫ୍‌ଟେନାଣ୍ଟ ଏହି ସମ୍ବାଦ ସର୍ବସାଧାରଣଙ୍କୁ ଜଣାଇ ନୂତନ କାଙ୍ଗିହାଉସ ସମ୍ବନ୍ଧୀୟ କେତେକ ନିୟମ ସେ ପ୍ରସ୍ତୁତ କରୁଅଛନ୍ତି । ଏହି ନିୟମାବଳୀ ଶୀଘ୍ର ପ୍ରଚଳିତ ହେବ ଏବଂ ଭରସା ନୁହଇ ତଦ୍ୱାରା ଇଜାରାପ୍ରଥାର କଥିତ ଅନିଷ୍ଟମାନ ନିବାରଣ ହେବ ।

ମାକେନଜିର ଲେଫ୍‌ଟେନାଣ୍ଟଙ୍କ ପ୍ରସ୍ତାବିତ ନିୟମାବଳୀ ପାଠକଲେ ତଦ୍ଦ୍ୱାରା ଶୁଭଫଳର ଆଶା ପୂର୍ଣ୍ଣ ହେବ କି ନାହିଁ ଦେଖାଯିବ । ମାତ୍ର ଇଜାରା ଉଠିବା ନିରୂପଣରେ ସେ ଯେଉଁ ଯୁକ୍ତି

ଦେଖାଇଅଛନ୍ତି ତାହା ଆମ୍ଭମାନଙ୍କ ମନକୁ ଯେଣୁ ନାହିଁ । ମୋକ୍ତାରମାନେ କାଯ୍ୟମିତ ବେତନ ପାଉଥିବା ସ୍ଥଳେ ଇଜରାଦାର ପକ୍ଷ ଅନ୍ୟାଯ୍ୟରୂପେ ଆୟ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତେ ନାହିଁ କାରଣ ତହିଁରେ ସେମାନଙ୍କର ସ୍ୱାର୍ଥ ନ ଥିବ । ସର୍ବଦାରଙ୍କୁ ଠକିବାର ପ୍ରବୃତ୍ତି ହୋଇ ପାରେ ତେଣୁ ତହିଁର ପ୍ରତିବିଧାନ କରିବା ସରକାରଙ୍କର ଉଚିତ । ମୂଳ କଥା ଇଜରାଦାରୀ ଇଜରାଦାରର ଲାଭ ସଙ୍ଗେ ୨ ସରକାରଙ୍କର ଲାଭ ଅଛି ମାତ୍ର ପ୍ରଜାଙ୍କର ଅନର୍ଥକ କ୍ଷତି ହେଉଅଛି । ସରକାରଙ୍କର ବିବେଚନାରେ ପ୍ରଜାଙ୍କ କଷ୍ଟକୁ ଉପେକ୍ଷା କରିବା କୌଣସି-ମତେ ନ୍ୟାୟସଙ୍ଗତ ଓ ସ୍ୱଚ୍ଛନ୍ଦ ବୋଲ-ଯାଇ ନ ପାରେ । ଆମ୍ଭମାନଙ୍କ ବର୍ତ୍ତମାନ ଲେଫ୍ଟେ-ନାଣ୍ଟଙ୍କର ଲାଭ ପ୍ରତି ଅତ୍ୟନ୍ତ ଦୃଷ୍ଟି ଥିବାର ନାନାକାର୍ଯ୍ୟରୁ ପରିଚୟ ମିଳୁଅଛି, ବଡ ଦୁଃଖର ବିଷୟ ଅଟଇ ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି । ମେଘଛାୟା ଦେଇ ଯାଉଅଛି ଏବଂ ବୃଷ୍ଟିର ଲେଶ ନାହିଁ । ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ଯାଜପୁର ଗସ୍ତରୁ ଆଗାମି ସପ୍ତାହରେ ଫେରୁ ଅଛନ୍ତି ।

ପଢ ମାଇନର ଓ ଛାତ୍ରବୃତ୍ତି ପରୀକ୍ଷାର ଫଳ ପୂର୍ବ ଏକ ସପ୍ତାହ ମଧ୍ୟରେ ପ୍ରକାଶିତ ହେବ ।

ସ୍ୱଦେଶୀୟ ପୋଷ୍ଟଅଫିସରେ ଟିକଟ ବିକ୍ରୟର ସୁବନ୍ଦୋବସ୍ତ ନ ହେବାରୁ ଅନେକ ସମୟରେ ସାଧାରଣଙ୍କର ଅସୁବିଧା ହେଉଅଛି ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖଚିତ୍ତରେ ଶୁଣିଲୁଁ ଯେ ସୁକିନ୍ଦାର ନାବାଳକ ରାଜାଙ୍କ ମସ୍ତିଷ୍କ ବିକୃତ ହୋଇଅଛି ।

। ଗ୍ରା । ଯାଜପୁର । ମୌ । ଠାକୁରପାଟଣା ନିବାସୀ ଅସ୍ତ-ବୟସ୍କ ମହାପାତ୍ର ଦାସ କୁଳଶ୍ରେଷ୍ଠ ଗତମାସ ୧୨ ତାରିଖରେ ମାନବଲୀଳା ସମ୍ବରଣ କଲେ । ତାହାଙ୍କର ଜ୍ୟେଷ୍ଠ ଶ୍ରୀ ଅଧ୍ୟ-କାର ସୌଦାମିନୀ ଦାସ ଓ ସେତୁମୋହନ ଦାସ ବିଧିମତେ ତାହାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାଧା କରି ଥିଲେ । ବ୍ରାହ୍ମଣ ବୈଷ୍ଣବ ଓ ଦରିଦ୍ରଙ୍କ ଅନ୍ୟୂନ ୨୦୦୦ ଲୋକଙ୍କୁ ଭୋଜନ ଓ ଜଳପାନ ଦେଇଥିଲେ ।

### କଲିକତା-ଗେଜେଟ ।

କଟକର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରାଜକିଶୋର ଦାସ ସାକ୍ଷିମାନଙ୍କ ଜବାନବନ୍ଦୀ ଇଂରାଜୀଭାଷାରେ ଲେଖିବାର କ୍ଷମତା ପାଇଲେ ।

କଟକର ଡେଃ ମାଃ ବାବୁ ଗୋପାଳ ଆଚାର୍ଯ୍ୟ ଓ ଭୁଗଳ ଡେଃ ମାଃ ବାବୁ ଭୁବନମୋହନ ଦାସ ଓ ଖୋର୍ଦ୍ଧାର ସବ୍‌ଡେପୁଟୀ ବାବୁ ହରିବଲ୍ଲଭ ବସୁ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

କଟକର ସବ୍ ଡେପୁଟୀ କଲେକ୍ଟର ବାବୁ ନଟବରଚନ୍ଦ୍ର ଘୋଷ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

କଟକର ସଦର ଡେପୁଟୀଙ୍କ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ରହିଲା ।

ଯାଜପୁରର ଅସ୍ଥାୟୀ ମୁନସଫ ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀ ଏକମାସ ତିନିଦିନର ଛୁଟୀ ପାଇଅଛନ୍ତି ।

ବାଲେଶ୍ୱରଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀଯୁକ୍ତ କ୍ଲୋନ୍-ସାହେବ ନ ମାସର ଅନୁଗ୍ରହ ଛୁଟୀ ପାଇ-ଅଛନ୍ତି ।

ବାବୁ ବାଙ୍କବିହାରୀ ସିଂହ ବାଲେଶ୍ୱର କଲେକ୍ଟରୀ କୋର୍ଟର ନାଏବପଦରେ ନିଯୁକ୍ତ ହୋଇଅଛନ୍ତି ।

---

ପାମୀରଖଣ୍ଡରେ ସମ୍ବାଦ ମିଳଇ ଯେ ସେ ସ୍ଥାନର କର୍ଣ୍ଣେଲ ୟାନୋଫ ସାହେବ ଯେଉଁ କାର୍ଯ୍ୟ କରୁଅଛନ୍ତି ତହିଁରେ ଋଷୀୟ ସମ୍ରାଟ ଓ ତୁର୍କିସ୍ଥାନର ଗବର୍ଣ୍ଣର ଏବଂ ସର୍ବସାଧାରଣ କାହାରିକି ୟାନୋଫ ସାହେବଙ୍କ ଅନୁମୋଦନ ଦେଉଅଛନ୍ତି ।—ଋଷୀୟମାନଙ୍କ ଏହିପରି ଅଧିକାର ବିସ୍ତାର ଅନୁମୋଦିତ ଅଛି ।

ମିସରଦେଶରେ ଅଶାନ୍ତି ଘଟିବାର ସମ୍ବାଦ ମିଳଇ । ପ୍ରାୟ ଛଅଶ ଦରବେଶି ମିସରଦେଶର ଦୂର ପ୍ରାନ୍ତ ଆକ୍ରମଣ କରିଥିଲେ ମାତ୍ର ହଟିଯାଇଥିବାର ସମ୍ବାଦ ମିଳଇ । ଅଉ ଏକସ୍ଥାନ ଦରବେଶି ଇଅବହୁମାନ ଉତ୍ତରର ଜାଷ୍ଟେଲ ଲଢ଼ାଇରେ ହଟି ପଳାଇଥିବାର କଥିତ ହୁଏ । ଏମାନଙ୍କ ମଧ୍ୟରୁ ଅନେକେ ପ୍ରାଣ ହରାଇ ଅଛନ୍ତି ।

ବିଲାତ ପାର୍ଲିମେଣ୍ଟର ମେମ୍ବର ଜନଲିନ୍ ସମର୍ସ ସାହେବ କାଉନ୍ସିଲ ଭୂତପୂର୍ବ ଥିଲେ ଗତମାସ ତା ୧ ଦିନରେ ଅକସ୍ମାତ ତାଙ୍କଠାରେ ପ୍ରାଣ ତ୍ୟାଗ କରିବାର ସମ୍ବାଦ ମିଳଇ । ଏ ମହାଶୟ ଭାରତବର୍ଷର ଏକ ପ୍ରଧାନ ସେବକ ଥିଲେ ।

ଅଷ୍ଟ୍ରିଆର ରାଜପୁତ୍ର ଭାରତବର୍ଷରେ ଭ୍ରମଣ କରିବା-ନିମନ୍ତେ ଆସିଅଛନ୍ତି । ସେ ଏହିମାସ ତା ୧୬ ଦିନରେ ବମ୍ବାଇରେ ଓ ତା ୨୦ ଦିନରେ କଲିକତାରେ ପହଞ୍ଚିବେ । ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ଅଭ୍ୟର୍ଥନା ନିମନ୍ତେ ତା ୨୦ ରିଖ ପୂର୍ବରୁ ଦାର୍ଜିଲିଙ୍ଗ ଗସ୍ତରୁ ଫେରି ଆସିବେ ।

କଲିକତାର ଗୁରୁକୁମାର ଗତମାସ ତା ୯ ଦିନରେ କଲମ ଭ୍ରମଣକୁ ଯାଇ ଅଛି କୋମ୍ପାନିଠାରେ ପହଞ୍ଚିଥିବାର ସମ୍ବାଦ ମିଳଇ । ଅନେକ ପ୍ରଜା ଏବଂ କୋମ୍ପାନିଠାରେ ଥିବା କର୍ମଚାରୀ ଅନେକ ଇଉରୋପୀୟ କୋମ୍ପାନି କର୍ତ୍ତା-ଠାରେ ଏହାଙ୍କୁ ଅଭ୍ୟର୍ଥନା କରିଥିଲେ ।

ବର୍ତ୍ତମାନର ସ୍ୱର କଲହତାସ କାପୁର ସଙ୍ଗ ଉପାଧି ପ୍ରାପ୍ତ ହୋଇଅଛନ୍ତି ।

### ପୁରୀ-ସମ୍ବାଦ ।

ଏବର୍ଷ ମକରସଂକ୍ରାନ୍ତି ପାର୍ବଣ କେବଳ ଅତ୍ୟନ୍ତ ସଙ୍କୀର୍ଣ୍ଣ ପଞ୍ଚମୀ ଏବଂ ଉତ୍ତରଦେଶୀୟ ଯାତ୍ରୀ ହୋଇଅଛନ୍ତି । କୋଥ-ହୁଏ ଶ୍ରୀଜୀଉଙ୍କର ନବକଳେବର ହେବାର ସମ୍ବାଦ ସର୍ବତ୍ର ପ୍ରଚାରିତ ହୋଇ ଯାଇଥିବାରୁ ଯାତ୍ରୀସଂଖ୍ୟା କମ ହୋଇଅଛି ।

ଗତକଲ୍ୟ ଶ୍ରୀଜୀଉଙ୍କର ବଡ଼ସିଂହାରବେଶ ଶେଷ ହୋଇ ନୀତି ଶେଷ ହେବା ସମସ୍ତ ହୋଇ ଅଛି, ଗ୍ରନ୍ଥକାର ଦୁଇପ୍ରହର ପୂର୍ବ ଶେଷ ହେବା ପର୍ଯ୍ୟନ୍ତ ଦର୍ଶନ ଦେଇ-ଅଗତ୍ୟା ହେଲା । ଏ ସମୟରେ ପଞ୍ଚକୋଶୀ ଏବଂ ବଡ଼ଦେଉଳ-ଯାତ୍ରୀ ସଂଖ୍ୟା ପ୍ରାୟ ୫୦ ହଜାର ହୋଇଥିବ ।

ପୁରୀ ସେଧ୍ୟାନକର୍ତ୍ତାଙ୍କ ସଦର ତୃତୀୟ ସାମ୍ବତ୍ସରିକ ଉତ୍ସବ ଗତ ତା ୭ ଦିନ ଶନିବାର ସମ୍ପନ୍ନ ହୋଇ ଯାଇ ଅଛି ।

ମନ୍ଦିର ମରାମତି ପର୍ବକରୁ ଚାଲିଅଛି ଏବଂ ଏଥି ମଧ୍ୟରେ ଶ୍ରୀ ବିମଳାଦେବୀଙ୍କ ମନ୍ଦିର ମରାମତି ଅଗତ୍ୟା ହୋଇ ପ୍ରାୟ ଅର୍ଦ୍ଧେକ ଶେଷ ହୋଇଗଲାଣି । ତାହାର ଭିତର ଚୋଷ୍ଟାର କାର୍ଯ୍ୟ ଶେଷ ପ୍ରାପ୍ତ ହୋଇଅଛି ।

ଗତ ତା ୭ ଦିନ ଦିନ ଚତୁର୍ଦ୍ଦଶବର୍ଷୀୟ କୋଟିଏ ବ୍ରାହ୍ମଣବାଳକ ମାର୍କଣ୍ଡେୟ ପୁଷ୍କରିଣୀରେ ସ୍ନାନ କରୁଥିବା ସମୟରେ ଅନୁର୍ଦ୍ଧ୍ୱ ବାଲିରେ ପଡ଼ିବାରେ ଜଳରେ ବୁଡ଼ି-ଯାଇ ଶମନସଦନ ଗତ ହୋଇଅଛି ।

ସମ୍ପ୍ରତି ବସନ୍ତରୋଗ ପ୍ରବଳ ହୋଇଅଛି ଏବଂ ଇଂରାଜ-ଶିକାଦାତାମାନେ ସ୍ଥାନେ ୨ ଭ୍ରମ ଟୀକା ଦେଇ ଅଛନ୍ତି ।

### ଯାଜପୁର-ସମ୍ବାଦ ।

ଏଠାକାର ମୁନସଫ ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀ ଗତମାସ ତା ୧୧ ରିଖଠାରୁ ଛୁଟୀ ନେଇ ଯିବାରୁ ତାଙ୍କ ସ୍ଥାନରେ ବାବୁ ସନାତନଚନ୍ଦ୍ର ଘୋଷ ନିଯୁକ୍ତ ହୋଇ କାର୍ଯ୍ୟ-ଭାର ଗ୍ରହଣ କରି ଅଛନ୍ତି ।

କେତେକ ଦିନ ହେଲା ଏକ ଅଘୋର ବାବାଜୀ ଅଷ୍ଟ ବୈତରଣୀ ତଟ ନଥଗ୍ରିଡ ଅଲଙ୍କୃତ ନାମକ ଶ୍ମଶାନଭୂ-ମିରେ ଆଶ୍ରୟ ଗ୍ରହଣ କରି ଅଛନ୍ତି । ଶୁଣିବାରେ ସେ ମୃତ-ଶୃଗାଳ ଓ ଶବଅଙ୍ଗ ମାଂସ ପ୍ରାକୃତର ଆହାର କରୁଅଛନ୍ତି ବର୍ତ୍ତମାନ ସେ କୌଣସି କଥନର ଭାଷା ନ କରି ମୌନାବ-ଲମ୍ବନ ହୋଇ ରହି ଅଛନ୍ତି ।

ଉତ୍ସାଣୀୟ ପ୍ରଗଣା ଦ୍ୱିପଦପୁରର ଜମିଦାର ବାବୁ ବ୍ରଜସୁ-ନ୍ଦର ଦାସ ନାବାଳଗ ଥିବାରୁ ତାଙ୍କର ପିତୃବ୍ୟ ପଦ୍ମଲୋଚନ ମହାପାତ୍ର ଆଉ ଖାକାଳଗର ଜମିଦାରଙ୍କ ବୃତ୍ତାସ୍ୱତ୍ତ୍ୱ କରୁଥିଲେ ପ୍ରାୟ ଏକବର୍ଷ ହେବ ଉକ୍ତ ମହାଫିଜ ମଜଫି-ବାଲ ମାନଂଦର ଜଜସାହେବ ବାହାଦୁର ଗଭର୍ଣ୍ଣମେଣ୍ଟ-ଓକିଲ ଶ୍ରୀଯୁକ୍ତ ବାବୁ ଚନ୍ଦ୍ରକାନ୍ତ ବୋଷଙ୍କୁ ମାନିଜରଙ୍କ ଷ୍ଟେଟର ମେନେଜର ନିଯୁକ୍ତ କରିଥିବାରେ ମେନେଜର ମହାଶୟ ଉକ୍ତ ଷ୍ଟେଟର କାର୍ଯ୍ୟ ଚଳାଇବାର୍ଥେ ପଦ୍ମଲୋଚ-ନ ମହାପାତ୍ର ନାମକ ଆପଣାର ଜମିବାରର ତହସିଲ ଆମଲକୁ ନିଯୁକ୍ତ କରି ଅଛନ୍ତି । ମହାପାତ୍ର ମଜକୁର ପ୍ରଜାମାନଙ୍କଠାରୁ ଖଜଣା ଆଦାୟ କରି ନେଇ ସେମାନଙ୍କୁ ଅଭିଳାଷରେ ପାଉତି ଦେଉ ନ ଥିବା ଓ ପ୍ରଜାମାନଙ୍କଠାରୁ ଅସଥା ଅତ୍ୟାଚାର କରୁଥିବା ଓ ନାବାଳଗ ଜମିଦାରର କେତେକ ସମ୍ପତ୍ତି ନଷ୍ଟ କରି ଦେଉଥିବା ବିଷୟରେ କେତେକ ପ୍ରଜା ସବଡିଭିଜନ ମାଜିଷ୍ଟ୍ରେଟଙ୍କଠାରେ ଦରଖାସ୍ତ କରିଥିବାରୁ ଉକ୍ତ ଷ୍ଟେଟ ବର୍ତ୍ତମାନ ଶ୍ରୀଯୁକ୍ତ ଜଜସାହେବଙ୍କ ଅଧିକାରରେ ଥିବାରୁ ସେଥିରେ କୌଣସି ହସ୍ତକ୍ଷେପ କରି ନ ପାରି ଉକ୍ତ ଦରଖାସ୍ତକୁ ଶ୍ରୀଯୁକ୍ତ ଜଜସାହେବ ବାହାଦୁରଙ୍କଠାରୁ ପଠାଇ ଦେଇ ଅଛନ୍ତି ବର୍ତ୍ତମାନ ମେନେଜର ମହାଶୟଙ୍କ ଅନୁରୋଧ ଯେ ସେପରି ତାଙ୍କ ମେନେଜରୀରେ ପ୍ରଜା ଓ ଅମଲାଙ୍କ ମଧ୍ୟରେ ନାନାପ୍ରକାର ହୋଇ ଶେଷରେ ବାଳକଙ୍କର ସମ୍ପତ୍ତି ନଷ୍ଟ ନ ହୁଏ ଏ ବିଷୟରେ ଦୃଷ୍ଟି ରଖିବେ ।

ଧାମନଗରର ଦକ୍ଷିଣ ଜମିଦାର ମୌଲବୀ ମହୋମ୍ମଦ ମରିଅମ ମହମ୍ମଦ ମହଦୂର ଇଲାହି ଗତମାସ ତା ୨- ଦିନରେ ମାନବଲୀଳା ସମ୍ବରଣ କରିଅଛନ୍ତି ଏ ମୃତ ଜମିଦା-ରୀଙ୍କର ଅବଦୁଲ ଉପର୍ଣ୍ଣ ଉତ୍ତରାଧିକାରୀ ହୋଇ

Split by PDF Splitter
Digitized by srujanika@gmail.com

ଜାଜପୁର ଠାକୁରାଣୀ ମନ୍ଦିରରେ ମହୋତ୍ସବ ନିଯୁକ୍ତ ହୋଇ-ଅଛନ୍ତି ।

ଆମ୍ଭମାନଙ୍କର ଅନାଥ ଶୁଣୁ ଉଦଣ୍ଡଦେବଙ୍କର ଦେଶ ଭକ୍ତ ଲୋକଙ୍କ ଉପରେ ସବଡିଭିଜନ ମାଜିଷ୍ଟ୍ରେଟ ଦଣ୍ଡବିଧି ଆଇନର ୧୨୧ ଧାରା ଓ ବ୍ୟାଘ୍ର ଅ ୪ ଆଇନ ୨୨୫ ଧା-ରାରେ ଛମାସ କାରାଦଣ୍ଡର ଆଦେଶ ଦେଇ ଅଛନ୍ତି ।

କେତେକ ଦିନ ହେଲା କ୍ଷେତ୍ର ବସନ୍ତ କହିବାକୁ ଶୀତ କଥ କରି ଯାଇଥିଲା ବର୍ତ୍ତମାନ ପୁନର୍ବାର ପୁର୍ବୋକ୍ତ ଶୀତ ଆରମ୍ଭ ହୋଇଅଛି ।

ଧାନ କ୍ଷେତ୍ରର ଦର ଅନ୍ତ ୫ କରି ପୁର୍ବରୁ ରହିଅଛି କୋଥ ବୃଷ ଅବ ଏବର୍ଷ ଧାନ କ୍ଷେତ୍ରର ଦର ଭଲ ହେବ ନାହିଁ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀମତି ମହନ୍ତ ମହୋଦୟ | କଟକ | ଟ ୧୧ |
| ବାବୁ ରାଧାଲବ୍ରାଦ ଦାସ | ମୋରେଣ | ଟ ୩୮ |
| „ ଗୋକୁଳାନନ୍ଦ ଚୌଧୁରୀ | କଟକ | ଟ ୩୮ |
| „ ରାଧବ ଦାସ | | ଟ ୧୧ |
| „ ଚନ୍ଦ୍ରମୋହନ | କଟକ | ଟ ୧୧ |
| „ ଲୋକନାଥ ପଣ୍ଡାଜ | ଅନୁଗୁଳ | ଟ ୩୮ |
| „ ଗୌରୀଶଙ୍କର ପଟ୍ଟନାୟକ | ଢେଙ୍କାନାଳ | ଟ ୩୮ |
| ଟେଇ ରୁ ପାଠକ | କଟକ | ଟ ୩୮ |
| ବାବୁ କୁଞ୍ଜବିହାରୀ ଦାସ | „ | ଟ ୩୮ |
| „ ବ୍ରଜକୃଷ୍ଣ ବେହେରା | ଖଣ୍ଡପଡ଼ା | ଟ ୩୮ |
| „ ଜଗନ୍ନାଥମିଶ୍ର | | ଟ ୧୧ |
| „ ଗୋବିନ୍ଦ ସାହୁ | ଜଗତପୁର | ଟ ୩୮ |
| „ ବୈଷ୍ଣବ ଚରଣ ମହାପାତ୍ର | | ଟ ୩୮ |
| „ ଜଗନ୍ନାଥ ସିଂହ | ଗୋବରଘାଟ | ଟ ୩୮ |

---

# ବିଜ୍ଞାପନ ।

ଉତ୍କଳର ଅବସ୍ଥାଙ୍କର ସରଳକ୍ଷେତ୍ର-

ପରିମାଣ ମୂଲ୍ୟ ଟ ୦୵୧୦

ବାବୁ ଭୁବନ ଚନ୍ଦ୍ର ସଙ୍କଳିତ ଉପର ପ୍ରାଇମେରି-

ପରୀକ୍ଷାର ପାଠ୍ୟ ଟ ୦ ୵

ପ୍ରବନ୍ଧମାଳା ନୂତନସଂସ୍କରଣ ୧୮୯୩।୯୪-

ସାଲର ପାଠ୍ୟ ଟ ୦ ୳

ବୈକୁଣ୍ଠବାବୁ ଅବସ୍ଥାଙ୍କର ଓଡ଼ିଆମାନେ ଟ୦ ।

ଏତଦ୍ଭିନ୍ନ ଅନ୍ୟାନ୍ୟ ପାଠ୍ୟପୁସ୍ତକ ସବୁ ପ୍ରକାର ଆମ୍ଭଠାରେ ପ୍ରାପ୍ତବ୍ୟ ଅଛି ।

ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ ॥

ଚୁଡ଼ି ଏଜେଣ୍ଟ କଟକ ।

---

# NOTICE.

## ORISSA COAST CANAL

**RANGES IV A, IV B & V TOLLAGE.**

It is hereby notified that from the 10th of February 1893 the existing concession of free return passes on the above Ranges of the Orissa Coast Canal, will cease and boats on their return journey will only receive a concession of the tollage paid by them on entering the Canal.

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ-ଯାଉଅଛି ଯେ, ଓଡ଼ିଶା କୋଷ୍ଟ କେନେଲ ୪ (ଏ) ୪ (ବି) ଏବଂ ୫ ନମ୍ବର ରେଞ୍ଜରେ ଫେରନ୍ତ ବୋଟମାନଙ୍କରେ ମାସୁଲ ଆଦାୟ ନ ହୋଇ ଯିବା ମାସୁଲରେ ଗନ୍ତବ୍ୟ ହେଉ-ଥିଲ ସନ୍ତୁ ସନ ୧୮୯୩ ମସିହା ଫେବୃଏରି-ମାସ ତା ୧୦ ରଖଠାରୁ ଉକ୍ତ ପ୍ରଣାଳୀ ରହିତ ହୋଇ ଦେବ କେବଳ କୌଣସି ବୋଟ କେନେଲ ର ପ୍ରବେଶ କାଳରେ ଯେଉଁ ମାସୁଲ ଆଦାୟ ହୋଇଥିବ ସେହି ବୋଟ ଫେରନ୍ତ ସମୟରେ ଉକ୍ତ ରେଞ୍ଜମାନଙ୍କରେ ଉକ୍ତ ମାସୁଲ ଛାଡ଼ ପାଇବ । ଇତି । ତା ୭ ଯୁକ୍ତ ଜାନୁଆରି ସନ ୧୮୯୩ ମସିହା ।

| | |
|---|---|
| Dated Balasore the 7th January 1893. | (Sd.) A. HAYES. *Executive Engineer,* Balasore Division. |

---

## WANTED

Students for the Entrance Class of the Mayurbhanj H. E. School. The intending candidates are required to appear with certificates of their antecedents in an examination, in the general knowledge of all the subjects, to be held on the 31st instant in the premises of the above school. Two of them will have a monthly allowance of Rs. 2½ each according to their merits and others will enjoy the common privilege of being free.

| | |
|---|---|
| Baripada, 5—1—93. | Brindaban Chandra Panda, *Offg. Head Master.* |

---

## WANTED

Two passed Native Doctors for Kanika Estate Dispensaries at Rajnagar and Ghonteswar on Rs. 25 each per mensem. Applications with copies of certificates and testimonials are invited which will be received by the undersigned up to the 24th January 1893.

| | |
|---|---|
| Ganja, 27—12—92. | Ganesh Prasad Sing *for Manager,* Kanika Ward's Estate, P. O. Ganja District Cuttack. |

---

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

G. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Reader's No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରି ପରୀକ୍ଷାର ପାଠ୍ୟ କବିତାଭୂଷଣର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇ-ଅଛି । ମୂଲ୍ୟ ଦୁଇଅଣା । ଏହି ସଂସ୍କରଣରେ ଉମମାନ ସଂଶୋଧିତ ଓ ସ୍ଥଳବିଶେଷ ଅବଶ୍ୟକ-ବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାହୁଲ୍ୟଭାବରେ ଅର୍ଥ, ଭାବାର୍ଥ ଓ ଅନ୍ୱୟ-କରଣ ଦେବା ପ୍ରବନ୍ଧ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଭୂଗୋଳପାଠ ଏବଂ ବଙ୍ଗଳପ୍ରଦେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଭୂଗୋଳପାଠର ମୂଲ୍ୟ ଟ୦୵ ଏବଂ ବଙ୍ଗଳପ୍ରଦେଶର ମୂଲ୍ୟ ଟ୦୵୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରି-ବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭ-ପରିମିତର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୵ ଏବଂ ସୁଲଭପରିମିତର ମୂଲ୍ୟ ଟ ୦୵ ।

ସୀତାନାଥସାହୁଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଖଣ୍ଡିକ ବାଳକ-

Split by PDF Splitter



ମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି ଏବଂ ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ ହେତୁ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଅଗ୍ରସ୍ଥ ହିତ କରୁଅଛନ୍ତି ।

ସଂକ୍ଷିପ୍ତ ଭାରତଇତିହାସର ସଂସ୍କୃତ ଅର୍ଥ ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୵ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।



TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

The best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest price. They only make the case worse and in many cases the disease is difficult to cure. But Hæmatic Syrup gives Vigour, improves the Strained Powers of the Intellect and understanding, makes the mind Imaginitive and active, and improves Retentive Powers.

Hæmatic Syrup is a miraculous preparation for the Purification of Blood, for the Renovation of Deranged and Broken Constitutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex, restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infaliable remedy for Bilious disorders of any kind such as Indigestion, Dyspepsia, Loss of Appetite, Acidity, Costiveness, Head ache, Disturbed Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10. and Rs. 2-4 only.

Apply to
Dr. P, MARTIN,
41. Bhawani Charan Dutta's Lane,
Calcutta.

ହତାଶ ପ୍ରାଣର ଏକମାତ୍ର ଆଶା !
ଡ, ଗ୍ୟାଟେଟ ଏଣ୍ଡ କୋମ୍ପାନୀଙ୍କ
ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

## ଡିବିଲିଟି ଡ୍ରପ୍ସ ।

ଡାକ୍ତର, କବିରାଜ ପ୍ରଭୃତି ଯେଉଁ ମେହରୋଗକୁ ଅସାଧ୍ୟ ବୋଲି ସ୍ଥିର କରିଥିଲେ । ଆଜକୁ ୨।୩ ତେ ବର୍ଷ ହେଲା ଇଉରୋପ ଓ ଆମେରିକା ଦେଶର ସୁପ୍ରସିଦ୍ଧ ଡାକ୍ତରମାନଙ୍କର ମହାଲୋଚନରେ ଧାତୁଗତ ପୀଡ଼ାର ପ୍ରକୃତ ଔଷଧ ଯାହା ସ୍ଥିର ହୋଇଅଛି ସେ ସବୁର ସାହାଯ୍ୟରେ ଏହି ମହୌଷଧ ଆବିଷ୍କୃତ । ଯେଉଁମାନେ ଧାତୁଘଟିତ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଆରୋଗ୍ୟ ହେବ ନାହିଁ ବୋଲି ଯାହାଙ୍କର ହୃଦୟରେ ଦୃଢ଼ବିଶ୍ୱାସ ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁଦୌର୍ବଲ୍ୟ (ଅତିରିକ୍ତ ପରିଶ୍ରମ ବା ମ୍ୟାଲେରିଆ ଜନିତ) ଯୌବନରେ ନାନାବିଧ ଅତ୍ୟାଚାର ଜନ୍ମିଥିବାର କଷ୍ଟକର ନାନା ପୀଡ଼ା, ମେହ ପ୍ରମେହଆଦି ୨୦ ପ୍ରକାର ମେହ, ବହୁମୂତ୍ର ଧାତୁ ପୀଡ଼ା, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବିନା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନୁଦ୍ୟମ, ସ୍ୱପ୍ନଦୋଷ, ପ୍ରସ୍ରାବର ଆଗ ବା ପଛରେ ବା ସଙ୍ଗେ ୨ ଶୁକ୍ରଶୋଣିତ ବା ସପୂୟଧାତୁ ନିର୍ଗତ, ଜନନେନ୍ଦ୍ରିୟ, ପ୍ରସ୍ରାବରେ ଜ୍ୱାଳାବସ୍ତ, ମୁହୂର୍ମୁହୁ ପ୍ରସ୍ରାବ ଓ ରକ୍ତର ବର୍ଣ୍ଣ ଲାଲ ବା ଗୋଳିଆ । ଇତ୍ୟାଦିରେ ବେଦନା, ସ୍ୱଭାବ ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଚକ୍ଷୁଦାହ, ମୁଖଲକ୍ତ, ଦୃଷ୍ଟିହୀନତା, କ୍ଷୁରବ, ହାତଗୋଡ଼ ଜ୍ୱାଳା ଇତ୍ୟାଦି (ସ୍ତ୍ରୀ ଓ ପୁରୁଷଙ୍କ) ବହୁଦିନଧାତୁ ମୂତ୍ରସଙ୍କ ସମ୍ପର୍କୀୟ ଯାବତୀୟ କଠିନ ବ୍ୟାଧି, ସେତେଦିନର ହେଉ ଓ ଉତ୍କଟ ହେଉ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ ; ଅପଥ୍ୟ ଅତ୍ୟାଚାରରେ ଧାତୁଗତ ପୀଡ଼ା ଆଉ ହେବ ନାହିଁ । ଏକମାସ ସେବନୋପଯୋଗୀ

ମୂଲ୍ୟ ଶିଶି ଟ ୨ ଡୁଜନ୍ । ପ୍ୟାକିଂ ଟ ୦ । ଭିପିଏ ।
ଔଷଧପ୍ରାପ୍ତିର ଠିକଣା, —
ଡ, ଗ୍ୟାଟେଟ ଏଣ୍ଡ କୋ
୧୧ କମ୍ବଲ କଲେଜଷ୍ଟ୍ରିଟ, କଲିକତା ।

ବଙ୍ଗଦେଶର ପ୍ରଜାସ୍ୱତ୍ୱବିଷୟକ ୧୮୮୫ ସାଲର ୮ ଆଇନର ଉତ୍କଳପ୍ରଦେଶରେ ପ୍ରଚଳିତ ଧାରାମାନ, ଉକ୍ତ ଧାରାମାନଙ୍କ ସହିତ ଅପର ଯେଉଁ ୨ ଧାରାମାନଙ୍କର ବିଶେଷ ସମ୍ପର୍କ ଅଛି ସେ ଧାରାମାନ ଓ ଉକ୍ତ ଆଇନର ସମଗ୍ର ସୂଚି ଓ ଉପସିଲ ଉତ୍କଳଭାଷାରେ ଅନୁବାଦିତ ହୋଇ ପ୍ରତିଖଣ୍ଡ ଟ ୦ ୵ ମୂଲ୍ୟରେ ବାଲେଶ୍ୱର କଟକ ଓ ପୁରୀ ଜିଲ୍ଲାମାନଙ୍କର କଲେକ୍ଟରୀ କଚେରୀ ଓ କଟକ ମୁଦାଳ କମିଶନରୀ କଚେରୀରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଇତି ।

କଟକ
୧୬-୧୨-୯୨
Sd. Gopal Bulbah Das'
Personal Assistant to
Commissioner.

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଛାପାଖାନାର ଶ୍ରେଷ୍ଠ ବଡ଼ ଘୂଣାଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଉଥିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

## ବିଶ୍ୱବିଖ୍ୟାତ ବିଚାମଙ୍କ ବଟିକା
## ( BEECHAM'S PILL. )

ଫଳ ବବେଚନାରେ ଏକ ୨ ଟଙ୍କାଏ ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲାଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ରସ ଇତ୍ୟାଦି ଧାତୁ ବା ଖଣିଜପଦାର୍ଥ ଦ୍ରବ୍ୟ ନାହିଁ । ଏହା ସବୁ ଦାମରେ ପ୍ରସ୍ତୁତ ହୋଇ ନାହିଁ ବଳରେ ପ୍ରସ୍ତୁତ ହୋଇଅଛି ;

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ପରାରୁ ଉଦରର ସ୍ଫୀତି ଓ ପୀଡ଼ା, ନିଦ୍ରାଭଙ୍ଗ, ଶୈତ୍ୟ, ଗାତ୍ରେ

Digitized by srujanika@gmail.com

ଦୃଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ଚୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ଫାଇଲ୍ ଆକାର ଅନୁସାରେ ଟ ୦ ୫ ଟ ୦ ୯ ଓ ଟ ୦ ୩୯ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସି ମାନଙ୍କ ସୁବିଧାର୍ଥେ ଅଳକୁ ପ୍ରାୟ ପାଞ୍ଚବର୍ଷ ହେବ ଷ୍ଟୋରିସ ଦୋକାନ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ମହଜୁଦ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସହର-ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କଠାରୁ ସର୍ବଦା ଦ୍ରବ୍ୟର ତଦାରଖ ଓ ଔଷଧ ପ୍ରେରଣ କରିବାନିମନ୍ତେ ଧନ୍ୟବାଦ ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭମାନଙ୍କ ଅତଃପର ଅନୁଗ୍ରହୀତ କରିବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଜାଣିବାର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ସାବ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ ଶହେ ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୬ । ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କିନ୍ତୁ ଟଙ୍କା ବା ଇନସିଓରେନ୍ସ ଖର୍ଚ୍ଚ ସ୍ୱୀକାର ହୁଏ ନାହିଁ ଏବଂ ଭାଲ୍ୟୁପେଇବଲ୍ ବା ଭିପିଓ ଟିକେଟ ଖର୍ଚ୍ଚ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, ରଜତ ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ସୁପ୍ରୟୋଜନୀୟ ଔଷଧ ।

୧ । ପାଚନାର ତୈଳ—ଏହା ବ୍ୟବହାର କଲେ ମସ୍ତକ ଉପର ଓ ଗାତ୍ର ଶୀତଳ ହୋଇ ଦେହ ଓ ମସ୍ତିଷ୍କ ସ୍ନିଗ୍ଧ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ବୋତଲ ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁନାଶକ—୨।୩ ଦିନରେ ଏହା ଦଦ୍ରୁ ପ୍ରୟୋଗ କଲେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ପ୍ରତିକୁଣ୍ଡିଆର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଅଗ୍ନିବର୍ଦ୍ଧନୀ—ଏହା ଯଥାବିଧି ସେବନ କଲେ ପ୍ରାଚୀନ କି ନୂତନ ସବୁ ପ୍ରକାର ଅଜୀର୍ଣ୍ଣ, ଡିସ୍ପେପ୍‌ସିଆ, ବାୟୁ ଶୂଳ (ଅମ୍ଳଶୂଳ) ଓ ଉଦରାମୟ ଆଦି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧନ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, କାମଳ, ଯକୃତ, ପାଣ୍ଡୁ ଓ ରକ୍ତପିତ୍ତ ଶିରଃପୀଡ଼ା ଓ ଦୁର୍ବଳତା ନିବାରିତ ହୁଏ ।

ଏହା ଅର୍ଶରୋଗ ପକ୍ଷରେ । ସର୍ବପ୍ରକାର ପୀଡ଼ାରେ ଏହାକୁ ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରନାଶକ ଅରିଷ୍ଟ—ଏହା ସେବନ କଲେ ନୂତନ ପୁରାତନ ଜ୍ୱର, ସବୁପ୍ରକାର ପାଳିଜ୍ୱର, ସ୍ୱଳ୍ପଜ୍ୱର ଓ କମ୍ପ ଓ ପାଳଜ୍ୱର ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅଗ୍ନିମାନ୍ଦ୍ୟ ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ନିବାରିତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ (ସ୍ୱର୍ଣ୍ଣଭସ୍ମ)—ଅତିମିତ ଆହାର, ବିହାର ଅଥବା ଶାରୀରିକ ଓ ମାନସିକ ପରିଶ୍ରମ, କୁତ୍ସିତ ଜଳବାୟୁ ପାନଆଦି ଦୋଷ, ପ୍ରମେହ, ଉପଦଂଶ ପ୍ରଭୃତି ହେତୁ ରକ୍ତ ଦୋଷ ନାନାପ୍ରକାରକ୍ଷତ, କଣ୍ଡୁ, ଗାତ୍ର ଗଳିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ନିବୃତ୍ତ ହୋଇ ମାନବଦେହ ନବ ବଳ ଉତ୍ସାହ ଓ ଶୋଭାଯୁକ୍ତ ହୁଏ । ବୃଦ୍ଧାବସ୍ଥାରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ରକ୍ତଦୋଷ, ବାତ ବ୍ୟାଧି ଓ ସନ୍ଧିବାତ ଏହା କେବଳ ଅବ୍ୟର୍ଥ ହୁଏ । ଏକ ପକ୍ଷ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

| | |
|---|---|
| ଭାଲୁବଜାର, କଟକ ଔଷଧାଗାର । | ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S. |

---

## ବାଲିକାଗଡ଼ା ।

ଉତ୍କଳଦୀପିକା ଶସ୍ତା ଦରରେ ସହର ଓ ମଫସଲ ଲୋକଙ୍କୁ ବିକାଯିବ ବାବୁ ଗୋଷ୍ଠଦାସଙ୍କର ସ୍ୱପକ୍ଷ

କ ... ବାବୁ ଅତଏବ କରୁ କମ୍ପାନିଙ୍କ ଠାରେ ଉତ୍କଳ ଜିନିଷ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୪ ଇଞ୍ଚ | ବାଲି | ଦର ଟ ୧୬ | ଓଜନ ଟ ୧୪ |
| ୧୨ ଇଞ୍ଚ | " | " ଟ ୨୫ | " ଟ ୦ ୪ |
| ୧୨ ଇଞ୍ଚ | " | " ଟ ୩ | " ଟ ୦ ୮ |
| ୨୨ ଇଞ୍ଚ ପ୍ରକଳ୍ପ ଗ୍ଲେଡ଼ | ଟ ୩ | " | ଟ ୦ ୮ |

---

ଶ୍ରୀଯୁତ ବାବୁ ଗୋଷ୍ଠଦାସଙ୍କର ସ୍ୱପକ୍ଷର ପ୍ରସ୍ତୁତକାରୀ ବିଷ୍ଣୁ ଜଳଚଟ୍ଟ ଆମ୍ଭମାନଙ୍କ ଦୋକାନରେ କଳରଙ୍ଗୋଲି ଓ ଲଣ୍ଡନ ଓ ଜେର୍ମାନୀର ଲୁଗା ଓ ଷ୍ଟେସନେରୀ ଓ ବଇଁ ଛଣା ଇମାରତ୍ ସରଞ୍ଜାମ ମଜୁଦ୍ ରହିଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଇ ଅଛୁ । ତଦ୍ଭିନ୍ନ ଅନେକପ୍ରକାର ଯେଉଁ ଜିନିଷ ବଜାରେ ମିଳେ ନାହିଁ ସେ ସବୁ ଯାହାଙ୍କର ଆବଶ୍ୟକ ହେବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଜାଗାକୁ କେହି ସାହେବ ଓ ବର୍ଷାକାଳ ଜଳଧାରାରେ ଦୋକାନରେ ଆସିଲେ ଚେତେ ପାଣିରେ ଜିନିଷ ଭଲ ଅଛି ଏଥିରେ ପ୍ରାୟ ଦେବ ମିଳିବ ହେବ ଓ ଭଲ ଧରିବ ନାହିଁ ।

ବଗିଚା ଜମିରେ ଓ ସାଇକେଲ ଲଗାଇବାର ଜିନିଷ ମଧ୍ୟ ଅଛି ।

ଅରୁଣଭଞ୍ଜ ଜଳ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଛପାଇବା

| | |
|---|---|
| ପ୍ରତିପଙ୍କ୍ତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ଯାହା ଦୋହରି ଛାପିବେ ତେବେ ଶୁଦ୍ଧ ଦେବେ ଉର୍ଦ୍ଧ୍ୱ ଖର୍ଚ୍ଚ ଟ ୦୵ ର ଉଣା ହେବ ନାହିଁ ।

ପୁସ୍ତକ ଓ ଜିନିଷ ଆଦି ସମ୍ବନ୍ଧରେ ଖଣ୍ଡ ପ୍ରଥମର ଅଲଗ ଖବର ଓ ଦୁଇଣ ସଞ୍ଚାଳନ ହେବ ।

ଅଧିକ ଦରର ସମ୍ବନ୍ଧେ ସ୍ୱତନ୍ତ୍ର କରିବାକୁ ହେବ ପ୍ରକାଶକ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

---

ଏହି ପତ୍ର ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରରେ ଶ୍ରୀ ହରିଶ୍ଚନ୍ଦ୍ର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
GISTERED NO. 1


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୮ ଶ । ସଂ ୩ ସଂଖ୍ୟା । ତା ୨୧ ଦଶ ମାହେ ଜାନୁଆରି ସନ ୧୮୯୦ ମସିହା । ମାଘ ଦ ୫ ଦି ସନ ୧୨୯୭ ସାଲ ଶନିବାର । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯ । ପଶ୍ଚାଦେୟ ଟ ୨୯


## ବିଜ୍ଞାପନ ।

ଓଡ଼ିଶା

ସନ ୧୮୯୩।୯୪ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବଂ ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖଣ୍ଡରୁ ଟ୦।୬ ଡାକମସୁଲ ଟ୦/

ଛୋଟ ଖଣ୍ଡରୁ ଟ୦/ ଡାକମାସୁଲ ଟ୦୬


ସଞ୍ଜୀବନୀରୁ ଆନନ୍ଦର ସହିତ ଅବଗତ ହେଲୁଁ ଯେ ଜମିଦାରୀ ପଞ୍ଚାଏତ ସଭା ଏହି ମାଘମାସଠାରୁ ଜମିଦାରୀକାର୍ଯ୍ୟଶିକ୍ଷାଦାନର ଗୋଟିଏ ବିଦ୍ୟାଳୟ ସ୍ଥାପନ କରିବାର ସଙ୍କଳ୍ପ କରିଅଛନ୍ତି । ଏତତ୍‌ ସ୍ଥାପନ କରିବାର ... ଦ୍ୟାଳୟ ବିଖ୍ୟାତ ବିଦ୍ୟାସାଗରଙ୍କ ମେଟ୍ରପଲିଟନ କଲେଜରେ ସ୍ଥାପିତ ହେବ । ଛାତ୍ରମାନେ ଜମିଦାରୀସମ୍ପର୍କୀୟ ଆଇନ, ଜରିପ ଏବଂ ହିସାବପତ୍ର ଲେଖିବାର ଧାରା ଶିକ୍ଷା କରିବେ । ଇଂରାଜୀ ଏବଂ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ଦିଆଯିବ । କୃଷିକାର୍ଯ୍ୟର ଶିକ୍ଷା ଏଥିସଙ୍ଗେ ଯୋଗ ହେଲେ ଭଲ ହୁଅନ୍ତା ।

---

ଓଡ଼ିଶାର ସମୁଦ୍ରକୂଳସ୍ଥ ମହାଲମାନଙ୍କର ଅବସ୍ଥା ପରିଦର୍ଶନ କରିବା ନିମନ୍ତେ ବୈତରଣୀ ପୂର୍ବେ ଗବର୍ଣ୍ଣମେଣ୍ଟଙ୍କ ଆଦେଶାନୁସାରେ ମହାମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ଏ ପ୍ରଦେଶକୁ ଆସିଥିଲେ । କି ଉପାୟରେ ଓଡ଼ିଶାରେ ସଂସ୍କୃତଶିକ୍ଷାର ଉନ୍ନତି ହେବ ତାହା ସ୍ଥିର କରିବା ନିମନ୍ତେ ସମ୍ପ୍ରତି ପୁଣି ନ୍ୟାୟରତ୍ନ ମହାଶୟ ଓଡ଼ିଶାକୁ ଆସିବା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଆଦିଷ୍ଟ ହୋଇଅଛନ୍ତି । ସମ୍ଭବତଃ ସେ ଏହି ମାସ ଶେଷରେ ଆସିବେ । ଆମ୍ଭେମାନେ ଆଶା କରୁଁ ଓଡ଼ିଶାର ସଂସ୍କୃତଜ୍ଞ ଓ ସଂସ୍କୃତାନୁରାଗୀ ବ୍ୟକ୍ତିମାନେ ନ୍ୟାୟରତ୍ନ ମହାଶୟଙ୍କସଙ୍ଗେ ମିଳି ଉନ୍ନତିର ପଥ ସ୍ଥିର କରିବେ ।

---

କୁଷ୍ଠାଶ୍ରମସମ୍ବନ୍ଧୀୟ ଆବେଦନ ବିରୁଦ୍ଧରେ କଲିକତା ଟାଉନହଲର ବିରାଟ ସଭାରୁ ଯେଉଁ ଆବେଦନ ପତ୍ର ଷ୍ଟେଟ୍‌ସେକ୍ରେଟେରିଙ୍କ ନିକଟକୁ ବିଲାତକୁ ପ୍ରେରିତ ହୋଇଥିଲା, ବିଡ଼ନ୍ଷ୍ଟ୍ରିଟ ଓ ତାଙ୍କର ସଦସ୍ୟମାନେ ତହିଁ ସଙ୍ଗେ ଗବର୍ଣ୍ଣମେଣ୍ଟ ଆଦେଶ ସପକ୍ଷରେ ଗୋଟିଏ ଦୀର୍ଘ ମନ୍ତବ୍ୟ ପ୍ରେରଣ କରିଥିଲେ । ସମ୍ପ୍ରତି କଲିକତାବାସିମାନେ ଉକ୍ତ ମନ୍ତବ୍ୟର ପ୍ରତିବାଦ ଷ୍ଟେଟ୍‌ସେକ୍ରେଟେରିଙ୍କ ନିକଟକୁ ପ୍ରେରଣ କରିଅଛନ୍ତି । ଅତଃପର ଜନରବ ଶୁଣାଯାଏ ଯେ କୁଷ୍ଠପ୍ରଥା ରହିତ କରିବାକୁ ମିଉନିସିପାଲିଟିକୁ ରହିତ କରି ଷ୍ଟେଟ ସେକ୍ରେଟେରୀ ମହୋଦୟ ବଡ଼ଲାଟଙ୍କ ସମୀପକୁ ତାରଯୋଗେ ଆଦେଶ ପଠାଇ ଅଛନ୍ତି । ଯଦି ଶେଷ ବୃତ୍ତାନ୍ତ ପରେ ପ୍ରକାଶ ପାଇବ ।

---

ମଇମନସିଂହର ରାଜା ସୂର୍ଯ୍ୟକାନ୍ତ ଆଚାର୍ଯ୍ୟଙ୍କ ନାମରେ ସେଠା ମାଜିଷ୍ଟ୍ରେଟ ଫିଲିପସ ସାହେବ ଯେଉଁ ମୋକଦମା କରି ଥିଲେ ତହିଁ ସମ୍ବନ୍ଧରେ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟଙ୍କ ମନ୍ତବ୍ୟ ବାହାର ଅଛି । ମୋକଦମା ହାଇକୋର୍ଟରେ ଯେମନ୍ତ ନିଷ୍ପତ୍ତି ହୋଇ ଅଛି ତାହା ଗୃହୀତ ହୋଇ ଏବଂ ଲେପ୍ଟେନାଣ୍ଟ ତାହା ଗ୍ରହଣ କରି ଅଛନ୍ତି । ଲେପ୍ଟେନାଣ୍ଟଙ୍କ ବିବେଚନାରେ ଫିଲିପସ ସାହେବ ରାଜାଙ୍କ ବିରୁଦ୍ଧରେ ଉକ୍ତ ମୋକଦମା ଦାୟର କରି ଯେପରି ଭାବରେ ଚଳାଇ ଥିଲେ ତହିଁରେ ତାହାଙ୍କର ନିତାନ୍ତ ମୂଢ଼ତା କଠୋରତା ଏବଂ ଅଭଦ୍ରତା ପ୍ରକାଶ ପାଇ ଅଛି । ମାତ୍ର ଏଥିରେ ଫିଲିପସ ସାହେବଙ୍କର କିଛି ମନ୍ଦ ଅଭିପ୍ରାୟ ଥିବାର ଜଣାଯାଉ ନାହିଁ ସେ କେବଳ ଆପଣା କର୍ତ୍ତବ୍ୟ ଜ୍ଞାନ କରି ମୋକଦମା ଚଳାଇ ଥିଲେ । ଉତ୍ତମ, ମାତ୍ର ଯେ ଏତେ ମୂର୍ଖ ଏବଂ ବିଚାରଶୂନ୍ୟ ତାହାଙ୍କଠାରେ ଗୋଟାଏ ଜିଲାର ଭାର ରଖିବା କର୍ତ୍ତବ୍ୟ କି ? ଅନ୍ତତଃ ଭବିଷ୍ୟତ ଶିକ୍ଷା ନିମନ୍ତେ ତାହାଙ୍କୁ କିଛି ଶାସନ କରିବାର ଉଚିତ ଥିଲା । ପାର୍ଲିଆମେଣ୍ଟରେ ଏ ବିଷୟର ଆନ୍ଦୋଳନ କରିବା ନିମନ୍ତେ କଲିକତା ହାଇକୋର୍ଟର ଭୂତପୂର୍ବ ଜଜ ଗାର୍ଥ ସାହେବ ପ୍ରତିଶ୍ରୁତ ହୋଇ ଅଛନ୍ତି ।

---

ବାଲେଶ୍ୱର ଗତ ଡିସେମ୍ବର ମାସରେ ଶ୍ରୀମ-

Digitized by srujanika@gmail.com

ମାନଙ୍କର ଉତ୍ସାହରେ ଦାଦା ଭାଇ ନାଓରୋଜୀ-ମହୋଦୟ ଭାରତୀୟ ରାଜନୀତିସମ୍ବନ୍ଧରେ ଏକ ବକ୍ତୃତାପ୍ରଦାନ କରିଥିଲେ। ପାର୍ଲିମେଣ୍ଟର ମେମ୍ବର କେର୍‌ହାର୍ଡି ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ। ଦାଦା ଭାଇ ନାଓରୋଜୀ ମହୋଦୟ ବକ୍ତୃତାରେ ପ୍ରବୃତ୍ତ ଅସନ୍ତୋଷ କଲେରୁ ଶ୍ରୀ ସେସ ଶୁଡ଼ାଲ୍ ମହୋଦୟା ତାଙ୍କୁ ବିଲାତର ପ୍ରଜାସାଧାରଣ-ପକ୍ଷରୁ ଏକ ସୁନ୍ଦର ମାଳା ପିନ୍ଧାଇ ଦେଇ କହିଲେ "ଆପଣ ନିଷ୍ପୀଡ଼ିତ ଭାରତରେ ଗୁରୁକାର୍ଯ୍ୟ ହୋଇଥିବାରୁ ଆପଣଙ୍କୁ ଏ ମାଳ ପ୍ରଦତ୍ତ ହେଲା"। ଏଥିରୁ ଭାରତବାସିମାନେ ବୁଝିବେ ଯେ ବିଲାତର ପ୍ରଜାସାଧାରଣ ଭାରତ-ବାସିଙ୍କ ଉଚ୍ଚାକାଂକ୍ଷାକୁ ଅନୁମୋଦନ କରନ୍ତି ଏବଂ ସେମାନଙ୍କର ମତ ଯେ ବିଜୟୀଜାତିଙ୍କ ଅଧୀନରେ ବିଜାତିଜାତି ଅଧିକକାଳ ବଶବର୍ତ୍ତୀ ହୋଇ ରହିବାର ଆବଶ୍ୟକ ନାହିଁ। ଦାଦା-ଭାଇ ନାଓରୋଜୀ ମହୋଦୟ ଏଥିର ସମୁଚିତ ଉତ୍ତରପ୍ରଦାନ କରି କହିଲେ ଯେ ବିଦେଶୀୟ ଶାସନାଧୀନରେ ଥାଇଁ ଭାରତବର୍ଷ ପ୍ରତିବର୍ଷ ବିଦେଶକୁ ବରମା ଉଦ୍ଧ୍ୟାଦ ଛଡ଼ି ୧୫୦-ନିୟୁତ ମୁଦ୍ରା ପଠାଉଅଛି ଏବଂ ଏହା ଯେମନ୍ତ ତାଙ୍କୁ ବାଧୁଅଛି ଏଡ଼ିଟା ମଧ୍ୟ ସେମନ୍ତ ଅନୁଭବ ଅଟଇ।

---

କେଉଁଝରର ଅବସ୍ଥା ଜାଣିବାନିମନ୍ତେ ସାଧାରଣ ଉତ୍ସୁକ ହୋଇଥିବେ। ଆମ୍ଭେମାନେ ମନେ କରିଥିଲୁଁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ମିଃ କକ୍ସ ସାହେବ ପତ୍ରମୁଖମାନରେ ପତ୍ନୀଙ୍କଣି ଭୂୟାଁମାନେ ବଶତା ସ୍ୱୀକାର କରିବେ, କିନ୍ତୁ ଏପର୍ଯ୍ୟନ୍ତ ସେପରି କୌଣସି ସୁସମ୍ବାଦ ଆସିନାହିଁ ସାହେବ ମହୋଦୟ ଓ ସ୍ୱୟଂବାହାଦୁର ଭୂୟାଁମାନଙ୍କୁ ଆକ୍ରମଣ କରିବାନିମନ୍ତେ ଗଡ଼ରୁ ବହିର୍ଗତ ହେବାକୁ ବାଧ୍ୟ ହେଲେ। ଏକଦଳର ଅଧିପତି ସାହେବ ମହୋଦୟ ଓ ଅନ୍ୟଦଳର ଅଧିପତି ସ୍ୱୟଂବାହାଦୁର ଦୁଇ ଦଳରୁ ଧାବମାନ ହୋଇଅଛନ୍ତି; ସାହେବ ମହୋଦୟ ଉତ୍ତର-ଅଞ୍ଚଳକୁ ଓ ସ୍ୱୟଂବାହାଦୁର ଦକ୍ଷିଣଅଞ୍ଚଳକୁ। ଅନେକ ସ୍ଥାନରେ ଗ୍ରାମବାସିମାନେ ଗ୍ରାମମାନ ପରିତ୍ୟାଗ କରି ପଳାଇ ଗଲେଣି। ବିଦ୍ରୋହୀ-ମାନେ ସେମାନଙ୍କର ସ୍ତ୍ରୀବାଳକ ପଶୁ ଓ ସମ୍ପତ୍ତି ସେନ ପାହାଡ଼ରେ ଆଶ୍ରୟଗ୍ରହଣ କରୁଅଛନ୍ତି। ବିଦ୍ରୋହିମାନଙ୍କୁ ଦମ୍ଭପ୍ରଦର୍ଶିତ ହେଉଅଛି। ସେମାନେ କୌଣସି ପ୍ରକାରବାଧା ଦର୍ଶାଇବାକୁ ସାହସୀ ହୋଇ ନାହାନ୍ତି। ପ୍ରଧାନ ଦଳପତି-ମାନେ ଏପର୍ଯ୍ୟନ୍ତ ଧୃତ ହୋଇ ନାହାନ୍ତି। ସେ-ମାନଙ୍କ ମନରେ ଧାରଣା ଅଛି ଯେ ସେମାନେ ମୋକଦ୍ଦମା କରି ରାଜାଙ୍କୁ ସିଂହାସନଚ୍ୟୁତ କରି-ପାରିବେ। ଏହି ଦଳପତିମାନଙ୍କୁ ଧରିବା-ନିମନ୍ତେ ଉଦ୍ୟମ ଚାଲିଅଛି। ସେମାନଙ୍କ ମଧ୍ୟରୁ ପ୍ରଧାନ ଗୃହୀଜଣଙ୍କୁ ଧରିଦେଲେ ଅଥବା ଧରା-ଇଦେବାର ସମ୍ବାଦ ଦେଲେ ପ୍ରତ୍ୟେକଧୃତବ୍ୟ-କ୍ତିସକାଶେ ଏକଶତ ଟଙ୍କା ଓ ଅନ୍ୟ ଚୌଦ-ଜଣଙ୍କୁ ଧରିଦେଲେ ଅଥବା ଧରାଇ ଦେବାର ସମ୍ବାଦ ଦେଲେ ପ୍ରତ୍ୟେକ ଧୃତବ୍ୟକ୍ତି ନିମନ୍ତେ ପଞ୍ଚାଶଟଙ୍କା ହିସାବରେ ପୁରସ୍କାର ଦିଆଯିବାର ଘୋଷଣା ଦିଆହୋଇ ଅଛି। ବିଦ୍ରୋହିମାନଙ୍କ ମଧ୍ୟରୁ ଛଅଜଣ ବଶତା ସ୍ୱୀକାର କରି ଖଡ୍ଗ ପ୍ରଦାନ କରିଅଛନ୍ତି। ସାହେବ ମହୋଦୟ ସେମାନଙ୍କୁ ଆହାରରୁ ରକ୍ଷା କରିବାନିମନ୍ତେ ସେମାନଙ୍କର ଜୋବ ହୋଇଥିବା ଗସ୍ୟାଦରୁ ବାରପଣ ଫେରାଇ ଦେଉଅଛନ୍ତି।

---

ଜାତୀୟ ମହାସମିତିର ଗତ ଅଧିବେଶନରେ ଯେଉଁ ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ସ୍ଥିର ହୋଇଁର ସାରମର୍ମ ଲିଖିତ ହେଲା।

୧ମ—ବ୍ୟବସ୍ଥାପକସଭାର ସଂସ୍କାର। ବର୍ତ୍ତ-ମାନ ପାର୍ଲିଆମେଣ୍ଟରେ ଭାରତୀୟ ବ୍ୟବସ୍ଥାପକ-ସଭାସମ୍ବନ୍ଧରେ ଯେଉଁ ଆଇନ ପ୍ରଣୀତ ହୋଇ ଅଛି ତହିଁର ଭାଷା ଜଟିଳ ହୋଇଅଛି, ପ୍ରକୃତ ପ୍ରତିନିଧିପ୍ରଣାଳୀ ଚଳାଇବା ଉଦ୍ଦେଶ୍ୟରେ ନିୟମାବଳୀ ପ୍ରଣୟନ କରିବା ଉଚିତ। ୨ୟ—ପବ୍ଲିକ୍ ସର୍ଭିସ୍ କମିଶନ:—ଭାରତବାସିମାନଙ୍କୁ ୧୮୯୨ ସୁଦ୍ଧା ପଦ ଦେବାକୁ ବ୍ୟବସ୍ଥା କରିଥିଲେ କିନ୍ତୁ ଗବର୍ଣ୍ଣମେଣ୍ଟ ୯୫ ଟି କାର୍ଯ୍ୟ ଦେବାକୁ ପ୍ରସ୍ତୁତ ହୋଇ ଅଛନ୍ତି। ଗବର୍ଣ୍ଣମେଣ୍ଟଙ୍କ ଅନୁଗ୍ରହ ବ୍ୟତୀତ ଭାରତବାସିମାନେ ଉଚ୍ଚ ସରକାର୍ଯ୍ୟ ପାଇବାର ବ୍ୟବସ୍ଥା କରିବା କର୍ତ୍ତବ୍ୟ। ୩ୟ—ଶାସନକର୍ତ୍ତା ଓ ବିଚାରକର୍ତ୍ତା ଏ ଉଭୟଙ୍କର କର୍ତ୍ତବ୍ୟକର୍ମ ସମ୍ପୂର୍ଣ୍ଣ ପୃଥକ୍ ଅତଏବ ଶାସନବିଭାଗରୁ ବିଚାରବିଭାଗ ପୃଥକ୍ କରିବା ଉଚିତ। ୪ର୍ଥ—ସୈନ୍ୟବିଭାଗରେ ପ୍ରଜାଙ୍କର କରବା ଉଚିତ କିନ୍ତୁ ଇଣ୍ଡିଆପରେ ଓ ଲଣ୍ଡନରେ ଉକ୍ତ ବିଷୟ ଦୂର କରିବା ନିମନ୍ତେ ଯେଉଁ କମିଟୀମାନ ବସିଅଛି ସେମାନଙ୍କର ମତ ବାହାରିବା ପୂର୍ବରୁ ଗବର୍ଣ୍ଣମେଣ୍ଟ ଏ ବିଷୟରେ ହସ୍ତକ୍ଷେପ କରିବା ଅନୁଚିତ। ୫ମ—ଇନ-କମ୍‌ଟିକସ ଲୁଣର ମାସୁଲ, ଅବକାରୀ ବିଭାଗ, ପୁଲିସବିଭାଗ, ଅସ୍ତ୍ରଆଇନ ଓ ସୈନିକବିଦ୍ୟା-ଳୟର ସଂସ୍କାର କରିବା ପ୍ରୟୋଜନ। ୬ଷ୍ଠ—କୁଲିପ୍ରଥା ରଦ୍ଦ କରିବା ଉଚିତ। ୭ମ—ଭାରତବର୍ଷର ସୈନିକବ୍ୟୟର କିୟଦଂଶ ଇଂଲଣ୍ଡର ରାଜକୋଷରୁ ଆସିବା ଉଚିତ। ୮ମ—ଗବର୍ଣ୍ଣମେଣ୍ଟ ଶିକ୍ଷାବିଭାଗର ବ୍ୟୟ ହ୍ରାସ କରୁଅଛନ୍ତି। ଶିକ୍ଷାବ୍ୟୟର ସୁବନ୍ଦୋବସ୍ତ କର୍ତ୍ତବ୍ୟ। ୯ମ—ଦେଶର ମଙ୍ଗଳ ନିମନ୍ତେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରାର୍ଥନା। ୧୦ମ—ଜଙ୍ଗଲ୍‌ଆଇନର କଠୋରତା ହ୍ରାସ କରିବା ଉଚିତ। ୧୧ଶ—ପବ୍‌ଲିକ୍ ସର୍ଭିସସମ୍ବନ୍ଧେ ପାର୍ଲିଆମେଣ୍ଟକୁ ଦରଖାସ୍ତ ପଠାଇବାର ପ୍ରସ୍ତାବ। ୧୨ଶ—ପଞ୍ଜାବରେ ଗୋଟିଏ ବ୍ୟବସ୍ଥାପକସଭା ସ୍ଥାପନ କରିବାର ପ୍ରାର୍ଥନା। ୧୩ଶ—ପ୍ରସ୍ତା-ବରେ ମହାସମିତିର ବିଲାତକମିଟୀଙ୍କୁ ଧନ୍ୟବାଦ ପ୍ରଦତ୍ତ ହୋଇ ଥିଲା। ୧୪ଶ—ଗବର୍ଣ୍ଣମେଣ୍ଟ ବ୍ୟୟଭାର ପ୍ରଶସ୍ତ ଦେଇ ଅଛନ୍ତି। ତାହା ଲାଘବ କରିବା ଉଚିତ। ୧୫ଶ—ମହାସମି-ତିର ବିଲାତ କମିଟୀର ବ୍ୟୟ ନିମନ୍ତେ ଚାନ୍ଦା-ସଂଗ୍ରହ। ୧୬ଶ—ଦାଦାଭାଇ ନୌରୋଜୀଙ୍କ ନିର୍ବାଚକମାନଙ୍କୁ ଧନ୍ୟବାଦ ପ୍ରଦାନ। ୧୭ଶ-୧୮୯୩ ସାଲର ଅଧିବେଶନ ପୂର୍ବରୁ ବିଲାତରେ କଂଗ୍ରେସ ନ ବସିବାର ପ୍ରସ୍ତାବ। ୧୮ଶ—ବିଲାତକମିଟୀର ବ୍ୟୟ ଚାନ୍ଦା। ୧୯ଶ—ଶ୍ରୀଯୁକ୍ତ ହ୍ୟୁମସାହେବ ସମ୍ପାଦକ ଓ ସ୍ୱୟଂବାହା-ଦୁର ଆନନ୍ଦଚାର୍ଲୁ ସହଯୋଗୀ ସମ୍ପାଦକ ହେଲେ। ୨୦ଶ—ହାରବର୍ଟଙ୍କ ମହାଶୟଙ୍କୁ ଧନ୍ୟବାଦ ପ୍ରଦାନ। ୨୧ଶ—ପଣ୍ଡିତ ଅଯୋ-ଧ୍ୟାନାଥଙ୍କ ସ୍ଥାନରେ ପଣ୍ଡିତ ବିଶମ୍ଭରନାଥ ମହା-ସମିତିର ଅର୍ଥକୋଷର ଅନ୍ୟତମ ଟ୍ରଷ୍ଟୀ ନିଯୁକ୍ତ ହେଲେ। ୨୨ଶ—ମହାସମିତିର ଆଗାମୀ ଅଧି-ବେଶନ ଅମୃତସର ବା ଲାହୋରରେ ହେବ। ୨୩ଶ—ଅଭ୍ୟର୍ଥନାକମିଟୀଙ୍କୁ ଧନ୍ୟବାଦ ପ୍ରଦାନ। ୨୪ଶ ପ୍ରସ୍ତାବରେ ସଭାପତିଙ୍କୁ ଧନ୍ୟ-ବାଦ ଦିଆଗଲା ଓ ସଭାପତିଙ୍କ ପ୍ରସ୍ତାବ ଅନୁସା-ରେ ମହାରାଣୀଙ୍କୁ ଧନ୍ୟବାଦ ଦିଆହୋଇ ଅଷ୍ଟମ ମହାସମିତିର ମହାସଭା ଭଙ୍ଗ ହେଲା।

---

ବଙ୍ଗୀୟ ବ୍ୟବସ୍ଥାପକସଭାର ଏ ବର୍ଷର ପ୍ରଥମ ଅଧିବେଶନ ଗତ ପନ୍ଦର ତାରିଖରେ କଲି-କତାରେ ହୋଇଥିଲା। ଏ ବର୍ଷ ଯେ ସମସ୍ତ

Split by PDF Splitter
Digitized by srujanika@gmail.com

ବ୍ୟବସ୍ଥା କାର୍ଯ୍ୟ ହେବ ସଭାପତି ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ବ୍ୟାଖ୍ୟା କଲା ଉତ୍ତାରୁ ମାନ୍ୟବର ଘୋଷ ସାହେବ ମିଉନିସିପଲ ଆଇନ ସଂଶୋଧନବିଷୟକ ପାଣ୍ଡୁଲିପି ବିଶେଷ କମିଟୀଙ୍କ ବିଚାରାର୍ଥେ ଫେର ପଠାଇବାର ପ୍ରସ୍ତାବ କରନ୍ତେ ତାହା ଧାର୍ଯ୍ୟ ହେଲା । ହଠାତ୍ ଏପ୍ରକାର ପ୍ରସ୍ତାବ ହୋଇଗଲା ଓ ମଧ୍ୟ ଲେପ୍ଟେନାଣ୍ଟ ବାହାଦୂର ଯେକି ସାଧାରଣ ଆପତ୍ତି ଅଗ୍ରାହ୍ୟ କରି ଚୌକିଦାରୀ ଆଇନ ପାସ କରି ଗଲେ ଅକସ୍ମାତ୍ ଭାବରେ ଦୃଷ୍ଟପ୍ରଥା ଉଲ୍ଲଙ୍ଘନ କଲେ ଓ ମିଉନିସିପାଲ ଆଇନବିରୁଦ୍ଧରେ ଆନ୍ଦୋଳନ ହୋଇଥିଲେ ସୁଦ୍ଧା ତାହାର କଥା ଶୁଣିଲେ ନାହିଁ । ସେ ପୁଣି ବ୍ୟବସ୍ଥାପକ ସଭାରେ ନିମ୍ନଲିଖିତ ଭାବରେ ତାଙ୍କର ମନୋଗତ ବ୍ୟାଖ୍ୟା କରିଅଛନ୍ତି । ମିଉନିସିପାଲ ବିଲଦ୍ୱାରା ମିଉନିସିପାଲଟୀର ଅନେକ ଅଧିକାର ରହିତ ହୋଇଯିବ ବୋଲି ଆପତ୍ତି ଆଗତ ହୋଇଅଛି । ତନ୍ମଧ୍ୟରେ ନିମ୍ନଲିଖିତ ବିଷୟ ପୁନର୍ବିବେଚ୍ୟ । ୪ ଧାରାରେ ଗବର୍ଣ୍ଣମେଣ୍ଟଙ୍କୁ କ୍ଷମତା ଦିଆ ହୋଇଅଛି ଯେ ଗବର୍ଣ୍ଣମେଣ୍ଟ ମିଉନିସିପାଲଟୀର ସୀମା ପରିବର୍ତ୍ତନ କରି ପାରିବେ ଓ ଯେଉଁ ସମସ୍ତ ସ୍ଥାନ ମିଉନିସିପାଲଟୀର ଅଧିକାରଭୁକ୍ତ ରଖିବା ଅନୁଚିତ ତାହା ଅଧିକାର ବହିର୍ଭୂତ କରିବେ । ଏ କ୍ଷମତା ବର୍ତ୍ତମାନ ମିଉନିସିପାଲ କମିଶନରମାନଙ୍କଠାରେ ଅଛି । ଉପରୋକ୍ତ ଧାରାଦ୍ୱାରା ମିଉନିସିପାଲଟୀର ସ୍ୱାଧୀନତାରେ ହସ୍ତକ୍ଷେପ କରା ହେବ । ୧୧ ଧାରାର ୪ ପ୍ରକରଣରେ ଗବର୍ଣ୍ଣମେଣ୍ଟ କୌଣସି ମିଉନିସିପାଲଟୀକୁ ସଭାପତି ନିର୍ବାଚନକ୍ଷମତାରୁ ବଞ୍ଚିତ କରି ପାରିବେ ଓ ୨୭ ଧାରାରେ ଲାଇସେନ୍ସ ଡେପୁଟିମାନ ନିଯୋଗ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ସାପେକ୍ଷ ଏହି ଧାରାମାନଙ୍କ ବିରୁଦ୍ଧରେ ପ୍ରବଳ ଆପତ୍ତି ହୋଇଥିଲା କିନ୍ତୁ ଲେପ୍ଟେନାଣ୍ଟ କର୍ଣ୍ଣପାତ ନ କରି ଥିଲେ । ବର୍ତ୍ତମାନ ସେ ପ୍ରକାଶ କରୁଅଛନ୍ତି ଯେ ଯେଉଁମାନେ ଏହି ଆଇନଦ୍ୱାରା ସୁଖୀ ଅବା ଅସୁଖୀ ହେବେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ସେମାନଙ୍କ ଆପତ୍ତି ଶ୍ରବଣ କରିବା ନ୍ୟାୟସଙ୍ଗତ କାର୍ଯ୍ୟ । ଗବର୍ଣ୍ଣମେଣ୍ଟ ଅନ୍ୟ ଉପାୟ ଅବଲମ୍ବନ କରି [illegible] କରି ପାରିଲେ ସୁଦ୍ଧା ସାଧାରଣର ଅସନ୍ତୋଷ ଉତ୍ପାଦନ କରି କୌଣସି ସଂସ୍କାର କାର୍ଯ୍ୟ କରିବା ତାଙ୍କ ପକ୍ଷରେ ଅକର୍ତ୍ତବ୍ୟ । ଡେପୁଟିମାନ ଓ ଲାଇସେନ୍ସଡେପୁଟିମାନଙ୍କ ନିଯୋଗ ସମ୍ବନ୍ଧରେ ଉପରୋକ୍ତ ଦୁଇ ଧାରାକୁ ପ୍ରତ୍ୟାହାର କରିବା ଲେପ୍ଟେନାଣ୍ଟ ଯେଉଁ କାରଣରୁ ସ୍ଥିର କରିଥିଲେ ଓ ଗତବର୍ଷକ ମଧ୍ୟ ସେହି କାରଣରୁ ଉକ୍ତ ଦୁଇଧାରାକୁ ଉଠାଇଦେବାକୁ ଲେଖିଅଛନ୍ତି । ଉପରୋକ୍ତ ଧାରା ବ୍ୟତୀତ ଲେପ୍ଟେନାଣ୍ଟ ଅନେକ ଛୋଟିଧାରା ବିଷୟ ମଧ୍ୟ ଉଲ୍ଲେଖ କରିଥିଲେ ଓ ସେଥିର ବିଚାର ବିଶେଷ କମିଟୀରେ ହେବ । ହିସାବପତ୍ର ଠିକ ରଖିବା ନିମନ୍ତେ ଧା ୨୯ ଅନୁଯାୟୀ ବିଶେଷ ଓଭରସିୟର ନିଯୁକ୍ତ ହେବ । ଧା ୩୧ ଅନୁଯାୟୀ ମିଉନିସିପାଲ କମିଶନରଙ୍କଠାରୁ ଟ୍ୟାକ୍ସ ଧାର୍ଯ୍ୟକରିବାର ଭାର ଉଠାଇନେଇ ସ୍ୱାଧୀନ ଅସେସରଙ୍କ ହସ୍ତରେ ନ୍ୟସ୍ତ କରାଯିବ । ମାଜିଷ୍ଟ୍ରେଟ ଅନୁରୋଧ କଲେ ଓ ବିଭାଗୀୟ କମିଶନର ସମର୍ଥନ କଲେ ସେହି ଅସେସର ନିଯୁକ୍ତ କରାଯିବ ଏହା ଲେପ୍ଟେନାଣ୍ଟ ବାହାଦୂର [illegible]ନାଗପୁର ମିଉନିସିପାଲଟୀଙ୍କୁ ଉତ୍ତର ଦେବା ସମୟରେ ପ୍ରକାଶ କରିଥିଲେ । ଗବର୍ଣ୍ଣମେଣ୍ଟ ଏ ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ କରି ନାହାନ୍ତି । ବର୍ତ୍ତମାନ ବିଶେଷ କମିଟୀ ଓ ବ୍ୟବସ୍ଥାପକ ସଭା ଉପରେ ଆତ୍ମସମର୍ପଣ କରିଅଛନ୍ତି । ପରିଶେଷରେ ଲେପ୍ଟେନାଣ୍ଟ ପ୍ରକାଶ କଲେ ଯେ ମିଉନିସିପାଲଟୀର ସ୍ୱାଧୀନତା ବିଷୟରେ ଓ ଯେଉଁ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ମିଉନିସିପାଲଟୀକ୍ଷମତାରେ ହସ୍ତକ୍ଷେପ କରିଥିବାର ଆନ୍ଦୋଳନ ଉଠିଅଛି ଓ ଯେଉଁ ବିଷୟର ବିଶେଷ ଆବଶ୍ୟକ ନାହିଁ ସମସ୍ତ ବିଷୟ ଗବର୍ଣ୍ଣମେଣ୍ଟ ପ୍ରଥମରେ ବିଶେଷ କମିଟୀ ଓ ଦ୍ୱିତୀୟରେ ବ୍ୟବସ୍ଥାପକ ସଭାଙ୍କ ମତାନୁଯାୟୀ କାର୍ଯ୍ୟକାରୀ ହେବେ ଓ ଆଶା କରନ୍ତି ଯେ ଏ ବିଷୟର ସମ୍ପୂର୍ଣ୍ଣ ଭାର ସେମାନଙ୍କ ହସ୍ତରେ ଅର୍ପିତ ହେଲା ଓ ସେମାନେ ଯେପରି ସ୍ୱାଧୀନଭାବରେ କାର୍ଯ୍ୟ କରିବେ ଓ ଏହା ସୁଶାସନ ନିମନ୍ତେ ଆବଶ୍ୟକ । ଏକମାସ ମଧ୍ୟରେ ବ୍ୟବସ୍ଥାପକ ସଭା ପୁନର୍ଗଠିତ ହୋଇ ମିଉନିସିପାଲ ବିଲର ପୁନର୍ବିଚାର ହେବ । ଲେପ୍ଟେନାଣ୍ଟ ବାହାଦୂରଙ୍କ ବ୍ୟାଖ୍ୟା ଏହିଠାରେ ସମାପ୍ତ ହେଲା । କାହିଁକି ପୁନର୍ବିଚାରର କଥା ଉତ୍ଥାପନ ହେଲା ପାଠକମାନେ ବୁଝିପାରିବେ । ସ୍ୱାଧୀନଭାବରେ କାର୍ଯ୍ୟ କରିବାକୁ ଲେପ୍ଟେନାଣ୍ଟ ବାହାଦୂର ପରାମର୍ଶ ଦେଇଅଛନ୍ତି ସତ୍ୟ କିନ୍ତୁ ଏଥିରୁ ଆମ୍ଭମାନଙ୍କ ମନରେ ଗୋଟିଏ ଦେଶୀୟ କଥା ମନେ ପଡ଼ିଲା "ଠାକୁର ଘରେ କିଏ ନା ମୁଁ କଦଳୀ ଖାଇ ନାହିଁ" । ଆମ୍ଭମାନଙ୍କର ଏପ୍ରକାର ଭୟ କଷ୍ଟ ଅନୁଚିତ ହେଲେ ସୁଦ୍ଧା କେବଳ ଏହିରୂପ ପ୍ରତିବାଦ ଥିବାର କଥା ଉଲ୍ଲେଖ କଲୁଁ । ଲେପ୍ଟେନାଣ୍ଟଙ୍କ ମତ ମିଉନିସିପାଲ ବିଲସମ୍ବନ୍ଧରେ ଫେରଇଲା ଅନ୍ୟ ବିଷୟରେ ମତ ଫେରଇବାର ଦେଖିଲେ ସୁଖୀ ହେବୁଁ ।

---

## ହୃଦୟବିଦାରକ ଦୁର୍ଘଟନା ।

ଗତ ତା ୧୬ ରିଖ ସୋମବାର ପ୍ରାତଃ ଦଶଘଣ୍ଟା ସମୟରେ ଲୋକନାଥପୁର ନିକଟରେ ଗୋଟିଏ ଦୁଃଖଜନକ ଦୁର୍ଘଟନା ଘଟିଅଛି । "ଗ୍ରେସ୍" ନାମକ ଏକ ବୋଟ ଅନ୍ୟ ଗୋଟିଏ ନୌକା ସହିତରେ ନୂତନ ଷ୍ଟିମାର "ଏଡ଼ୱାର୍ଡ଼" ଟଣା ହେଉଥିଲା । ଏହି ଷ୍ଟିମାରକୁ ସ୍ୱନ[illegible] ବଂଶୀଧର ମାରୱାଡ଼ି ଗୁନବାଲର୍ କଟକକୁ ଚଳାଇବା ନିମନ୍ତେ ଅଳ୍ପଦିନ ହେଲା ଆଣିଥିଲେ । "ଗ୍ରେସ୍" ଲୋକନାଥପୁରଠାରେ ପହଞ୍ଚି ଲକ୍ଷ୍ମୀଚରକୁ ଯିବା ସମୟରେ "ଗଣେଶ" ଷ୍ଟିମାର ଯେକି ତାହାର ପଶ୍ଚାତରେ ଆସୁଥିଲା, ଲକ୍ଷ୍ମୀଚରକୁ ପ୍ରଥମରେ ଯିବାକୁ ଚେଷ୍ଟା କଲା । ଏହି କାରଣରେ "ଗ୍ରେସ" ଉଲଟିଗଲା ଓ ଉପରଅଂଶ ଛିନ୍ନ ହୋଇ ଗଲା ବୋଟ ଲୋକରେ ପରିପୂର୍ଣ୍ଣ ଥିଲା । ଉପରଅଂଶର ଲୋକମାନେ ପାଣିକୁ ଲମ୍ଫପ୍ରଦାନ କଲେ ଓ ସନ୍ତରଣ ଅବା ନାଉରିମାନଙ୍କ ସାହାଯ୍ୟରେ ଜୀବନରକ୍ଷା କଲେ କିନ୍ତୁ ବୋଟମଧ୍ୟସ୍ଥିତ ଲୋକମାନେ ବହିର୍ଗତ ହୋଇପାରିଲେ ନାହିଁ । ବୋଟର ତଳଭାଗରେ ଛିଦ୍ର କରି ଦେବାରୁ ୨୫ ବା ୩୦ ଜଣ ଲୋକ ଜୀବିତ ଅବସ୍ଥାରେ ବହିର୍ଗତ ହେଲେ । ଅବଶିଷ୍ଟ ମୃତ୍ୟୁପ୍ରାପ୍ତ ହୋଇଥିଲେ । ମୃତ୍ୟୁସଂଖ୍ୟା ଜଣା ନାହିଁ କେବଳ ପାଞ୍ଚଜଣ ଲୋକଙ୍କ ଶବ ତା ୧୮ ରିଖ ସୁଦ୍ଧା ମିଳିଥିଲା । ଲୋକନାଥପୁର ଓ ଦାନପୁର ମଧ୍ୟର କେନାଲ ଶୁଖାଇ ଦିଆଯାଇ ଅଛି ଓ ନୌକାକୁ କଳଦ୍ୱାରା ଓଲଟାଇବାର ଚେଷ୍ଟା ଲାଗିଅଛି । ଇଞ୍ଜିନିୟର ମିଃ ହ୍ୟୁଆଇଟ୍ ସାହେବ ଉପସ୍ଥିତ ଥିଲେ ଓ ଅନେକକୁଲି ନିଯୁକ୍ତ ହୋଇଥିଲେ । ବୋଟ ଓଲଟାଇଲା ଉତ୍ତାରେ କେନାଲ ଖୋଲି ଦେବ । ଏହି ଘଟଣାବୃତ୍ତରେ ପୋଲିସ ସରଜମିନକୁ ଆସି ତଦାରଖ କରୁଅଛନ୍ତି ଓ ଏଠାରୁ ପୋଲିସ ଇନସ୍ପେକ୍ଟର ଓ ଜଏଣ୍ଟ ମାଜିଷ୍ଟ୍ରେଟ ମିଃ ହାମିଲ୍ଟନ୍ ସେଠାକୁ ଯାଇଅଛନ୍ତି । ଯାତ୍ରିମାନଙ୍କ ଜିନିଷମାନ ଉଦ୍ଧାର [illegible] ବାହାର କରି ସେମାନଙ୍କୁ ଦିଆହୋଇଥିଲା କିନ୍ତୁ ଘଟଣାଦିବସ ଯାତ୍ରିମାନଙ୍କ ଆର୍ତ୍ତନାଦ ଆକାଶ ବିଦୀର୍ଣ୍ଣ କରିଥିଲା ଓ ଏହି ଦୃଶ୍ୟ ଭୟାନକ ହୃଦୟବିଦାରକ ହୋଇଥିଲା

Split by PDF Splitter

Digitized by srujanika@gmail.com

ଲୋକମାନେ ସାଧ୍ୟବହିର୍ଭୂତ ଓ ବିଶେଷତଃ ଏ ଗୀଷ୍ମକାଳରେ ବସ୍ତ୍ରହୀନ ହେବାରୁ କଷ୍ଟର ସୀମା ନ ଥିଲା । ସୁଖର ବିଷୟ ଯେ ସେମାନେ ବନ୍ଦୀ କଷ୍ଟରେ ଖାଦ୍ୟ ପାଉଥିଲେ । ସମସ୍ତଙ୍କର ବିଶ୍ୱାସ ଯେ କାପଦ୍ରଗ୍ରସ୍ତ ଦୋଷର କୌଣସି ଦୋଷ ନ ଥିଲା । "ଗଣେଶା" ଦୋଷରୁ ଏପରି ଘଟିଅଛି । ଏବିଷୟ ତଦନ୍ତ ହେଲେ ଯଥାର୍ଥକଥା ପ୍ରକାଶ ପାଇବ । ଆମ୍ଭେମାନେ ଆଶା କରୁଁ ଯାତ୍ରୀମାନଙ୍କ ରକ୍ଷା ନିମନ୍ତେ ଏଣିକି କଠିନ ନିୟମ ପ୍ରଣୀତ ହେବ କାରଣ ଦୁଃଖର କଥା ଏପରି ଯେ ବେଳେବେଳେ ମହାପ୍ରାଣୀ ନଷ୍ଟ ହେବା ଜଗତର ନଗରଦ୍ୱାର ଜଗନ୍ନାଥଙ୍କ ମନରେ ଉଦିତ ହେଲା ।

---

## ଜିଲ୍ଲାବୋର୍ଡର କାର୍ଯ୍ୟ ବିବରଣ ।

ବଙ୍ଗପ୍ରଦେଶର ଜିଲ୍ଲା ବୋର୍ଡମାନଙ୍କର ସନ ୧୮୯୧।୯୨ ସାଲର କାର୍ଯ୍ୟ ବିବରଣ ପାଠକରି ମାନ୍ୟବର ଲେପ୍ଟେନାଣ୍ଟ ଗଭର୍ଣ୍ଣର ଯେଉଁ ମନ୍ତବ୍ୟ ଲିପିବଦ୍ଧ କରିଅଛନ୍ତି ତହିଁର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶିତ ହେଲା ।

ବଙ୍ଗପ୍ରଦେଶରେ ବର୍ଷ ହେଲା ମୋଫସଲ ସ୍ୱାୟତ୍ତଶାସନପଦ୍ଧତି ଅବଲମ୍ବିତ ହୋଇଅଛି । ବର୍ତ୍ତମାନବର୍ଷରେ ଗତବର୍ଷପରି ୩୮ଟି ଜିଲ୍ଲାବୋର୍ଡ ଏବଂ ୧୦୬ଟି ସ୍ଥାନୀୟ ବୋର୍ଡ ଥିଲା । ସବୁ ଜିଲ୍ଲାବୋର୍ଡର ସଭାପତି ସରକାରୀ କର୍ମଚାରୀ ଥିଲେ । ଜିଲ୍ଲାବୋର୍ଡମାନଙ୍କ ଅଧିବେଶନ ମୋଟରେ ୧୦୫ଥର ହୋଇଥିଲା ଓ ଅଧିକାଂଶରେ ତହିଁରୁ ଜଣା ହୋଇଥିଲା ମାତ୍ର ସଭ୍ୟମାନଙ୍କ ଉପସ୍ଥିତ ସଂଖ୍ୟା ପୂର୍ବଠାରୁ ଅଳ୍ପ ହୋଇ ନ ଥିଲା । ଅନ୍ୟାନ୍ୟ ଜିଲ୍ଲାମଧ୍ୟରେ କଟକ ଓ ପୁରୀ ଜିଲ୍ଲା ବଡ଼ ନ ଅଟଇ ।

ସ୍ଥାନୀୟ ବୋର୍ଡମାନେ ଅଧିକାଂଶ ମାସରେ ଏକଥର ସୁଦ୍ଧା ସମବେତ ହୋଇ ନ ଥିଲେ ଏବଂ ଏକ ଅଧିବେଶନରେ ଅଳ୍ପ ସଭ୍ୟ ଉପସ୍ଥିତ ହୋଇଥିଲେ । କିନ୍ତୁ ଶୁଣାଯାଏ ଯେ ଗସ୍ତଖର୍ଚ୍ଚ ନ ମିଳିବାରୁ ଅନେକ ସଭ୍ୟ ସଭାକୁ ଆସିବାକୁ ଇଚ୍ଛା ମୋଫସଲର ଚାରି କୋଶଦୂର ଇତ୍ୟାଦି ଦୂରରୁ ଦେଶୀୟ ବ୍ୟକ୍ତି ସ୍ୱୀକାର କରନ୍ତି ନାହିଁ । ଏଥିରୁ ପାଠକମାନେ କମିଶ୍ନର କହିଅଛନ୍ତି ଯେ ଗ୍ରାମର ଅବସ୍ଥାର ଲୋକମାନେ ସଭ୍ୟ ମନୋନୀତ ହୋଇ ନ ଥାନ୍ତି ଏବଂ ଯେବେ ଏହି ସାମାନ୍ୟ ବ୍ୟୟ ସେମାନେ ସହ୍ୟ କରିବାକୁ ପ୍ରସ୍ତୁତ ନାହାନ୍ତି ତେବେ ସେମାନଙ୍କର ସାଧାରଣକାର୍ଯ୍ୟ ପ୍ରତି ଅନୁରାଗ ନାହିଁ ବୋଲିବାକୁ ହେବ । ଲେପ୍ଟେନାଣ୍ଟଙ୍କ ବିବେଚନାରେ ସ୍ଥାନୀୟ ବୋର୍ଡମାନଙ୍କର କ୍ଷମତା ସାମାନ୍ୟ ଓ କାର୍ଯ୍ୟ ଊଣା ଥିବାରୁ ଅନେକସ୍ଥଳେ ସଭା ହେବାର ଆବଶ୍ୟକ ହେଉ ନାହିଁ । ସଦ୍‌ଯଦି ସବୁକାର୍ଯ୍ୟ କରନ୍ତି, ସଭ୍ୟମାନେ ସମୟରେ ଉତ୍ସାହ ଦେଲେ ଯଥେଷ୍ଟ ହେବ । ମାନ୍ୟବର ଲେପ୍ଟେନାଣ୍ଟ ସ୍ଥାନୀୟବୋର୍ଡମାନଙ୍କୁ ଅଧିକ କ୍ଷମତା ଦେବାକୁ ପ୍ରସ୍ତୁତ ନାହାନ୍ତି । ଗ୍ରାମ୍ୟ ସଡ଼କ, ଡାକ୍ତରଖାନା ଏବଂ ନିମ୍ନଶିକ୍ଷାର ଭାର ଏମାନଙ୍କୁ ଦିଆଯାଇ ଥାଏ ମାତ୍ର ଏହା ସୁଦ୍ଧା ଜିଲ୍ଲାବୋର୍ଡ ତତ୍ତ୍ୱାବଧାନାଧୀନ ଅଟଇ ।

ଜିଲ୍ଲାବୋର୍ଡମାନଙ୍କର ଆୟର ସମଷ୍ଟି ସନ ୧୮୯୦।୯୧ ସାଲରେ ଟ ୪୭୬୭୮୧୮ ଙ୍କା ଓ ସନ ୧୮୯୧।୯୨ ସାଲରେ ଟ ୫୭୨୧୩୬୪ଙ୍କା । ଏହି ଦୁଇବର୍ଷର ବ୍ୟୟ ଯଥାକ୍ରମେ ଟ ୫୬୧୨୯୦୩ ଏବଂ ଟ ୬୨୯୨୫୬୯ ଙ୍କା ଅଟଇ । ଏଥିରୁ ପ୍ରକାଶ ଯେ ବର୍ତ୍ତମାନବର୍ଷରେ ଆୟ ପ୍ରାୟ ସାଢ଼େ ନଅଲକ୍ଷ ଓ ବ୍ୟୟ ପ୍ରାୟ ସାତଲକ୍ଷ ବୃଦ୍ଧି ହୋଇଅଛି । ଭୂମିରାଜସ୍ୱ ଛଡ଼ା ଅନ୍ୟ ସମସ୍ତ ପ୍ରକାରର ଆୟ ବୃଦ୍ଧି ହୋଇଅଛି ଏବଂ ଓଡ଼ିଶା କେବଳ ଶିକ୍ଷାବିଷୟକ ଆୟଛଡ଼ା ଅନ୍ୟ ସବୁପ୍ରକାର ଆୟର ଉନ୍ନତି ଦେଖାଇଅଛି । ଗତବର୍ଷରେ ଛୋଟନାଗପୁରକୁ ଅନେକ ସ୍କୁଲ ପଡ଼ିଥିବା ପଡ଼ିବାରୁ କଟକଜିଲ୍ଲାରେ ଶିକ୍ଷାର ଆୟ ଊଣା ହୋଇଥିଲା ।

ଖରଚର ବୃଦ୍ଧି ସାମାନ୍ୟ ହେଲେହେଁ ସବୁ ବାବଦରେ କିଛି ବଢ଼ିଅଛି ମାତ୍ର ଦୁର୍ଭିକ୍ଷବାବଦ, ପୂର୍ବବର୍ଷ ଏକଲକ୍ଷଟଙ୍କାରୁ ଅଧିକ ଥିଲେହେଁ ଏବର୍ଷ କେବଳ ୧୨ ହଜାର ଟଙ୍କା ହୋଇଅଛି । ଏଥିରେ ମାନ୍ୟବର ଲେପ୍ଟେନାଣ୍ଟ ସନ୍ତୁଷ୍ଟ ହୋଇ ନାହାନ୍ତି ମାତ୍ର ଶିକ୍ଷାବିଷୟରେ ଅଧିକ ବ୍ୟୟ କରିବା କାରଣ ଅନୁରୋଧ କରିଅଛନ୍ତି । ସଡ଼କ ମରାମତି ଖର୍ଚ୍ଚର ଭାର କୌଣସି ସ୍ଥଳେ ଅତ୍ୟନ୍ତ ଅଧିକ ଥିବାର ଦେଖି ତହିଁପ୍ରତି ଦୃଷ୍ଟି ରଖିବା କାରଣ ବିଭାଗୀୟ କମିଶ୍ନରମାନଙ୍କୁ ପ୍ରାର୍ଥନା ହୋଇଅଛି । କଞ୍ଚା ପୁଲବନ୍ଧ ସାମାନ୍ୟ ରାସ୍ତା ସଡ଼କର ବ୍ୟୟ ମାଇଲପ୍ରତି କଟକରେ ଟ ୨୧ ଙ୍କା ବାଲେଶ୍ୱରରେ ଟ ୫୦୯ ଙ୍କା ଓ ପୁରୀରେ ଟ ୪୬ ଙ୍କା ହୋଇଅଛି । ଏରେ ଅନ୍ତର ହେବା ଅତ୍ୟନ୍ତ ଅସାଧାରଣ ଅଟଇ ।

ଅମ୍ଭମାନଙ୍କର କାର୍ଯ୍ୟସମ୍ବନ୍ଧରେ ବିଭାଗୀୟ କମିଶ୍ନରମାନେ ଯେ ସବୁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁମଧ୍ୟରୁ ଓଡ଼ିଶାକମିଶ୍ନର ଟଏନବି ସାହେବଙ୍କ ଅଭିପ୍ରାୟ ଏଠାରେ ପ୍ରକାଶ କରୁଁ ଯଥା :—

ଓଡ଼ିଶାରେ ସ୍ୱାୟତ୍ତଶାସନ ନାମମାତ୍ର ଅଟଇ କେବଳ ଅନେକର ଅଭାବ ଏବଂ ଚେୟାରମାନଙ୍କ ପ୍ରସ୍ତାବିତ ମତକୁ ବକ୍ତିପୂର୍ବକ ସମର୍ଥନ କରିବା ସ୍ୱାୟତ୍ତଶାସନ ନୁହଇ । ସଭ୍ୟମାନଙ୍କର ଅଧିବେଶନ କଦାଚିତ୍ ଊଣା, ଅଳ୍ପ ସଭ୍ୟ ସଭାକୁ ଆସନ୍ତି, ସଭ୍ୟଙ୍କ ଅଭାବରୁ ଏକାଧିକ ସଭା ସ୍ଥଗିତ ରହଇ । ମୋଫସଲର ସଭ୍ୟମାନେ ସ୍ଥାନୀୟ ଅଭାବ ପୂରଣ କରିବା ନିମନ୍ତେ କୌଣସି ପ୍ରସ୍ତାବ କରନ୍ତି ନାହିଁ ଏବଂ କାର୍ଯ୍ୟ ଦେଖିବା ନିମନ୍ତେ ସବ୍ କମିଟୀ ଗଠିତହେବା ଦୁସ୍ତର । ଅତଏବ ଦେଖାଯାଏ ଯେ ସ୍ୱାୟତ୍ତଶାସନର ବୀଜ ଓଡ଼ିଶାରେ ଅତ୍ୟନ୍ତ ଅନୁର୍ବର ଭୂମିରେ ପଡ଼ିଅଛି ସୁତରାଂ ଫଳଦେବାକୁ ଅନେକ ବିଳମ୍ବ ହେବ । କେବଳ କାଳ ଏବଂ ଦୃଷ୍ଟର ଅଭ୍ୟାସରୁ ଆଶା ହେଉଅଛି ଯେ ଫଳ ଫଳି ପାରେ ।

ବହୁଦର୍ଶୀ ହାକିମମାନଙ୍କ ଅନୁକୂଳମତ ଶୁଣି ମାନ୍ୟବର ଲେପ୍ଟେନାଣ୍ଟ ଆନନ୍ଦିତ ହୋଇଅଛନ୍ତି ଏବଂ କ୍ରମଶଃ କାର୍ଯ୍ୟ ଭଲ ହେବାର ସ୍ୱୀକାର କରିଅଛନ୍ତି । କିନ୍ତୁ ତାହାଙ୍କର ଅଭିପ୍ରାୟ ଏହି ଯେ ଜିଲ୍ଲାବୋର୍ଡମାନ ସରକାରୀ ଚେୟାରମାନଙ୍କ ଅଧୀନରେ ରହିବ । ସେ ଅପରସରକାରୀ ମେମ୍ବର ଓ କର୍ମଚାରୀ ଯଥା ଡାକ୍ତର, ସ୍କୁଲ ଇନ୍‌ସ୍ପେକ୍ଟର ଇଞ୍ଜିନିୟର ପ୍ରଭୃତିଙ୍କ ସାହାଯ୍ୟରେ ସମସ୍ତ କାର୍ଯ୍ୟ ନିର୍ବାହ କରିବେ ଓ ବୋର୍ଡର ସଭ୍ୟମାନେ ତାହାଙ୍କୁ ପରାମର୍ଶ ଦେବେ । ସଭ୍ୟଙ୍କ ହାତରେ କିଛି କ୍ଷମତା ଦେବା ଉଚିତ ନୁହଇ । ଫଳତଃ ଅମ୍ଭମାନଙ୍କ ଲେପ୍ଟେନାଣ୍ଟ ଗଭର୍ଣ୍ଣର ଅଧିକ ପକ୍ଷପାତୀ ଏବଂ ବୋର୍ଡମାନଙ୍କୁ ସ୍ୱାଧୀନ ଅଧିକାର ଦେବାକୁ ପ୍ରସ୍ତୁତ ନୁହନ୍ତି । ଏ ସ୍ଥଳରେ ସ୍ୱାୟତ୍ତଶାସନ ଅଧିକ ଅଗ୍ରସର ହେବାର ଆଶା କରାଯାଇ ନ ପାରେ ।

---

# ସାପ୍ତାହିକ ସମ୍ବାଦ ।

ଗତ ସୋମବାରଠାରୁ ନଡ଼ି ଦକ୍ଷିଣା ପବନ ବହୁଅଛି । ପୁରୀର ସହରରେ ବର୍ଷା ହୋଇଅଛି ଓ ଶୁଣାଯାଉଅଛି ଗାଁ ମେଘ ଓ କୋହୋଲି ହୋଇଅଛି । ଅଧିକ ଉତ୍ତମ ହେବାର ସମ୍ଭବ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏଣେ ସବ୍‌ଡିବିଜନ ମାଜିଷ୍ଟ୍ରେଟ ମହୋଦୟ ବନ୍ଦୋବସ୍ତ ଉଦ୍‌ଯୋଗ ଅଧୀନ ଇଞ୍ଜେନ ଡିପୁଟିଙ୍କର ଅଯଥା ଅତ୍ୟାଚାର ବିଷୟ ଜାଣିଥିଲେ ଅବଗତ ନ ହେବାରୁ ସେଠାରେ ଅତ୍ୟାଚାର କ୍ରୋଧ କ୍ରମଶଃ ବୃଦ୍ଧି ହେଉଅଛି ।

ଅମିନମାନେ ବନ୍ଦୋବସ୍ତରେ ଜମିଦାର ଇଜାରଦାରପ୍ରଜାଙ୍କଠାରେ ରିପୋର୍ଟ ଦେଉଅଛନ୍ତି ସେଟଲମେଣ୍ଟଅଫିସର ସେ ବିଷୟର କାରଣ ଜାଣି ନ ବୁଝି ଅମିନମାନଙ୍କର ରିପୋର୍ଟ ଅନୁସାରେ ଜମିଦାର ଓ ଇଜାରଦାରମାନଙ୍କୁ ଜଣ୍ଡ କରିମାନା କରିବାର ରୁଚି କରୁ ନାହାନ୍ତି ଏଥିରେ ଜମିଦାର ଇଜାରଦାର ଓ ପ୍ରଜାମାନଙ୍କର ଯେ କ ଷ୍ଟ ହେବ ତାହା ପାଠକବର୍ଗ ବିବେଚନା କରିବେ ।

ବୈତରଣୀନଦୀର ଉତ୍ତରପାର୍ଶ୍ୱରେ ଯାଜପୁର ନଗର ଅବସ୍ଥିତ । ପୂର୍ବକାଳରେ ସେଠାରେ କପିଳେନ୍ଦ୍ରଦେବ ମହାରାଜାଙ୍କର ରାଜଧାନୀ ଥିବାରୁ ବର୍ତ୍ତମାନ ତାହାର ଭଗ୍ନାବଶେଷ ରହିଅଛି । ସେଠାରେ ମୃତ୍ତିକା ଖୋଳିବା ବେଳେ ଇଟା, ପଥର ଓ ପଦ୍ମରାଗ ଆଦି ଦେଖା ଯାଉଅଛି । ଅନୁସନ୍ଧାନର ବର୍ତ୍ତମାନ ସବ୍‌ଡିଭିଜନ ଅଫିସର ମହାଶୟ ଖନନ କାର୍ଯ୍ୟ ଆରମ୍ଭ କରାଇଅଛନ୍ତି ।

ଅସ୍ମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ଜ, ଷ୍ଟିଭେନସନ ସାହେବ ପ୍ରାୟ ଏକ ସପ୍ତାହରୁ ଅଧିକ ହେବ କଟକରୁ ବାହାର ହୋଇଗଲେଣି । କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଓ ଏଣ୍ଡି ଭଳି ଭଦ୍ରକ ସ୍ଥାନମାନଙ୍କରେ ଭ୍ରମଣ କରି ଚଳିତମାସ ତା ୧୭ ରିଖରେ ଯାଜପୁର ମୁକାମରେ ପହଞ୍ଚିଅଛନ୍ତି ସାହେବ ମହୋଦୟ ପ୍ରାୟ ଏଠାରେ ଏକ ସପ୍ତାହ ରହିବାର ସମ୍ଭାବନା ।

କାଳେକ୍ଟରକାରୀ ସ୍ୱର୍ଗୀୟ ଲକ୍ଷ୍ମଣ ଦାସ ଏ ସ୍ଥାନର ନାୟବନାଜରଙ୍କ ମରଣର ଜର୍ଜରୀ ର ବହୁ ସାହାଯ୍ୟ ପ୍ରାପ୍ତ ହେବାରୁ କେତେକଙ୍କ ଜଣ୍ଡ କାର୍ଯ୍ୟ କରୁ ଥିଲେ । ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀନାରାୟଣ ଦାସ ଅବଟୈନ ହୋଇ ନାୟବ ସମସ୍ତ କରିବା କାରଣରୁ ସ୍ୱୀକୃତ ହୋଇ ଅଛନ୍ତି ବୋଲି ତାଙ୍କର କର୍ମନିଷ୍ଠାଙ୍କ ଦୋଷରୁ କାର୍ଯ୍ୟରେ ବିଳମ୍ବ ଓ ବାଧା ଘଟୁଛି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ମାଧବଚନ୍ଦ୍ର ଦତ୍ତ | କଲିକତା | ଟ ୩୲ |
| „ ବ୍ରଜମୋହନଦାସ୍ ଜମିଦାର | କଟକ | ଟ ୩୲ |
| „ ଗୋବିନ୍ଦପଣ୍ଡା | ଭାଦ୍ରକ | ଟ ୩୲ |
| ଶ୍ରୀ ବନମାଳୀ ମହାପାତ୍ର | ମହୁରୀ | ଟ ୩୲ |
| ବାବୁ ସୁଦର୍ଶନ ମହାପାତ୍ର | କେନ୍ଦ୍ରାପଡ଼ା | ଟ ୨୲ |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

BY L. CHAKRABERTY.

Key to New Royal Reader No. IV Minor Course, Re. 1.

Do. Do. (Abridged) 8 annas

| | |
|---|---|
| ଛାତ୍ରବୃତ୍ତିର ପ୍ରଶ୍ନୋତ୍ତର | ଟ ୦/୬ |
| ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର | ଟ ୦୷ |
| ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର | ଟ ୦। |

କଟକ ପ୍ରିଣ୍ଟିଂ କୋମ୍ପାନୀର ପୁସ୍ତକାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

# ADVERTISEMENT.

Wanted a clerk who knows English well and has had settlement experience. Pay Rs. 30 per mensem. Apply personally to the Assistant Settlement Officer, Pipli.

Koides Assessment Office, Piplee
The 13th January, 1893.

C. DAS,
*Sub-Dy. Collector.*

ଭକ୍ତଥର ଅପ୍ରତ୍ୟର୍ଥଙ୍କର ସରଳଶିକ୍ଷା-
ପଦ୍ୟମାଳା ମୂଲ୍ୟ ଟ ୦/୧୦
ଇଂରାଜୀ ଲେମ୍ବ ଲମ୍ବ ସଂସ୍କରଣ ଅପର ପ୍ରାଇମେରୀ-
ପରୀକ୍ଷାର ପାଠ୍ୟ ଟ ୦ ⁄
ପ୍ରବନ୍ଧମାଳା ନୂତନସଂସ୍କରଣ ୧୮୯୩।୯୪-
ସାଲର ପାଠ୍ୟ ଟ ୦ ୳
ସେକେଣ୍ଡରୀ ଅବ୍‌ସର୍ଭେଶନ ଓଡ଼ିଆମାନେ ଟ ।
ଏତଦ୍ଭିନ୍ନ ଅନ୍ୟାନ୍ୟ ପାଠ୍ୟପୁସ୍ତକ ସବୁ ପ୍ରକାର ଅମ୍ଭଠାରେ ପ୍ରାପ୍ତବ୍ୟ ଅଛି ।

ଶ୍ରୀ ଶ୍ୟାମପ୍ରସନ୍ନ ମୁଖୋପାଧ୍ୟାୟ ।
ବୁକ୍ ଏଜେଣ୍ଟ କଟକ ।

# NOTICE.

## ORISSA COAST CANAL

### RANGES IV A, IV B & V TOLLAGE.

It is hereby notified that from the 10th of February 1893 the existing concession of free return passes on the above Ranges of the Orissa Coast Canal, will cease and boats on their return journey will only receive a concession of the tollage paid by them on entering the Canal.

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା କୋଷ୍ଟ କେନେଲ ୪ (ଏ) ୪ (ବି) ଏବଂ ୫ ନମ୍ବର ରେଞ୍ଜରେ ଫେରନ୍ତ ବୋଟମାନଙ୍କଠାରେ ମାସୁଲ ଆଦାୟ ନ ହୋଇ ବିନା ମାସୁଲରେ ଛାଡ଼ଦିଆ ହେଉଥିଲା ତାହା ସନ ୧୮୯୩ ମସିହା ଫେବ୍ରୁଆରୀ ମାସ ତା ୧୦ ରିଖଠାରୁ ଉକ୍ତ ପ୍ରଣାଳୀ ରହିତ ହେବ କେବଳ ଯେଉଁସବୁ ବୋଟ କେନେଲରେ ପ୍ରବେଶ କାଳରେ ଯେଉଁ ମାସୁଲ ଆଦାୟ ହୋଇଥିବ ସେହି ବୋଟ ଫେରନ୍ତ ସମୟରେ ଉକ୍ତ ବୋଟମାନଙ୍କରେ ଉକ୍ତ ମାସୁଲ ଛାଡ଼ି ପାଇବ । ଇତି । ତା ୭ ରିଖ ଜାନୁଆରୀ ସନ ୧୮୯୩ ମସିହା ।

Dated Balasore the 7th January 1893.

(Sd.) A. HAYES.
*Executive Engineer,*
Balasore Division.

# WANTED

Two passed Native Doctors for Kanika Estate Dispensaries at Rajnagar and Ghonteswar on Rs. 25 each per mensem. Applications with copies of certificates and testimonials are invited which will be received by the undersigned up to the 24th January 1893.

Ganja,
27—12—92.

Ganesh Prasad Sing
*for Manager,*
Kanika Ward's Estate,
P. O. Ganja
District Cuttack.

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.

R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରୀ ପରୀକ୍ଷାର ପାଠ୍ୟ ଉଦ୍ଭାବିତ ପଦ୍ୟମାଳା ସଂଗୋଷ୍ଟିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଦୁଇଅଣା । ଏହି ସଂସ୍କରଣରେ ଭୂମିକା ସଂଶୋଧିତ ଓ ପୁନର୍ବିଶେଷ ଅବସ୍ଥାଦୃଷ୍ଟେ ଆବଶ୍ୟକରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାକ୍ୟବିଶ୍ଳେଷଣରେ ଅର୍ଥ, ଶବ୍ଦାର୍ଥ ଓ ଅନ୍ୱୟ କରଣ ଦୁଇ ଅଦତ୍ତ ହୋଇଅଛି ।

Digitized by srujanika@gmail.com

ଉକ୍ତ ପରୀକ୍ଷାର ପାଠ୍ୟ ଭୂଗୋଳସୂତ୍ର ଏବଂ ବାଙ୍ଗାଳପ୍ରବେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଭୂଗୋଳସୂତ୍ରର ମୂଲ୍ୟ ଟ ।୶ ଏବଂ ବାଙ୍ଗାଳପ୍ରବେଶର ମୂଲ୍ୟ ଟ ୦।୶୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭପରିମିତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୶ ଏବଂ ସୁଲଭପରିମିତିର ମୂଲ୍ୟ ଟ ୦।୵ ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧତା ହେତୁ ଉତ୍ପନ୍ନ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦର, ଯକୃତ, ପାଣ୍ଡୁ ଓ ଇତ୍ୟାଦି ଜଟିଳ ପୀଡ଼ା ଓ ଦୁର୍ବଳତା ନିବାରଣ ହୁଏ ।

ଏହା ଅବ୍ୟର୍ଥ ଫଳଦାୟକ । ସର୍ବପ୍ରକାର ପୀଡ଼ାରେ ରୋଗୀ ବା ଅନ୍ୟାନ୍ୟ ଔଷଧ ବ୍ୟବହାର ସମୟରେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନ ଉପଯୁକ୍ତ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ତ୍ରିଫଳାଦିର ଅରିଷ୍ଟ—ଏହା ସେବନ କଲେ ମ୍ୟା-ଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପ୍ଲୀହା ଓ ଯକୃତ ଓ ଧାତୁଗତ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଦୀର୍ଣ୍ଣତା, ରକ୍ତହୀନତା, ଅଗ୍ନିମାନ୍ଦ୍ୟ ରୋଗ, ଶାରୀରିକ ଓ ମାନସିକ ଦୁର୍ବଳତା ନିବାରଣ ହୁଏ ଏବଂ ଦେହ ସତେଜ ହୋଇ ବଳ ସଞ୍ଚାର ହୁଏ । ଏକ ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତଶୋଧକ (ପାଚନ)—ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, ଚର୍ମରୋଗ, ବାତ ରକ୍ତଦୋଷ, ଦେହ ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଦୁର୍ବଳତା ନିବାରଣ ଓ ଉପସର୍ଗମାନଙ୍କରେ ଏହା ବ୍ୟବହାର କଲେ ରକ୍ତ ପରିଷ୍କୃତ ହୋଇ ନାନାବିଧ ଜଟିଳ ରୋଗମାନଙ୍କରୁ ଆରୋଗ୍ୟ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳା-ଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବହୁମୂତ୍ର ଓ ଶରୀର ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିଯାତ୍ରା ।

ଉଲ୍ଲିଖିତ ଯାତ୍ରା ସମୟରେ ଏଠାରେ କଟକ କୌଁସିଲ ଜଣାଇ ବାବୁ ଗୋବିନ୍ଦଙ୍କର ସମସ୍ତ

ଲିଖା ଗଲା ଯେ ବାବୁ ଅଢ଼ାଇଥର ଜଳ ଦଧ୍ୟାଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ଖଣ୍ଡ | ମୋଟ | ୨ ୧୩ ୬ ୯ | ୫୧୨ ୫ ୦ ୩ |
| ୧୫ ଖଣ୍ଡ | ” | ” ୩ ୨୫ | ” ୫ ୦ ୩ |
| ୧୨ ଖଣ୍ଡ | ” | ” ୫ ୨୨ | ” ୫ ୦ ୩ |
| ୨୨ ୧୮ ଏକମେଡିସିନ | ୫ ୩ | | ” ୫ ୦ ୩ |

---

ଉପରୋକ୍ତ ବାବୁ ଗୋବିନ୍ଦଙ୍କର ଦ୍ରବ୍ୟର ଉଲ୍ଲେଖିତ ଦର ଅତି ଶସ୍ତା ଅସ୍ମଦାଦିଙ୍କ ଦୋକାନରେ ଚନ୍ଦନଗୋଲାପ ଓ କେଶର ଓ ଲେବେଣ୍ଡର ଜଳ ଓ ଖୋସବୋ ଓ ବହୁ-ଜନ ଜମାଇ ସଡ଼ସଡ଼ ବିକ୍ରୟ ହେଉ ଅଛି ଯାହା ସମସ୍ତ ଗ୍ରାହକଙ୍କ ମନରେ ଧରଇ ଅଛି । ଉକ୍ତ ଅନେକ ପ୍ରକାର ଖେଳନା ଜିନିଷ ବିକ୍ରୟ ହଉଅଛି ତ୍ରିଗୁଣ ଅଧିକ ଦାମରେ ଯାହା ଏହି ସମୟ ଛଡ଼ା ଅନ୍ୟ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରବେ ।

## ବିଜ୍ଞାପନ ।

ଏ ମାସରୁ ହରିହର ସାହୁ ଭଣ୍ଡାରରେ ଜଉତ ଦୋକାନରେ ପାଇଲେ ଦେଇବେ ଯାହା ଏହି ଦେବ ସକଳ ବହି-ଅଛି ଲେଖିବେ ଓ ପଢ଼ିବେ ଏବଂ ଓ ପଢ଼ିବ ଛାଡ଼ିବ ନାହିଁ ।

ବହିର ବନ୍ଧା ଓ ଛାପା ଭଲ ଜନାର ଭାଗ ଏହି ଅଛି ।

ଅଲବର୍ଟ ଜଗନ୍ନାଥ

---

ଉତ୍କଳଦୀପିକାରେ ବର୍ଷମଧ୍ୟରେ ପ୍ରକାଶ ଖର୍ଚ୍ଚ ଜଗତରେ ଦେଶ ଆର୍ଥିକ ନିମନ୍ତେ ଯଥା ।—

ପ୍ରଥମଥର ଏକାଦିନ

ଅଗ୍ରିମ ୫ ୦୫

ଅଧଗ୍ରହଣ ୫ ୫

ପୃଷ୍ଠ ଏହ ସମୁଦ୍ର ୨ ୫୦

ମାତ ଦୋକାନେ ଉପରେ ଦେଉଛ ସୁ ସୁ ଦେଲେ ଉତ୍ତର ଶର୍ତ୍ତ ୫ ୦ ଲୁ ଜଣା ହେବ ନାହିଁ ।

ଦ୍ରବ୍ୟ ଓ ଚିଠିପତ୍ର ସହରେ ଗଲା ପ୍ରଥମ ଅଗ୍ରିମ ଟଙ୍କା ଓ ଦ୍ୱିଗୁଣ ସମ୍ପାଦକେ ହେବ ।

ଅଧିକ ଉଚ୍ଚ ପ୍ରକାଶ ମୂଲ୍ୟ ବନ୍ଦୋବସ୍ତ ହୋଇଥାଏ ।

ଉତ୍କଳୀୟର 'ମୂଲ୍ୟ' ସମ୍ପାଦକଙ୍କ ପଠାଇ ବାକୁ ହେବ ।

---

ଏହି ପତ୍ର କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୫ ସ | ତା ୪ ଠା ମାହେ ଫେବୃଏରି ସନ ୧୮୯୦ ମସିହା । ମୁ । ମାଘ ୧୪ ଦିନ ୧୨୯୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ସ ୬ ସଂଖ୍ୟା | | ପଶ୍ଚାଦେୟ ଟ ୪୧

## ବିଜ୍ଞାପନ ।

ଓଡ଼ିଆ

ସନ ୧୮୯୭।୯୮ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖଣ୍ଡିକୁ ଟ୦।୵ ଡାକମାସୁଲ ଟ୦/

ଛୋଟ ଖଣ୍ଡିକୁ ଟ୦/ ଡାକମାସୁଲ ଟ୦୲

ବହୁତ ଅସମୟରେ ଅତିବୃଷ୍ଟି ହେବାରୁ ଅମ୍ଭ-ଫସଲର ଯେ ପରିମାଣ କ୍ଷତିର ଅପବାଦ ହୋଇ-ଥିଲା, ସମ୍ଭବତଃ ତାହା ହେବ ନାହିଁ । କାରଣ ବୃଷ୍ଟି ହେବାରୁ ଅନେକ ଅମ୍ଭଗଛ ଦ୍ୱିତୀୟବାର ଅଙ୍କୁରିତ ହୋଇଅଛି ।

---

ମୁସଲମାନମାନେ ଧର୍ମାର୍ଥେ ଯେ ସମ୍ପତ୍ତି ଦାନ ବା ଉତ୍ସର୍ଗ କରି ଦଅନ୍ତି ତାହାକୁ ଓକଫ ବୋଲାଯାଏ । ସମ୍ପ୍ରତି କଲିକତା ହାଇକୋ-ର୍ଟର ପୂର୍ଣ୍ଣାଧିବେଶନରେ ନିଷ୍ପତ୍ତି ହୋଇଅଛି ଯେ ସକଳସମୟରେ ଓକଫ ଅପରିବର୍ତ୍ତନୀୟ ବୋଲି ସ୍ୱୀକାର୍ଯ୍ୟ ହୋଇ ନ ପାରେ । ଏଥିପାଇଁ ମୁସଲମା-ନମାନଙ୍କ ମଧ୍ୟରେ ସଭା ଆନ୍ଦୋଳନ ଲାଗିଅଛି ।

---

ଇଷ୍ଟକୋଷ୍ଟ ରେଲୱେର ଦକ୍ଷିଣାଂଶର କାର୍ଯ୍ୟ ଦ୍ରୁତବେଗରେ ହେଉଅଛି । ଚଳିତମାସ ତା ୧୫ ରିଖରେ ଏହି ଲାଇନ ଭୂଷାନଦୀଠାରୁ ଗୋଦାବରୀନଦୀ ପର୍ଯ୍ୟନ୍ତ ଫିଟିବ ମାତ୍ର ଭୂଷା-ନଦୀରୁ ମାନ୍ଦ୍ରାଜ ଏ ମାସ ଆରମ୍ଭରେ ଫିଟିବ । ମାନ୍ଦ୍ରା-ଜର ଗବର୍ଣ୍ଣର ମାନ୍ୟବର ଓଏନଲକ ବାହାଦୁର ସ୍ୱୟଂ ଏହାକୁ ଫିଟାଇବେ ।

---

ସମ୍ବଲପୁରହିତୈଷିଣୀରୁ ଜଣାଯାଏ ଯେ ଝାଡ଼ସୁଗୁଡ଼ାଠାରୁ ସମ୍ବଲପୁରକୁ ବଙ୍ଗଲାନାଗ-ପୁର ରେଲୱେର ଯେଉଁ ଶାଖା ଅଛି ତାହା ପ୍ରସ୍ତୁତ ହୋଇଅଛି ଏହିମାସରେ ସେହି ରେଲ-ୱେରେ ମାଲଗାଡ଼ିମାନ ଏବଂ ଆଗାମୀମାସ ଆରମ୍ଭରୁ ଯାତ୍ରୀଗାଡ଼ିମାନ ଯାତାୟାତ କରିବ । ଏହିଶାଖା ଓଡ଼ିଶାପର୍ଯ୍ୟନ୍ତ କେବେ ବିସ୍ତାର ହେବ ?

---

ସମ୍ବାଦବାହିକାରୁ ଅବଗତହେଲୁଁ ଯେ ବସ୍ତା-ଆଲାଏଲକା କଇନଗରରେ କେତେକ ଜମିଦାର-ମାନେ ବେସ୍ତଧରିବାକୁ ଯାଇ ବିଶେଷରୂପେ ପ୍ରହାର ପାଇବାର ମୋକଦ୍ଦମା ଦାଏର ହୋଇ-ଅଛି ଓ ପୁଲିସ ନ ୧୭ ଜଣ ଆସାମୀଙ୍କୁ ଚାଲାଣ ଦେବାରୁ ସେମାନେ ଜାମିନରେ ଅଛନ୍ତି । ମୋକଦ୍ଦମା ଡେ: ମା: ବାବୁ ନବୀନଚନ୍ଦ୍ରଦାସଙ୍କ ହସ୍ତସ୍ଥିତ ।

---

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁ ଯେ ଗତ ମଙ୍ଗଳବାର ରାତ୍ରରେ ପୁରୀର ଅନ୍ୟତମ ଜଣେ ପ୍ରଧାନ ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର ମାନ-ବଲୀଳା ଶେଷ କଲେ । ଏ ମହାଶୟ ପୁରୀଜିଲ୍ଲା ଓ ନରମାଲସ୍କୁଲମାନଙ୍କର ହେଡ଼ପଣ୍ଡିତ କାର୍ଯ୍ୟ ସୁଖ୍ୟାତି ସହିତ ନିର୍ବାହ କରି ପେନସନ ପାଇ-ଥିଲେ ଏବଂ ଅତ୍ୟନ୍ତ ବୃଦ୍ଧ ହୋଇଥିଲେ ମାତ୍ର ଅଳ୍ପଦିନ ଭିତରେ ଦୁଇଜଣ ଅତି ଯୋଗ୍ୟ ଓ ପ୍ରବୀଣ ପଣ୍ଡିତ ପ୍ରସ୍ଥାନ କଲେ ଏ ଅଭାବ ଶୀଘ୍ର ପରିପୂରିତ ହେବ ନାହିଁ ।

— * —

ଜାତୀୟମହାସମିତିର ଗତ ଅଧିବେଶନର କାର୍ଯ୍ୟ ଅତି ଧୀର ଏବଂ ସୁଚାରୁରୂପରେ ନିର୍ବାହ ହୋଇଥିବାର କଲିକତାର ବିଖ୍ୟାତଷ୍ଟେଟ-ମ୍ୟାନ୍ ପତ୍ରିକା ମତ ପ୍ରକାଶ କରିଅଛନ୍ତି । ଷ୍ଟେଟମ୍ୟାନ୍ କଲିକତାର ମୁଖପତ୍ର । ସେଥିରେ ମହାସମିତିର ପ୍ରଶଂସା ପାଠକରି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ । ବାସ୍ତବରେ ମହାସମିତିର କାର୍ଯ୍ୟ କ୍ରମାଗତ ଉନ୍ନତ ହେଉଅଛି ଏବଂ ଏହାଦ୍ୱାରା ଉପକାର ମଧ୍ୟ ହେଉଅଛି । ଆମ୍ଭେମାନେ ଆଶା କରୁଁ କି ଅନ୍ୟଦେଶୀୟମାନେ ଏଥିରେ ଉତ୍ସାହିତ ହୋଇ ମହାସମିତିପ୍ରତି ଅଧିକତର ସହାନୁଭୂତି ପ୍ରକାଶ କରିବେ ।

— ° —

ଗତ ପୂର୍ବସପ୍ତାହରେ ବମ୍ବେଇର ପାର୍ସୀ-ବାଳିକାଙ୍କ ରନ୍ଧନ ପରୀକ୍ଷା ହୋଇଥିଲା । ଆମିଷ ଓ ନିରାମିଷ ନାନାପ୍ରକାର ବ୍ୟଞ୍ଜନ ରନ୍ଧିବା ଓ ପିଷ୍ଟକ ଓ ମିଷ୍ଟାନ୍ନାଦି ପ୍ରସ୍ତୁତ କରିବାରେ ଅନେକ

Digitized by srujanika@gmail.com

Split by PDF Splitter



ବାଳକା ବିଶେଷ ପଟୁତା ଦେଖାଇଥିଲେ । ରୋଗୀର ପଥ୍ୟ ରାନ୍ଧିବା, ପୁଲ୍‌ଟିସ ପ୍ରସ୍ତୁତ କରିବା, ବ୍ଲିଷ୍ଟର ଓ ଲଣ୍ଠଣୀତଳିବା ଏବଂ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟାଦିର ମୂଲ୍ୟ ଜାଣିବା ବିଷୟରେ ମଧ୍ୟ ପରୀକ୍ଷା ହୋଇଥିଲା । ସ୍ତ୍ରୀମାନଙ୍କୁ ଏପରି କାର୍ଯ୍ୟବିଷୟକ ଶିକ୍ଷା ଦେବା ନିତାନ୍ତ ପ୍ରୟୋଜନ ସନ୍ଦେହ ନାହିଁ । ଦୁଃଖର ବିଷୟ ଯେ ଏ ପ୍ରଦେଶରେ ବର୍ତ୍ତମାନ ବାଳକାମାନଙ୍କର ବିଦ୍ୟାଶିକ୍ଷାପ୍ରତି ଯେତେ ମନୋଯୋଗ ଗାର୍ହସ୍ଥ୍ୟକାର୍ଯ୍ୟର ଶିକ୍ଷାଦାନପ୍ରତି ସେତେ ନାହିଁ ।

—:୦✻୦:—

ମିଶରର ଖେଦିଭ ଅର୍ଥାତ୍ ଅଧିପତି ଆପଣାର ପ୍ରଧାନ ମନ୍ତ୍ରିପଦରେ ଫକ୍ରିପାଶାଙ୍କୁ ନିଯୁକ୍ତ କରିବାରେ ଇଂରାଜଗବର୍ଣ୍ଣମେଣ୍ଟ ଆପତ୍ତି କଲେ । ମିଶର ଇଂରାଜଙ୍କର ଏକପ୍ରକାର ରକ୍ଷିତ ଦେଶ । ଖେଦିଭ ଇଂରାଜଗବର୍ଣ୍ଣମେଣ୍ଟଙ୍କ ଆପତ୍ତିରେ ବାଧ୍ୟ ହୋଇ ଫକ୍ରିପାଶାଙ୍କୁ ବରଖାସ୍ତ କରି ଆଉ ଜଣେ ପ୍ରଧାନ ମନ୍ତ୍ରୀ ନିଯୁକ୍ତ କଲେ । କିନ୍ତୁ ଫକ୍ରିପାଶାଙ୍କୁ ତାହାଙ୍କ ରାଜ୍ୟର ସର୍ବୋଚ୍ଚ ଉପାଧି ପ୍ରଦାନ କଲେ । ଏଥିରୁ ଜଣାଯାଏ ଯେ ଖେଦିଭଙ୍କର ଇଂରାଜଙ୍କ ପ୍ରତି ଅନୁରକ୍ତ ଭାବ ସରଳ ନୁହଇ । ଇଂରାଜ ଏହା ବୁଝିପାରି ଏଥିମଧ୍ୟରେ ପ୍ରାୟ ୬୦ ହଜାର ଇଂରାଜ ସେନା ମିଶରରେ ସମବେତ ହେବାର ବନ୍ଦୋବସ୍ତ କରୁଅଛନ୍ତି ଓ କେତେକ ସୈନ୍ୟ ପହଞ୍ଚିଅଛନ୍ତି । କୌଣସି ଗୋଳମାଳ ନ ଘଟିଲେ ରକ୍ଷା ।

———

ଜଣେ ପତ୍ରପ୍ରେରକ ପ୍ରସ୍ତାବ କରୁଅଛନ୍ତି କି "କୋଣାର୍କର ନବଗ୍ରହମୂର୍ତ୍ତିକୁ ସେଠାରେ ସଂରକ୍ଷଣ କରିବା ନିମନ୍ତେ ଯେବେ ଓଡ଼ିଶାର ହିନ୍ଦୁମାନେ ଅର୍ଥସାହାଯ୍ୟ କରିବାକୁ ଅଗ୍ରସର ନ ହୁଅନ୍ତି ତେବେ ଉକ୍ତ ମୂର୍ତ୍ତିକୁ ଶ୍ରୀକ୍ଷେତ୍ରକୁ ଆଣି ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିରର କୌଣସି ଅଂଶରେ ରଖାଇଲେ ମୂର୍ତ୍ତିଟି ନିରାପଦରେ ସୁରକ୍ଷିତ ହେବ । ସମ୍ପ୍ରତି ମନ୍ଦିରର ଜୀର୍ଣ୍ଣସଂସ୍କାର ହେଉଅଛି, ଏ ସମୟରେ ତାହା ଅସମ୍ଭବ ନୁହେଁ । ଉକ୍ତ ମୂର୍ତ୍ତିକୁ କୋଣାର୍କରୁ ଶ୍ରୀକ୍ଷେତ୍ରକୁ ବହନ କରିବାର ବ୍ୟୟ ଅଧିକ ହେବ ସତ୍ୟ କିନ୍ତୁ ଯେବେ ତାହା ସୁଦ୍ଧା କେହି ସାହାଯ୍ୟ ନ କରେ, ମୂର୍ତ୍ତିଟି ହିନ୍ଦୁମାନଙ୍କର ଅମୂଲ୍ୟ ବସ୍ତୁ ହୋଇଥିବାରୁ ମନ୍ଦିରସଂସ୍କାର ପାଣ୍ଠିରୁ ତାହା ହେଲେ ଅନ୍ୟାୟ ହେବ ନାହିଁ ।"

———

ଓଡ଼ିଶାପରି ଚଟ୍ଟଗ୍ରାମରେ ସମ୍ପ୍ରତି ବନ୍ଦୋବସ୍ତକାର୍ଯ୍ୟ ଲାଗିଅଛି । ଆମ୍ଭମାନଙ୍କ ଛୋଟଲାଟ ଗତମାସରେ ସେ ଅଞ୍ଚଳକୁ ପରିଦର୍ଶନାର୍ଥେ ଗମନ କରିବାରୁ ସେଠାର ପ୍ରଜାମାନେ ନୂତନ ଜମାରେ ଆପତ୍ତି କରି ଏକ ଆବେଦନପତ୍ର ଲେଖି ଛୋଟଲାଟଙ୍କ ସାକ୍ଷାତରେ ପେଶ କରିବା କାରଣ ମାଜିଷ୍ଟ୍ରେଟ ସାହେବଙ୍କୁ ପ୍ରାର୍ଥନା କରିଥିଲେ । ମାତ୍ର ମାଜିଷ୍ଟ୍ରେଟ ସାହେବ ସ୍ୱୟଂ ଜମାବନ୍ଦି କର୍ତ୍ତା ଥିବାରୁ ପ୍ରଜାମାନଙ୍କୁ ସେ ଦରଖାସ୍ତ ଦେବାର ସୁଯୋଗ ଦେଲେ ନାହିଁ । ଏଣେ ଲାଟବାହାଦୁର ଆପଣା ବକ୍ତୃତାରେ ପ୍ରକାଶ କଲେ କି "ନୂତନ ଜମାବନ୍ଦୀ ସମ୍ବନ୍ଧରେ କୌଣସି ଗୁହାରି ଶୁଣା ନ ଯିବାରୁ ନିଶ୍ଚୟ ବୋଧ ହେଉଅଛି ଯେ ଏଥିରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି ।" ଯେବେ ପରିଦର୍ଶନର ଫଳ ଏହିପରି ହୁଅଇ ତେବେ ସରକାରଙ୍କ ଅର୍ଥବ୍ୟୟ ଓ ନିଜର କଷ୍ଟ ସ୍ୱୀକାର କରି ଭ୍ରମଣ କରିବାଠାରୁ କଲିକତାରେ ବସିରହିବା ଭଲ । ଓଡ଼ିଶାବାସିମାନେ ଏଥିରୁ ଶିକ୍ଷାଲାଭ କରନ୍ତୁ । ନୀରବ ରହିଲେ ଶେଷକୁ ଏହିଫଳ ହେବ ।

———

କଲିକତାର ଭଡ଼ାଗାଡ଼ିର ଗାଡ଼ୋୟାନମାନେ ଇଂରାଜଙ୍କ ଅଗ୍ରେସି ଏବଂ ପୁଲିସ ଓ ପଞ୍ଚାୟତଦାରୀ ଅଦାଲତର ଅତ୍ୟାଚାର ଓ ଅବିଚାରରେ ନିତାନ୍ତ ଜର୍ଜରିତ ହୋଇ ଗତ ସପ୍ତାହରେ ଧର୍ମଘଟ କରି ଭଡ଼ାଗାଡ଼ି ସବୁ ବନ୍ଦ କରି ଦେଇଥିଲେ । ଏଥିରେ ଲୋକଙ୍କର ବଡ଼ କଷ୍ଟ ହୋଇଥିଲା । ଧର୍ମଘଟ ବିରୁଦ୍ଧରେ କେହି୨ ଗାଡ଼ୋୟାନ ଗାଡ଼ିବାହା ହେବାରୁ ଅନ୍ୟ ଗାଡ଼ୋୟାନମାନେ ସେମାନଙ୍କ ପ୍ରତି ବଳ ପ୍ରୟୋଗ ପୂର୍ବକ ଭଡ଼ାଗାଡ଼ି ଚଳାଇ ଦେଇ ନ ଥିଲେ ଏବଂ ଠାବେ୨ ଗାଡ଼ୋୟାନମାନେ ସମବେତ ହୋଇ ଆନ୍ଦୋଳନ ଲଗାଇ ଥିଲେ । ପରିଶେଷରେ ପୁଲିସ କମିଶନର ସେମାନଙ୍କ ଦୁଃଖ ଶୁଣି ସୁବିଚାର କରିବାକୁ ଅଙ୍ଗୀକାର କରିବାରୁ ମେଳ ଛାଡ଼ି ଭଡ଼ାଗାଡ଼ି ଚଳାଇଲେ । ଭଡ଼ାଗାଡ଼ିର ଅଧିକାରୀମାନେ ନିମ୍ନଶ୍ରେଣୀର ଲୋକ ସେମାନଙ୍କର ଏତାଦୃଶ ଏକତା ଅବଶ୍ୟ ଗୌରବଜନକ ଅଟଇ । ସମବେତ ହୋଇ ଆନ୍ଦୋଳନ ନ କଲେ ଆଜିକାଲି ପ୍ରତୀକାର ପାଇବା କଠିନ । ଦୁଃଖର କଥା ଉଚ୍ଚ ଶ୍ରେଣୀରେ ସେପରି ଏକତା ବିରଳ ।

———

ବଙ୍ଗପ୍ରଦେଶର ଗତବର୍ଷର ଅନ୍ନକଷ୍ଟ ନିବାରଣାର୍ଥେ ସରକାର ଯାହା କରିଥିଲେ ତାହା ମାନ୍ୟବର ବଙ୍ଗୀୟ ଛୋଟଲାଟ ଗୋଟିଏ ନିର୍ଦ୍ଧାରଣରେ ଲିପିବଦ୍ଧ କରି ପ୍ରକାଶ କରି ଅଛନ୍ତି । ବେହାରପ୍ରଦେଶ ଏବଂ ଦିନାଜପୁର ପ୍ରଭୃତି ଉତ୍ତର ବଙ୍ଗର କେତେକ ସ୍ଥାନରେ ଶାରଦ ଏବଂ ରବିଫସଲ ନଷ୍ଟ ହୋଇଯିବାରୁ ଲୋକଙ୍କ କଷ୍ଟ ବୃଦ୍ଧି ହେବାରୁ ମାର୍ଚ୍ଚ ଓ ଅପ୍ରେଲଠାରୁ ଅଗଷ୍ଟପର୍ଯ୍ୟନ୍ତ ସଡ଼କ ଓ ପୁଷ୍କରିଣୀ କାର୍ଯ୍ୟଦ୍ୱାରା ସାହାଯ୍ୟ ଦିଆଯାଇ ଥିଲା ଏବଂ କେତେକ ଅକ୍ଷମ ଲୋକଙ୍କୁ ବିନାମୂଲ୍ୟରେ ଚାଉଳ ଇତ୍ୟାଦି ବଣ୍ଟାଯାଇଥିଲା । ଏତଦରେ କଷ୍ଟ ନିବାରଣ ହେଲା ଅନ୍ନଛତ୍ର ଫିଟାଇବା କିମ୍ବା ଖଜଣା ଅଦାୟ ସ୍ଥଗିତ କରିବାର ଆବଶ୍ୟକ ହୋଇ ନାହିଁ ଓ ମଧ୍ୟ ଅନାହାରରେ କେହି ମରି ନାହିଁ । ସାଧାରଣତଃ ଲୋକମାନେ ସବଳ ଏବଂ କାର୍ଯ୍ୟକ୍ଷମ ଥିଲେ ମାନ୍ୟବର ଛୋଟଲାଟଙ୍କ ବିବେଚନାରେ ତାହା ଅପେକ୍ଷା ଟଙ୍କାର ଅଭାବ ଅଧିକ ବାଧିଥିଲା । ଏକଥା ଯଥାର୍ଥ ଅଟେ । ଯାହାର ଧନ ଅଛି ସେ ଯେତେଡ଼େ ମହାର୍ଘ ହେଉ ପଛକେ ଚାଉଳ କିଣି ପ୍ରାଣ ବଞ୍ଚାଇଅଛି । ଟଙ୍କା ଥିଲେ ଚାଉଳ ଅପ୍ରାପ୍ୟ ହୋଇ ନାହିଁ । ମାତ୍ର ଯାହାଙ୍କର ଧନ ନାହିଁ ସେମାନଙ୍କମଧ୍ୟରୁ ଯେ କେହି ଅନେକ ଉପବାସ ସହ୍ୟ କରି ପରିଶେଷରେ ପୀଡ଼ାଗ୍ରସ୍ତ ବା ଅନାହାରରେ ମରି ନାହାନ୍ତି ଏକଥା ନିଶ୍ଚୟ କହି ଯାଇ ନ ପାରେ । ସମ୍ଭବତଃ ଗବର୍ଣ୍ଣମେଣ୍ଟ ତହିଁର ସମ୍ବାଦ ପାଇ ନାହାନ୍ତି । ଯାହା ହେଉ ଧନଅଭାବ କଥା ଗବର୍ଣ୍ଣମେଣ୍ଟ ବୁଝିବା ସ୍ଥଳେ ତହିଁର ଉଚିତ ପ୍ରତୀକାର କରିବା ଉଚିତ ହେଉଅଛି । ବାଣିଜ୍ୟ ବେପାରର ବୃଦ୍ଧି ସଙ୍ଗେ୨ ଦେଶୀୟ ଗରିବ ଲୋକଙ୍କ ସଂଖ୍ୟା ବଢ଼ୁଅଛି ଓ କ୍ରମାଗତ ବଢ଼ୁଥିବ । ଦେଶର ବ୍ୟବସାୟ ରକ୍ଷାପ୍ରତି ଦୃଷ୍ଟି ଯଦି ନ ହେଲେ ସୁଭିକ୍ଷରେ ସୁଦ୍ଧା ଲୋକେ ଅନାହାରରେ ମରିବେ ।

———

ବଙ୍ଗଳାର ନାଳରାଜସ୍ୱ ।

ସନ ୧୮୯୧।୯୨ ସାଲର ନାଳରାଜସ୍ୱର ବିବରଣୀ ପ୍ରକାଶିତ ହୋଇଅଛି । ବଙ୍ଗଳାରେ ସର୍ବସୁଦ୍ଧା ୯୧୬ ମାଇଲ ନାଳ ଅଛି । ତହିଁମଧ୍ୟରୁ ମା ୨୪୩ ମାଇଲ କେବଳ ଜଳ ଯୋଗାଇବାର, ମା ୧୨୮ ମାଇଲ କେବଳ ନୌକା ଗମନାଗମନ ଏବଂ ଅବଶିଷ୍ଟ ମା ୫୪୫ ମାଇଲ ଉଭୟକାର୍ଯ୍ୟର ଉପଯୋଗୀ ଅଟଇ । ଏହି ସବୁ

Digitized by srujanika@gmail.com

Split by PDF Splitter



କାଳର ମା ୨୩୮୧ ଇଲ ଶାଖାକାଲମାନ କା-ହାଉଅଛି । କାଲମାନଙ୍କ ଅଧୀନରେ ପ୍ରାୟ ୨୫-ଲକ୍ଷ ମାଣ ଭୂମି ଥିଲେହେଁ ଯେପର୍ଯ୍ୟନ୍ତ କାର୍ଯ୍ୟ ହୋଇଅଛି ତହିଁରେ ୧୫ ଲକ୍ଷ ମାଣରୁ ବେଶିର ଉଣା ଭୂମିରେ ଜଳ ମାଡ଼ି ପାରେ ମାତ୍ର ପ୍ରକୃ-ତରେ ପ୍ରାୟ ୭୫ ଲକ୍ଷ ମାଣ କ୍ଷେତରେ ଜଳ ମାଡ଼ିଥିଲା ଓ ଇଦ୍ଵାରା ୨୫ କୋଟି ଟଙ୍କାର ଫସଲ ହୋଇଥିଲା । କଣ୍ଟିଉବର୍ଷରେ ପ୍ରାୟ ଅଢେଇ-ଲକ୍ଷ ନୌକା କାଲରେ ଯାତାୟାତ କର ୧୪-କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ଦ୍ରବ୍ୟ ଘୋ-ଲାଇ କରଥିଲା । ବର୍ଷ ଶେଷ ପର୍ଯ୍ୟନ୍ତ କାଲ-ନିର୍ମାଣରେ ସର୍ବାସୁଦ୍ଧା ୨ କୋଟି ୩୬ ଲକ୍ଷ ୨୭-ହଜାର ଟଙ୍କା ବ୍ୟୟ ହୋଇଅଛି ତହିଁ ମଧ୍ୟରେ ଏହି ବର୍ଷର ବ୍ୟୟ ପ୍ରାୟ ୮୫ ଲକ୍ଷ ଟଙ୍କା ଅଟଇ ।

ବିସ୍ତାରିତ ନକଶା ଓ ଇଷ୍ଟିମିଟ ପ୍ରସ୍ତୁତ କରି-ବାରେ ବିଳମ୍ବ ହେବାରୁ ଓଡ଼ିଶାକାଲକାର୍ଯ୍ୟ ମନ୍ଦ ହୋଇଅଛି । ମାତ୍ର ଏଥି ମଧ୍ୟରେ ଯାହାସବୁ ପ୍ରସ୍ତୁତ ହୋଇ ୧୨ ଲକ୍ଷ ୩୮ ହଜାର ଟଙ୍କା ମଞ୍ଜୁର ହେବାରୁ ଭରସା ହୁଅଇ ସନ ୧୮୯୫ ସାଲ ଅପ୍ରେଲମାସ ପ୍ରଥମଦିନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶେଷ ହୋଇ ଯିବ । ମେଦନାପୁର କାଲର କାର୍ଯ୍ୟ ଶେଷ ହୋଇଅଛି ଶୋଣକାଲର କାର୍ଯ୍ୟ ମଧ୍ୟ ଶେଷ ହୋଇଅଛି । କେବଳ କେତେଗୁଡ଼ଏ ଗ୍ରାମ୍ୟନାହାରୀ ଏବଂ ସଫାଇକାଲ ପ୍ରସ୍ତୁତ ହେବ ।

କାଲମାନଙ୍କର ଗତ ଦୁଇବର୍ଷର ଆୟ ବ୍ୟୟ ନିମ୍ନେ ପ୍ରଦର୍ଶିତ ହେଲା, ଯଥା ।

| ଆୟ | ସନ ୧୮୯୦।୯୧ | ସନ ୧୮୯୧।୯୨ |
| --- | --- | --- |
| ଜଳକର | ଟ ୧୦୯୯୬୨ | ଟ ୧୧୬୧୯୮୬ |
| ନୌକର | ଟ ୩୨୭୦୨୬ | ଟ ୩୬୧୩୩୯ |
| ବାକି | ଟ ୪୨୧୪୩ | ଟ ୬୫୨୮୨ |
| ମୋଟ | ଟ ୧୩୩୫୧୪୧ | ଟ ୧୫୨୯୮୬୦୮ |

| ବ୍ୟୟ | | |
| --- | --- | --- |
| ମରାମତି ଖରଚ | ଟ ୬୩୦୬୧୪ | ଟ ୬୧୩୧୦୪ |
| ମଫସ୍ଵଲ ଖରଚ | ଟ ୬୩୧୭୮୫ | ଟ ୬୨୭୭୬୧୭ |
| ହାତ ହତିଆର | ଟ ୭୯୮୯୪ | ଟ ୧୦୫୩୨୦ |
| ବାକି | ଟ ୮୯୮୪୩ | ଟ ୮୭୮୯୪ |
| ମୋଟ | ଟ ୧୪୩୨୧୩୬ | ଟ ୧୪୩୬୯୫୫ |

ଗତବର୍ଷ ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇଥିଲ ଏ ବର୍ଷ ବ୍ୟୟ ବାଦ ଉତ୍ତାରୁ ଟ ୧୬୦୬୭୩୧ ଙ୍କା ଲାଭ ହୋଇଅଛି ମାତ୍ର ମୂଲଧନର ସୁଧ ୨୪ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ମଧ୍ୟରେ ଧରିବାକୁ ହେବ । ସୁତରାଂ ପ୍ରାୟ ୨୨୫ ଲକ୍ଷ ଟଙ୍କା ତୁଟି ପଡ଼ିଅଛି । ଯାହା ହେଉ ଏବର୍ଷର ଯେତେ ଆୟ ହୋଇଅଛି ତାହ ହେବା ଦିନଠାରୁ କେବେ ସେତେ ହୋଇ ନ ଥିଲା । ଏ କଥା ଏବର୍ଷର ଶୁଭଫଳ ବୋଲିବାକୁ ହେବ । ଏବର୍ଷର ଆଉ ଶୁଭଫଳମାନ ଏହି କି ବନ୍ଦୋବସ୍ତ ଏବଂ ସୁସ୍ଥଲ କାର୍ଯ୍ୟ ପୂର୍ବାପେକ୍ଷା ଭଲ ହୋଇଅଛି ଏବଂ ବାକିର ପରିମାଣ ଊଣା ହୋଇଅଛି ; ଯେତେ ଜମିରେ ଜଳ ମଡ଼ା ହୋଇଅଛି ପୂର୍ବ କୌଣସି ବର୍ଷରେ ସେତେ ହୋଇ ନ ଥିଲା; ନୌକର କ୍ରମାଗତ ବୃଦ୍ଧି ହେଉଅଛି ଏବଂ ସ ଟିଫିକଟ ଜାରି ସଂଖ୍ୟା ପ୍ରାୟ ଦେଢ଼ହଜାର ଊଣା ହୋଇଅଛି । ଏହା ସବୁ ଅବଶ୍ୟ ସନ୍ତୋଷଜନକ ଅଟଇ । ପକ୍ଷାନ୍ତରେ ଓଡ଼ିଶା ହୋଷ୍ଟକେନାଲର ଫଳ ନିତାନ୍ତ ଅସ-ନ୍ତୋଷଜନକ ଏବଂ ଏହା ଦେଖି ମାନ୍ୟବର ଗୋଟଲେଟ ହତାଶ ହୋଇ କହୁଅଛନ୍ତି ଯେ ଏଥିରୁ କେବେ ଆୟ ହେବ ନାହିଁ କେବଳ ଦୁର୍ଭିକ୍ଷନିବାରଣ କାର୍ଯ୍ୟ ମଧ୍ୟରେ ଏହାକୁ ଧରି-ବାକୁ ହେବ । ଏଥକୁ ଆମ୍ଭେମାନେ କହୁଁ କି ସବୁ କାଲ ଏହି ଭାବରେ ଦେଖିବାର ଉଚିତ । କାରଣ ବଙ୍ଗଳାର କୌଣସି କାଲରୁ କେବେ ନିତ୍ୟ ନଗଦ ଲାଭ ପାଇବାର ଆଶା ନାହିଁ ।

# ସାପ୍ତାହିକ ସମ୍ବାଦ ।

ଶୀତ କହିବୁ ଊଣା ହେଲେହେଁ ଜରଭୟରକ ଘୋଷେ ବଲ ଘଟି ନାହିଁ । ଜନବେଲେ ଏଥ ଶାଣ ହେଉଅଛି, ବୃଷ୍ଟୀ ବିଶେଷ ହୋଇ ନାହିଁ ।

କେନ୍ଦ୍ରିଶରର ଭଲ ସମ୍ବାଦ ଏଥମଧ୍ୟରେ ଆସି ନାହିଁ । ସମ୍ଭବତଃ ମେଳଅ ଶ୍ଵରଚାରମାନେ ଧରି ପଡ଼ି ନାହାନ୍ତି ।

## କଲିକତା--ଗେଜେଟ ।

ବଙ୍ଗୀୟ ପ୍ରଜାସ୍ଵତ୍ଵବିଷୟକ ସନ ୧୮୮୫ ସାଲର ୫ ୮-ଆଇନ ଧା ୧୮୯ ଓ ୧୯୦ ପ୍ରମାଣ ଓଡ଼ିଶାରେ ଜାରି ହେବାକୁ ଯେଉଁ ଆଜ୍ଞାମାନଙ୍କ ଅନୁସାରେ ଯେ ସମସ୍ତ ନିୟମ ବର୍ତ୍ତମାନ ପ୍ରଚଳିତ ଅଛି ସେହି ସମସ୍ତ ନିୟମ ଓଡ଼ିଶାରେ ଜାରି ହେଲ ।

ପୁରଜନ ଲେଫ୍ଟନାଣ୍ଟ କର୍ଣ୍ଣେଲ ଉବଲିଉ, ଏଫ, ମରେ ପୁରୀର ସିଭିଲ ସର୍ଜନ ହେଲେ ।

ପୁରୀର ଏକଷ୍ଟ୍ରା ମନମଥ ବାବୁ ପରେଶନାଥ ବାନର୍ଜ୍ଜୀ ଯାଜପୁରର ମୁନସିଫଙ୍କର ଦରମା ହେଲେ ।

ଶ୍ରୀଯୁକ୍ତ ଉବଲିଉ, ମଡ ସାହେବ ଏବଂ ତାହାଙ୍କ ସଙ୍ଗେ ଶ୍ରୀଯୁକ୍ତ ଅତ, ଜାଅନ ତ୍ରୁପ ସେଇ ଜ ୧୧ ଏ ବର୍ଷଗୁଡ଼ ଏଥିପୂର୍ବେ ବଙ୍ଗୀୟ ପ୍ରଜାସ୍ଵତ୍ଵବିଷୟକ ସନ ୧୮୮୫ ସାଲର ୫ ୮ ଇନ ଅନୁସାରେ ହେଉନ୍ତା ବର୍ଷସ୍ଵତ୍ଵ ସ୍ଵରୂପ ନିଯୁକ୍ତ ହୋଇଥିଲେ ସେମାନଙ୍କ ନାମରୁ ପ୍ରଥମ ବ୍ୟକ୍ତି ସେଟଲମେଣ୍ଟ ଅଫିସର ଏବଂ ଆଉ ସମସ୍ତେ ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର-ସ୍ଵରୂପ ଓଡ଼ିଶାରେ ଉକ୍ତ ଆଇନର ଦଶ୍ୱପ୍ରକରଣୀର ୭ ଅଧ୍ୟାୟର ୧୩ ଦଫ ଅନୁସାରେ ନିଯୁକ୍ତ ହେଲେ ।

—*—

ବୋଖାରାର ଅମୀର ରୁଷିୟାର ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ସହିତ ସାକ୍ଷାତ ଲାଭ କରିଥିବାର ସମ୍ବାଦ ମିଳଇ । ଅମୀର ସେମାନଙ୍କୁ ବହୁମୂଲ୍ୟ ଉପଢୌକନ ଦେଇଅଛନ୍ତି । ସମ୍ରାଟ ଅମୀରଙ୍କୁ କଣ୍ଠୀର ଅର୍ଦ୍ଧର ଉପାଧି ପ୍ରଦାନ କରିଅଛନ୍ତି ।

ବର୍ଲିନଠାରୁ ସମ୍ବାଦ ମିଳଇ ଯେ ସେକ୍ସନ ଘନ୍ୟଲ ହେଲଠାରେ ଗୋ ୭୧ ଟି ଲୋକ ଓଲଉଠାଉଣରେ ଆକ୍ରାନ୍ତ ହୋଇ ତାହାମଧ୍ୟରୁ ଦୁଇଦିନ ମଧ୍ୟରେ ଗୋ ୧୪ ଟି ମରିଗଲେ ।—ଓଲଉଠା ପ୍ରକାର ସ୍ଵୟଂପରେ ଦେଖା ଦେଇଅଛି ।

ରୋମଠାରେ ଏକ ବାଙ୍କରେ ଏକଲକ୍ଷ ପାଉଣ୍ଡ ଅତ୍ଥ-ସାତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ବାଙ୍କର କୋଷ ଧରା ପଡ଼ିଅଛି ମାତ୍ର ମେନେଜର ପଳାଇଅଛନ୍ତି ।

ଚିକାଗୋ ମହାପ୍ରଦର୍ଶନୀ ଦେଖିବା ଏବଂ ତତ୍ରସାରାଷ୍ଟ୍ର ଅଧ୍ୟୟନ କରିବା ଉଦ୍ଦେଶରେ ମିସ୍, କାଦମ୍ବିନୀ ବସୁ ଅମେରିକା ଯାତ୍ରା କରିବାର ଶୁଣାଯାଏ ।

ଅମେରିକାରେ ମୁସଲ ମାନଧର୍ମ ପ୍ରଚାର କାରଣ ମୁସଲ-ମାନଧର୍ମାବଲମ୍ବୀ ଓଏବ ସାହେବଙ୍କ ହାତରେ ବମ୍ବେର ମୁସଲ-ମାନମାନେ ୧ ହଜାର ଟଙ୍କା ଦାନ କରିଅଛନ୍ତି ।

ସ୍ଵଜାର ସଲଭାଙ୍ଗ ରୋଷାନ୍ଦାରେ କେଉଁନାରୀୟ ଗାଲ କେତେ ଦୁଧ ଦେଇ ତହିଁର ପରୀକ୍ଷା ହୋଇ ଜଣାଗଲ ଯେ କେଉଁଲର ଗାଈ ଅନ୍ୟ ଦୁଇ ମାତ୍ର ଖାଇଲା ସମାନ ଦୁଧ ଦିଅନ୍ତି ଅଥଚ ବଡ଼ ଖାଆନ୍ତି ।

ଚିକାଗୋ ମହାପ୍ରଦର୍ଶନୀ ଦେଖିବାକୁ ଯେଉଁମାନେ ଯିବେ ସେମାନଙ୍କ ନିମନ୍ତେ ଗୋଟିଏ ହୋଟେଲ ବା ବସାଘର ନିର୍ମାଣ ହେଉଅଛି । ଏହି ଘର ୭ ହଜାରଜଣଙ୍କ ହେବ । ଏତେ-ବଡ଼ଘର ପୃଥିବୀରେ ଆଉ ନାହିଁ ।

କଲିକତାରେ ସୁନାର ଦର ବର୍ତ୍ତମାନ ଭରିପ୍ରତି ଟ ୨୫୷ ଦର ହୋଇଅଛି । ଗିନି ଘୋଟିକର ମୂଲ୍ୟ ଟ ୧୭।୷୧୦ ଓ କମ୍ପାନି ନୋଟର ଟ ୨୪୷ ।

ଗୋଟକେ ଦର ମହଣକୁ ଟ ୪୩ ଠାରୁ ଟ ୪୩୷ ପର୍ଯ୍ୟନ୍ତ ହୋଇଅଛି ।

ଗତମାସରେ କଲିକତା ଅଞ୍ଚଳର ଜଣେ ବ୍ରାହ୍ମଣ କାଳୀ-ଘାଟଠାରେ ଅଫିମ ସେବନଦ୍ଵାରା ଅତ୍ମହତ୍ୟା କରିବାର ସମ୍ବାଦ ମିଳଇ । ଲୋକଟି ଅନେକଦିନ ଏକ ମହାଜନ ନିକ-ଟରେ ଚାକରୀ କରୁଥିଲା ମାତ୍ର କୌଣସି କର୍ମ ନ ପାଇବାରୁ ଅବଶେଷରେ ଅତ୍ମହତ୍ୟା କରିଅଛି ।—ପେଟ ପୋଡ଼ିଲେ ଜୀବନକୁ କି ମାୟା ଥାଏ ?

କୋଲିକତାବିଶ୍ଵବିଦ୍ୟାଳୟରେ ଏ ବର୍ଷ ଜ ୨୧୬୦ ଏ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜ ୧୦୪୭ ଏ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।—ଏ ଫଳ ସନ୍ତୋଷଜନକ ନହଇ ।

ରଙ୍ଗୁନଠାରୁ ଯେ ସମ୍ବାଦ ମିଳଇ ତହିଁରୁ ପ୍ରକାଶ ଯେ ଖାନ ଓ କାଚିନ ଜାତମାନଙ୍କର ଉପଦ୍ରବ ବନ୍ଦ ହୋଇ ନାହିଁ । ସାନଜାତୀୟଙ୍କ ବଳ୍ମିତରେ ଜ ୨୫୦ ଏ ଓ କାଚନ ଜାତୀୟଙ୍କ ଶିବିରରେ ଜ ୧୦୦ ଏ ସିପାହି ସ୍ଵଜଯାତ୍ରା କରି ଅଛନ୍ତି । ଗତମାସ ତା ୭ ଦିନରେ କାଚନଜାତୀୟଙ୍କ ସଙ୍ଗେ ଯେ ଯୁଦ୍ଧ ହୋଇଥିଲା ତହିଁରେ କପ୍ତାନ ଜନ୍‌ସନ ସାହେବ ଓ ଜ ୪ ଏ ପୁଲିସ ହତ ହୋଇଅଛନ୍ତି । ତାଙ୍କ ଠାରୁ ସେହି ବିଦ୍ରୋହୀମାନେ ବର୍ମାମାନଙ୍କ ଉପରରେ ଯାଇଥିଲେ ସେମାନଙ୍କ ମଧ୍ୟରୁ ମୁଖ୍ୟ ଜ ୧ ଏ ହତ ହୋଇଅଛନ୍ତି ।—ଦୁଷ୍ଟାଙ୍ଗଳରେ ଯେ କେବେ ଶାନ୍ତି ସ୍ଥାପନ ହେବ ଏଥ କହୁଯାଇବ ।

କେନ୍ଦ୍ରଜିଲ୍ଲାରେ ଲୁଇଡନଡର୍ଷିମେଣ୍ଟ ନାଲିଶ ଓମା ଧରି କରି ସେଲଣ୍ଟର ଅନୁସନ୍ଧାନ କରି ତହିଁରୁ ଜବତ ହୋଇ ଅଛନ୍ତି । ସତ୍ୟ କୋଣଠୁଏ ଜଣ ହେଲ ନାହିଁ ।

Digitized by srujanika@gmail.com

Split by PDF Splitter



କଲ୍ଲଡର ଉତ୍ତରଖଣ୍ଡରେ କଲିକତାଠାରେ ଅରବ ଓ ଭଣିଅକ ମଧ୍ୟରେ ଭୁମୁଳ ଗଣ୍ଡଗୋଳ ହୋଇ ଯାଇଥିବାର ସମ୍ବାଦ ମିଳଇ । ଜଣେ ଅରବ କାହାକେ ଯାଇଁ ସୁଙ୍କା ଯାଉଥିବା ଧରି ଗଣ୍ଡେ ହିନ୍ଦୁସ୍ଥାନୀ ଜଣକ କାହାକୁ ଭଠାଇ ନେଲ । ଭଣିଅ ତାକୁ ଦଉ ଅନ୍ତଇବାକୁ ଉଦ୍ଧାର ଅଇକ ଓ ମାନ ସୁନରକୁ ପ୍ରହାର କଲ । ତତ୍ପରେ ଭଣିଅମାନେ ମିଳ ଅରବକୁ ପ୍ରହାର କଲେ । ଏହାର ସମ୍ବାଦ ପାଇ ଅନେକ ଅରବମାନେ ଅଣି ସେ ସ୍ଥାନରେ ସମ- ବେତ ହେଲେ । ଗୋଳମାଳ ଭୟାନକ ହୋଇ ଉଠିଲା । କ୍ରମେ ଅରବଙ୍କ ସଂଖ୍ୟା ପାଞ୍ଚଶତ ପର୍ଯ୍ୟନ୍ତ ହୋଇ ଗଲା । ପୁଲସ କଲ ତହିଁ ପାରିଲେ ନାହିଁ । ଅବଂ ମାନ ଖାଇ ଜଖମ ହେଲେ । କଥିତ ଅଛି ଲୋକମାନଙ୍କରେ ୫ ୬ ଣ ଲୋକ ଭୟଙ୍କରରୂପେ ପ୍ରହାରିତ ହୋଇ ଅଛନ୍ତି । ଏମାନଙ୍କ ହସପତାଲକୁ ନିଆ ଯାଇଥିଲା ଏବଂ ସେଠାରେ ୫ ୬ ଣ ଲୋକ ମଲା ପଡ଼ିଅଛନ୍ତି ।

ଅହମଦାବାଦ ବମ୍ବେଭାଇସ୍ପର ଉପାଧ୍ୟକ୍ଷ ସମ୍ବନ୍ଧରେ ସେଠା ଷ୍ଟେଟସ୍ମାନ ସମ୍ବାଦକ ଲେଖନ୍ତି ସମୟରେ କହୁଛନ୍ତି ଦେଶୀୟଙ୍କୁ ଉଚ୍ଚଶିକ୍ଷାଦାନ ବିଷୟ ଓ କୋଡ଼ା ଏବଂ ପୁସ୍ତକାଦିପ୍ରଭ ଉଚ୍ଚତମ ହୋଇ ଯାଉଥିବା ହେତୁ- ବାଦରେ ଉଚ୍ଚଶିକ୍ଷାଦାନରେ ତ ଉପସ୍ଥିତ ହେଉଅଛି ମାତ୍ର ଉଚ୍ଚଶିକ୍ଷାଳ ପଲାପଲ ଜଣକୁ ଶର୍ଣ୍ଣ କରିବାର ଏପ- ର୍ଯ୍ୟନ୍ତ ସମୟ ଉପସ୍ଥିତ ହୋଇ ନାହିଁ । ସଙ୍ଗପ୍ରକାର ଶିକ୍ଷା ପ୍ରଥମାବସ୍ଥାରେ ନିତାନ୍ତ ଦୁଃଖଶୀଳ ଥାଏ ମାତ୍ର ଭାରତର ଉଚ୍ଚ ସ୍ଥାନ ପରିଭ୍ରମଣ କରି ସେ ଜାଣିଅଛନ୍ତି ଯେ ଭାରତ- ବାସୀଙ୍କର ଉନ୍ନତମ ମଣ୍ଡଳରେ କର୍ତ୍ତବ୍ୟତା ଅପେକ୍ଷା ଅଧିକ ଦେଖା ଯାଉଅଛି ।—ଦୁଃଖ ଦେଖିଲେ ଉଚ୍ଚଶିକ୍ଷାର ଯେ ଭାରତର କ୍ରମୋନ୍ନତି ହେଉଅଛି ଏହା କହିଲେ ଚଳେନ୍ତ ନାହିଁ ।

ପଞ୍ଜାବରେ କୋଠାଏ ମାଛ ଧରା ଯାଇଅଛି ତାହାର ଲମ୍ବ ୬୨ ଫୁଟ ଏବଂ ବେଢ଼ ୨ ଫୁଟ ୬ ଇଞ୍ଚ ଏବଂ ଓଜନ ୨୪ ଦଶ ସେର ଆ । ଏତେବଡ଼ ମାଛ କଦାପି ଦେଖା ନ ଯାଏ ।

ସେଣ୍ଟପିଟର୍ସବର୍ଗରୁ ସମ୍ବାଦ ମିଳଇ ଯେ ସମାନ୍ତ ରେଜ- କାଟରେ ଭେଲିଗାଡ଼ି ଦୁର୍ଘଟଣାରେ ଗ୍ରହଣବା ମନୁଷ୍ୟରେ ଅଗ୍ନି ଲାଗି ପୋଡ଼ି ଯାଇଅଛି । ୬ ୫୦ ଣ ଲୋକ ଦଗ୍ଧୀଭୂତ ହୋଇ ଯାଇଥିବାର କଥିତ ହୁଏ ।

## ଢେଙ୍କାନାଳସମ୍ବାଦ ।

ଅସ୍ମାକଙ୍କର ମାନନୀୟ ତ୍ରି,କ୍ରି, ଉପିଅର ପି, ଏଚ, ଓଆଇକଇଟେବ ମହୋଦୟ ମାନସପ୍ରୀ ସହଧର୍ମିଣୀଙ୍କ ସମଭି- ବ୍ୟାହାରରେ ଭାଲଚେର ବନ୍ଦୋବସ୍ତ କାର୍ଯ୍ୟ ସମାପ୍ତ କରି ଗତ ମାସ ତା ୧୨ ରଖରେ ଏଠାକୁ ଆସି ଡାକବଙ୍ଗଳା ଅଧି- ବେଶନ ତା ୧୪ ରଖରେ ଅଟଗଡ଼ ଦଣ୍ଡପାଟ ଉପର ଦର୍ଶନ ବାଣ୍ଡରେ ବନ୍ଦୋବସ୍ତ କଲେ । ଏ ସ୍ଥାନର କାର୍ଯ୍ୟାଦିମାନ ସଂଦର୍ଶନ କରି ଅନେକ ଦୃଢ଼ତା କଲେ । ଅସନ୍ତୋଷର କାରଣ କିଛି ନ ଥିଲା ।

ଗାଉନଗୋଲ ମାସର ତା ୨୭ ଦିନରେ ବଣିକ କତୁ ଛାତ୍ରମାନଙ୍କ ଭଞ୍ଜନ ପ୍ରଦାନ ପୂର୍ବକ କହିଲେ ଅନେକ ଭୂମ୍ୟା- ଧିକାରୀ ଉପରେ ଅଧିକାର୍ଯ୍ୟ ହେଲୁଁ । ଭୂସ୍ୱାମୀମାନେ ଯେ କେବଳ ଇଂରେଜୀ ପଢ଼ି ବୁଝିପାରିବେ ଏମନ୍ତ ନୁହେ ବିଶେଷରେ ଓଡ଼ିଆ ପଢ଼ିବ । ସମୟରେ ଇଂରେଜ ଓ ଜାତୀୟ ଭାଷା ଏବଂ ଏକସଙ୍ଗରେ ଖୁସି ପ୍ରଦାନ କଲେ ଛାତ୍ରମାନେ ବଡ଼ଠାରୁ ପ୍ରଭାତ ପୂର୍ବକ ସୁଖାନୁଭବ ହେଲେ । ମଧ୍ୟ ଢେଙ୍କାନାଳର ରାଜା ମହୋଦୟଙ୍କ କେତେକ କଥାପ ପୁରସ୍କାର ଦାନ କଲେ ।

ତା ୨୪ ରଖରେ ଶୁଭଲଗ୍ନ ବେଳେ ଜଗନ୍ନାଥମନ୍ଦିରରେ ଯାତ୍ରା କଲେ ।

ଅସ୍ମାକଙ୍କର ଶ୍ରୀଯୁକ୍ତ ନେଟେଭ ମହାଶୟ ହଠାତ୍ ପ୍ରଗଣ୍ଡ ରୋଗରେ ଶଯ୍ୟାଗତ ହୋଇ ଅଛନ୍ତି ।

ଗତର ତା ୧୯ ରଖରୁ ତା ୨୩ ରଖ ପର୍ଯ୍ୟନ୍ତ ଅଖଣ୍ଡ ବୃଷ୍ଟି ହୋଇ ଯାଇଅଛି । ଅସ୍ମ ହେବାର ସମ୍ଭାବନା ଦେଖା ଯାଉ ନାହିଁ । ବଜାରରେ ପ୍ରତ୍ୟେକ ଜିନିଷର ଦର ଅଣ ହୋଇ ଅଛି ।

ଢେଙ୍କାନାଳଷ୍ଟେଟରେ ମହାବିଷ୍ଣୁଯାତ୍ରା ଏଥର ବନ୍ଦ ହୋଇ ଅଛି ସେ ସ୍ଥାନ ହଳ ସ୍ୱଭାବତଃ ଜଣେ ମନୁଷ୍ୟ ଖାଇବାର ଜେନେ ଶୁଣାଯାଉ ଅଛି । ମଧ୍ୟ ଶୌଚିକ ପ୍ରଭଣ୍ଡା- ରେ ଜେପର୍ଯ୍ୟନ୍ତ ବାଘର ଭୟ ହୋଇ ଅଛି ଯେ ଲୋକମାନେ କେଉଁ ଦୁଇସନ୍ଧ୍ୟା ଅର୍ଦ୍ଧ ବାଟରେ ଚାଷି କରିବାକୁ ଭୟ କରୁଅଛନ୍ତି । ଏ ବର୍ଷ ବଡ଼ ଉତ୍ପାତର ପ୍ରାଚୀର ଭେଦି ଯାଇ ସଶି ସବୁ ମନୁଷ୍ୟ ଖାଇ ଯାଉଅଛି । ଲୋକମାନେ ଏପରି ଭୟଭୀ- ତରେ ଅଛନ୍ତି ଯେ କେହିବେଳ ବାଘ ମାରିଦେଲେ ତାକୁ ଏକଶହ ଟଙ୍କାରୁ ଅଧିକ ପୁରସ୍କାର ଦିଅନ୍ତେ ।

ଅସ୍ମାକଙ୍କର ମାନ୍ୟାସ୍ପଦ ପୁଲିଶସା ଇନସ୍ପେକ୍ଟର ବାବୁ ଗୋପୀନାଥଦାସ ମହାଶୟ ଢେଙ୍କାନାଳ ପାଲଚେର ଓ ଅନୁଗୋଳ ଉକ୍ତ ସ୍ଥାନମାନ ସଂଦର୍ଶନ କରି କଟକକୁ ଫେରି ଯାଇ ଅଛନ୍ତି ।

ନାବାଳକ ରାଜା ମହୋଦୟଙ୍କ ମହାପିତ ବାବୁ ଶ୍ରୀ ଭଜ- ମାଲିହିଂହ ମହାଶୟ ସ୍ୱଗୃହବାସରେ ଗତ ବର୍ଷାକାଳସ୍ଥାନ ଉପବନରେ ବାସ କରି ଅଛନ୍ତି ।

କରାଣ୍ଟ ଗ୍ରାଣ୍ଟେଡ ପରୀକ୍ଷା କାର୍ଯ୍ୟ ଭୁଲ ସବଇନସ୍ପେକ୍ଟର ଓ ସର୍ଭେ ପଣ୍ଡିତମାନଙ୍କ ଦ୍ୱାରା ଅନେକ ହୋଇ ଅଛି ।

## ପତ୍ରପ୍ରେରକଙ୍କ ପତ୍ର ।

ଶ୍ରୀହରିହର୍ ପୁର ।—ସେହିମାନେ ବୈଷ୍ଣବ ଉଦ୍ଦେଶ୍ୟ ୫ ଶ୍ରୀ ଚୈତନ୍ୟମହାପ୍ରଭୁଙ୍କ ପ୍ରତ୍ୟକ୍ଷର ମହାବଳ୍ଲମୀ ଗୋସ୍ୱାମିମାନଙ୍କ ଶିଷ୍ୟ ସେହିମାନେ ଗୋସ୍ୱାମି ମତରେ ଏକାଦଶୀ ପ୍ରଭୃତି ଉପବାସ କରନ୍ତି । ପାଞ୍ଜିରେ ଯେଉଁ ଦିନରେ ଗୋସ୍ୱା- ମିମତରେ ଏକାଦଶୀ ପ୍ରଭୃତି ଲେଖାଅଛି । ତାହା ବୈଷ୍ଣବମାନଙ୍କର ପାଳନୀୟ । ଶୈବ, ଶାକ୍ତ ପ୍ରଭୃତି ଅନ୍ୟ ମତାବଲମ୍ବିମାନଙ୍କର ପାଳନୀୟ ନୁହେ ।

## ସନ ୧୮୯୨ ସାଲର ମାଇନର ପରୀକ୍ଷାର ଫଳ ।

୧ମ ଶ୍ରେଣୀ – ପାରଦର୍ଶିତାନୁସାରେ ।

| ନମ୍ବର ଛାତ୍ରମାନଙ୍କର ନାମ । | ସ୍କୁଲର ନାମ । | ଜିଲ୍ଲା । |
|---|---|---|
| ୧ ଆନନ୍ଦଚନ୍ଦ୍ର ପଣ୍ଡା | କଟକ ଟାଉନ | କଟକ |
| ୨ ଦାଶରଥି ଜେନା | କ୍ୟାଣ୍ଟିନ୍‌ମେଣ୍ଟ ଜେନେରଲ | ,, |
| ୩ ନିତ୍ୟାନନ୍ଦ ସତ୍ପଥୀ | ଢେଙ୍କାନାଳ | ଗଡ଼ଜାତ |
| ୪ ମଦନମୋହନ ମହାନ୍ତି | କଟକ ଟାଉନ | କଟକ |
| ୫ ହରିଦାସ ନାୟକ | ଢେଙ୍କାନାଳ | ଗଡ଼ଜାତ |
| ୬ କୃଷ୍ଣପ୍ରସାଦ ମହାନ୍ତି | ବାରବାଟି | ବାଲେଶ୍ୱର |
| ୭ ଲୋକନାଥ ରଥ | ଢେଙ୍କାନାଳ | ଗଡ଼ଜାତ |
| ୮ ଗିରିଶଚନ୍ଦ୍ର ସିଂହ | କାଜିପୁର | ବାଲେଶ୍ୱର |
| ୯ ଆନନ୍ଦକୁମାର ମିଶ୍ର | ବାରବାଟି | ,, |
| ୧୦ କେଶବଚନ୍ଦ୍ର ମିଶ୍ର | ଢେଙ୍କାନାଳ | ଗଡ଼ଜାତ |

୨ୟ ଶ୍ରେଣୀ ।—ପାରଦର୍ଶିତାନୁସାରେ ।

| | | |
|---|---|---|
| ୧ ଦାମୋଦର ଦାସ ଗୁପ୍ତ | କଟକ ଟାଉନ | କଟକ |
| ୨ ଭଗବତୀଚରଣ ପଣ୍ଡା | ପଟ୍ଟାମୁଣ୍ଡାଇ | ,, |
| ୩ କ୍ଷେତ୍ରମୋହନ ଦରନ | ଦେହୁରୀଦା | ବାଲେଶ୍ୱର |
| ୪ ଆନନ୍ଦଚନ୍ଦ୍ର ମହାନ୍ତି | ବାଲିକୁଦା | କଟକ |
| ୫ ପ୍ରିୟନାଥ ଦାସ | ବାଲେଶ୍ୱରମିଶନ | ବାଲେଶ୍ୱର |
| ୬ କପ୍ଳିନ ଚାର୍ଲସ ସାମନ୍ତରାୟ | ଖୋର୍ଦ୍ଧା | ପୁରୀ |
| ୭ ରଘୁନାଥ ମହାନ୍ତି | ,, | ,, |
| ୮ ହୃଦୟାନନ୍ଦ ମହାରଣା | ଭିକ୍ଟୋରିୟା ସ୍କୁଲ | ବାଲେଶ୍ୱର |
| ୯ ରଜନୀକାନ୍ତ ଜେନା | ବାଲେଶ୍ୱର ମିଶନ | ,, |
| ୧୦ ଗୋବିନ୍ଦଗୋବିନ୍ଦ ଘୋଷ | ରଘୁନାଥପୁର | କଟକ |
| ୧୧ ରାମହରି ପଟ୍ଟନାୟକ | ବାଦାମବାଡ଼ି | ପୁରୀ |
| ୧୨ କାମାଇଚରଣ ଦେ | ଖୋର୍ଦ୍ଧା | ,, |
| ୧୩ ବଳରାମ ପରମଗୁରୁ | ବୌଦ୍ଧ | ଗଡ଼ଜାତ |
| ୧୪ ରାମକୃଷ୍ଣ କର | ଭିକ୍ଟୋରିୟାସ୍କୁଲ | ବାଲେଶ୍ୱର |

୩ୟ ଶ୍ରେଣୀ ।—ପାରଦର୍ଶିତାନୁସାରେ ।

| | | |
|---|---|---|
| ୧ ଆନନ୍ଦଚନ୍ଦ୍ର ମହାନ୍ତି | କଟକ ଟାଉନ | କଟକ |
| ୨ ଆନନ୍ଦଚନ୍ଦ୍ର ମହାପାତ୍ର | ଖୋର୍ଦ୍ଧା | ପୁରୀ |
| ୩ ହରପ୍ରସାଦ ଦାସ | ବାସୁଦେବପୁର | ବାଲେଶ୍ୱର |
| ୪ ବସନ୍ତକୁମାର କର ଜ୍ଞା, | ଯୁଗଲ | ,, |
| ୫ ଯଏବଦ୍ଦିଣୀକ ଉଦ୍ଦେମାନ | ଆମଜାଗର | ,, |
| *୬ ଗୁପବିବାସୀ ଦାସ | ବାଦାମଗଡ଼ | ,, |
| *୭ ଲକ୍ଷ୍ମୀଧର ମଲିକ | ଜଇମ | ,, |
| ୮ ବୈଷ୍ଣବଚରଣ ସାହୁ | ବାଦାମବାଡ଼ି | କଟକ |
| ୯ ମହାବୀର ପ୍ରସାଦ ଭଗତ | ସ୍କୁଲ | ,, |
| ୧୦ ଦଶରଥ ମାରୁଆଡ଼ | ,, | ,, |
| ୧୧ ଆନନ୍ଦଚନ୍ଦ୍ର ଦତ୍ତ | କଟକ ଟାଉନ | କଟକ |
| ୧୨ ବୈଷ୍ଣବଚରଣ ମହାନ୍ତି | ପଟ୍ଟାମୁଣ୍ଡାଇ | ,, |
| ୧୩ ଶମ୍ଭୁନାଥ ଦାସ | ଦେଣ୍ଡାଭୋଗା | ,, |

### ଭର୍ଣ୍ଣାକ୍ୟୁଲାର ।

୧ମ ଶ୍ରେଣୀ ।—ପାରଦର୍ଶିତାନୁସାରେ ।

| | | |
|---|---|---|
| ୧ ବୈଦ୍ୟନାଥ ନନ୍ଦ | ଭୁବନେଶ୍ୱର | ପୁରୀ |
| ୨ ଗଣେଶ୍ୱର ମିଶ୍ର } ବାମନ ଦାସ } | ସ୍ୱଯୋଗ / ମହାର୍ଘିପୁର | ଗଡ଼ଜାତ / କଟକ |
| ୩ ମଦନମୋହନ ଜେନା | ଜାଙ୍ଗଲା | ପୁରୀ |
| ୪ ଶ୍ରୀମତୀ ପଦ୍ମମଣି ପଧାନ | ଢେଙ୍କାନାଳ ବାଳିକା | ଗଡ଼ଜାତ |
| ୫ ଦାମୋଦର ମହାନ୍ତି | ଘୁଡ଼ିଡ଼ିପୁର | କଟକ |
| ୬ ମଧୁସୂଦନ ମହାପାତ୍ର | ଦୁର୍ଗାପୁର | ବାଲେଶ୍ୱର |

* କେବଳ ଭାଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ।

Digitized by srujanika@gmail.com

Split by PDF Splitter



୭ ଶ୍ରୀମତୀ ଏସ୍ତର ପାତ୍ର } ଫି, ଅର୍ଫାନେଜକଟକ
ହେମଲତା କୁମାରୀ ଦେଈ } ହିନ୍ଦୁ ଗେର୍ଲ ”
୮ ନାରାୟଣ ମିଶ୍ର ହରଚଣ୍ଡୀସାହି ପୁରୀ
୯ ମଣିଚରଣ ବରାଳ ନୀଳଗିରି ଗଡ଼ଜାତ
୧୦ ରାସବିହାରୀ ଦାସ ଚର୍ଚ୍ଚିକା କଟକ
୧୧ କ୍ଷେତ୍ରମୋହନ ଦାସ ଢେଙ୍କାନାଳ ଗଡ଼ଜାତ
୧୨ ଚିନ୍ତାମଣି ମିଶ୍ର ” ”
୧୩ ମକୁଳ ଦାସ ” ”
୧୪ କୃଷ୍ଣ ମହାନ୍ତି ଜଗତ୍ସିଂହପୁର କଟକ
୧୫ ନରସିଂହ ମିଶ୍ର ବୀରନରସିଂହପୁର ପୁରୀ
୧୬ କାଶୀ ପଧାନ ବ୍ୟାପ୍ଟିଷ୍ଟ ଜେନେରାଲ କଟକ
୧୭ ରଘୁନାଥ ଦାସ ରମ୍ଭଲପୁର ପୁରୀ
୧୮ ସଦାଶିବ ରଥ ବିଶ୍ୱନାଥପୁର ”
୧୯ ରାମଚନ୍ଦ୍ର ମହାପାତ୍ର ଜାଁଅଲା ”
୨୦ ଭଗୀରଥ ରାଜଗୁରୁ ଭୁବନେଶ୍ୱର ”
୨୧ ଉଦୟନାରାୟଣ ଦାସ ନୀଳଗିରି ଗଡ଼ଜାତ
୨୨ ଧନେଶ୍ୱର ମାଝି ପୁରୁଣାଗଡ଼ ”
୨୩ ଯେଷାମିନ୍ ପାତ୍ର ହିନ୍ଦୁଗର୍ଲ କଟକ
୨୪ ଶ୍ରୀଧର ମହାପାତ୍ର ରଣପୁର ଗଡ଼ଜାତ
୨୫ ମହାଦେବ ମିଶ୍ର } ବିଶ୍ୱନାଥପୁର ପୁରୀ
ଦୁର୍ଗାଚରଣ ମହାନ୍ତି } ଦେହୁଡ଼ା ବାଲେଶ୍ୱର
୨୬ ରକ୍ମିଣୀ ଦାସ ଫିମେଲ ଅର୍ଫାନେଜ୍ କଟକ
୨୭ ଘନଶ୍ୟାମ ମହାନ୍ତି କୋଠାର ବାଲେଶ୍ୱର
୨୮ ଗଦାଧର ରଥ ଭୁବନେଶ୍ୱର ପୁରୀ
୨୯ ଚିନ୍ତାମଣି ଦ୍ୱିବେଦୀ } ପୁରୁଣାଗଡ଼ ଗଡ଼ଜାତ
ଗୋକୁଳଚନ୍ଦ୍ର ସିଂହ } ବାଘୁଡ଼ି ବାଲେଶ୍ୱର
୩୦ ବାଞ୍ଛାନିଧି ସାହୁ } ଚର୍ଚ୍ଚିକା କଟକ
ଶ୍ରୀନାଥ ଦାସ } ଅନନ୍ତପୁର ବାଲେଶ୍ୱର
୩୧ ମଥୁରାମୋହନ ମହାନ୍ତି ବାଘୁଡ଼ି ”
୩୨ ଗୋବିନ୍ଦଚନ୍ଦ୍ର ଦାସ } କୋଠାର ”
ହରବନ୍ଧୁ ମହାନ୍ତି } ନୀଳଗିରି ଗଡ଼ଜାତ
ଶିବାଇବେହେରା } ପୁରୁଣାଗଡ଼ ”
ସୁନ୍ଦରମୋହନ ମହାନ୍ତି } ମିତ୍ରପୁର ବାଲେଶ୍ୱର
୩୩ ଭଗବାନପ୍ରସାଦ ଦାସ ବାଘୁଡ଼ି ବାଲେଶ୍ୱର
୩୪ ଚନ୍ଦ୍ରମଣି ବେହେରା ଚାଲଗାଁ ଗଡ଼ଜାତ
୩୫ ମାନଗୋବିନ୍ଦ ପଧାନ ବେରବୋଇ ପୁରୀ
୩୬ ଉଦୟନାରାୟଣ ଦାସ ରେମୁଣା ବାଲେଶ୍ୱର
୩୭ ଅର୍ଜୁନ ସାହୁ ଭଣ୍ଡିପଡ଼ା ଗଡ଼ଜାତ

୨ୟ ଶ୍ରେଣୀ।

୧ ଗଙ୍ଗାଧର ମିଶ୍ର ବଡ଼ଚଣା କଟକ
୨ ବାଞ୍ଛାନିଧି ରଥ ସାମନ୍ତରାପୁର ”
୩ ବାଞ୍ଛାନିଧି ତ୍ରିପାଠୀ ” ”
୪ କୈଳାସଚନ୍ଦ୍ର ଅଗ୍ରୱାଲ ମହାସିଂହପୁର ”
୫ ଭୋଳାନାଥ ରାଉତ ” ”
୬ ମଦନମୋହନ ପଣ୍ଡା ବାଲିକୁଦା ”
୭ ରାଜକିଶୋର ଦାସ କଟକ ଟାଉନ ”
୮ ଗୋବିନ୍ଦଲାଲ ସରକାର ରଘୁନାଥପୁର ”
୯ ମହମଦ ଅବଦୁଲ ଗଫର ବ୍ୟାପ୍ଟିଷ୍ଟ ଜେନେରାଲ ”
୧୦ ରାଜକିଶୋର ସ୍ୱାଇଁ ଘଣ୍ଟାମୁଣ୍ଡେଇ ”
୧୧ ସେକ୍ ନଜର ଉଦ୍ଦୀନ କାନପୁର ”
୧୨ ସେକ୍ ଅଜର ଉଦ୍ଦୀନ ” ”
୧୩ ଜଗନ୍ନାଥ ପାତ୍ର ଅସୁରେଶ୍ୱର ”
୧୪ ରାଧାମୋହନ ଦାସ ” ”
୧୫ ମିରଜା ଏକରାମ ଅଲି ବେଗ ଦେଓ୍ୱାନବଜାର ”
୧୬ ସୋମନାଥ ମହାନ୍ତି ବଡ଼ମ୍ବା ”
୧୭ ଚତୁର୍ଭୁଜ ମହାନ୍ତି କୋଲ୍ହାଇ ”
୧୮ ବ୍ରଜକିଶୋର ସାମଲ କଲ୍ୟାଣପୁର ”
୧୯ ଏଲିଜାବେଥ ମହାନ୍ତି ଫିମେଲ ଅର୍ଫନେଜ ”
୨୦ ମୋତି ଦାସୀ ଗୁଣ୍ଡିବତୌଳ ବାଲିକା ”
୨୧ ଅଲେଖ ଖଡ଼ଙ୍ଗା ରମ୍ଭଲପୁର ପୁରୀ
୨୨ ଗୋବିନ୍ଦଚନ୍ଦ୍ର ମିଶ୍ର ଶାସନ ଦାମୋଦରପୁର ”
୨୩ ବାଳକୃଷ୍ଣ ଦାସ ହୁମାପଡ଼ା ”
୨୪ ପଦ୍ମଚରଣ ମହାପାତ୍ର ଜାଁଅଲା ”
୨୫ ବାଞ୍ଛାନିଧି ମିଶ୍ର ଶ୍ରୀରାମପୁର ”
୨୬ ଗୋପୀନାଥ ମହାନ୍ତି ” ”
୨୭ ଚନ୍ଦ୍ରଶେଖର ଉଦୟସିଂହ ” ”
୨୮ ଧନେଶ୍ୱର ତ୍ରିପାଠୀ ଭୁବନେଶ୍ୱର ”
୨୯ ରାମଚନ୍ଦ୍ର ଦାସ ” ”
୩୦ ବଂଶୀଧର ନାୟକ ଘାଟପୁର ”
୩୧ ଧନେଶ୍ୱର ନାୟକ ବେରବୋଇ ”
୩୨ ଚକ୍ରଧର ଦାସ ପିପିଲି ”
୩୩ ଜଗନ୍ନାଥ ମିଶ୍ର ରୂପଦେଇପୁର ”
୩୪ କଣ୍ଠେଶ୍ୱରଚରଣ ନନ୍ଦ ଇଙ୍ଗ୍ଲିସ ସ୍କୁଲ ବାଲେଶ୍ୱର
୩୫ ଶ୍ୟାମାଚରଣ ପାଣିଗ୍ରାହୀ ପଶ୍ଚିମବାଡ଼ ”
୩୬ ହେରମ୍ବଚନ୍ଦ୍ର ଚନ୍ଦ ଦେହୁଡ଼ା ”
୩୭ ଗଙ୍ଗାଧର ଦାସ ବାରବାଟୀ ”
୩୮ ଜଗନ୍ନାଥ ପାଣି ” ”
୩୯ ଭବାନୀଶଙ୍କର ମହାନ୍ତି ଇଙ୍ଗ୍ଲିସ ସ୍କୁଲ ”
୪୦ ରମାକାନ୍ତ ଦାସ ସୋରୋ ”
୪୧ ତପିନୀଭଗାରୀ ଘୋଷ ରେମୁଣା ”
୪୨ ଲକ୍ଷ୍ମଣପ୍ରସାଦ ଦାସ ମଙ୍ଗଳପୁର ”
୪୩ କୃଷ୍ଣଚରଣ ମହାନ୍ତି କୋପ୍ତିଲ ”
୪୪ ମୋହନ ପଣ୍ଡା ” ”
୪୫ କ୍ଷେତ୍ରମୋହନ ନାୟକ କୋଠାର ”
୪୬ ବିଷ୍ଣୁଚରଣ ପାଣିଗ୍ରାହୀ ବୋଲଗାଡ଼ ”
୪୭ ରାଧାଶ୍ୟାମ ପଣ୍ଡା ବାଘୁଡ଼ି ବାଲେଶ୍ୱର
୪୮ ଆର୍ତ୍ତବନ୍ଧୁ ମହାନ୍ତି ” ”
୪୯ ଗଦାଧର ମହାନ୍ତି ” ”
୫୦ ଗୋପୀନାଥପଟ୍ଟନାୟକ କାଉପୁର ”
୫୧ ନାରାୟଣ ସାହୁ ବୋଲଙ୍ଗ ”
୫୨ ରମାକାନ୍ତ ପଣ୍ଡା ଅନନ୍ତପୁର ”
୫୩ ରାମପ୍ରସାଦ ପଟ୍ଟନାୟକ ସୋରୋ ”
୫୪ ରୁଦ୍ରଚରଣ ମହାପାତ୍ର ଅନନ୍ତପୁର ”
୫୫ ମଦନମୋହନ ଖୁଣ୍ଟିଆ ଅଯୋଧ୍ୟା ଗଡ଼ଜାତ
୫୬ ରାମଚନ୍ଦ୍ର ତ୍ରିପାଠୀ ଅଠମଲ୍ଲିକ ”
୫୭ ପଞ୍ଚାନନ ବେହେରା ଶାରଙ୍ଗା ”
୫୮ ବାମଦେବ ପାଣି ବହଳଦା ”
୫୯ ବିକ୍ରମଦାସ ତାଳଚେର ”
୬୦ ଭାଗବତପ୍ରସାଦ ଦତ୍ତ ବହଳଦା ”

୩ୟ ଶ୍ରେଣୀ।

୧ ବେଲେଶ୍ୱର ଦାସ କନକପୁର କଟକ
୨ ମାର୍କଣ୍ଡ ମିଶ୍ର ମଣ୍ଡିଆ ”
୩ ମହମ୍ମଦ ୟୁସଫ କଟକ ଟାଉନ ”
୪ ଈଶ୍ୱରଚନ୍ଦ୍ର ପଟ୍ଟନାୟକ ” ”
୫ ନିତ୍ୟାନନ୍ଦ ମିଶ୍ର ” ”
୬ ହରେକୃଷ୍ଣ ମହାନ୍ତି ” ”
୭ ଜନାର୍ଦ୍ଦନ ପରିଡ଼ା କଟକ ମଡେଲ ”
୮ ଚିନ୍ତାମଣି ରାୟ ବାହାର ଗଡ଼ ”
୯ ଯୋଗେନ୍ଦ୍ରନାଥ ବାନାର୍ଜ୍ଜୀ କଟକ ମଡେଲ ”
୧୦ ଶ୍ୟାମସାହୁଅଲଗାବଜାରଅପରପ୍ରାଇମେରୀସ୍କୁଲ ”
୧୧ ମଦନମୋହନ ମହାନ୍ତି ଘଣ୍ଟାମୁଣ୍ଡେଇ ”
୧୨ କୃଷ୍ଣାନନ୍ଦ ସାହୁ ଅସୁରେଶ୍ୱର ”
୧୩ ମୋହନ ପଧାନ ଚର୍ଚ୍ଚିକା ”
୧୪ ଶଶିଭୂଷଣ ମିତ୍ର ମହାସିଂହପୁର ”
୧୫ ହରେକୃଷ୍ଣ ଦାସ ବାହାରଗଡ଼ ”
୧୬ ଶଙ୍କର ମିଶ୍ର ଅସୁରେଶ୍ୱର ”
୧୭ ହିରେଶ୍ୱର ମିଶ୍ର ବୀରନରସିଂହପୁର ପୁରୀ
୧୮ ମିଠୁ ମହାନ୍ତି ବାହାର ଗଡ଼ ”
୧୯ ଚିନ୍ତାମଣି ସାମନ୍ତ ” ”
୨୦ ଯଦୁନାଥ ମହାପାତ୍ର ଖୋରଧା ”
୨୧ ଭରତଚନ୍ଦ୍ର ନନ୍ଦଗୋ ହୁମାପଡ଼ା ”
୨୨ ରାମଚନ୍ଦ୍ରମିଶ୍ର ବିଶ୍ୱନାଥପୁର ”
୨୩ ପାନବନ୍ଧୁ ମହାପାତ୍ର ପୁଷ୍ପହାଟ ”
୨୪ ନିତ୍ୟାନନ୍ଦ ମିଶ୍ର ହରଚଣ୍ଡୀସାହି ”
୨୫ କୃପାସିନ୍ଧୁ ମିଶ୍ର ଶ୍ରୀରାମଚନ୍ଦ୍ରପୁର ”
୨୬ ବାଞ୍ଛାନିଧି ମହାନ୍ତି ଭଣ୍ଡାରପୁର ”
୨୭ ବନ୍ଧୁ ନାୟକ ବୋଲଗଡ଼ ”
୨୮ ରାମଚନ୍ଦ୍ର ପଧାନ ବେରବୋଇ ”

Digitized by srujanika@gmail.com

୨୯ ଅଶ୍ୱିନୀଘୋଷ ମିତ୍ର ପଶ୍ଚିମବାଡ଼ ବାଲେଶ୍ୱର
୩୦ ଅଭୟଚରଣ ବାରିକ ବାଲେଶ୍ୱର ମିଶନ ,,
୩୧ ଲକ୍ଷ୍ମୀକାନ୍ତ ପଣ୍ଡା ଭୋଗରାଇ ,,
୩୨ ଅନନ୍ତପ୍ରସାଦ ବେହେରା ରେମୁଣା ବାଲେଶ୍ୱର
୩୩ ପ୍ରାଣବନ୍ଧୁ ହାଜରା ,, ,,
୩୪ ଯୋଷେଫ୍ ସିଂହ ଶାନ୍ତିପୁରମିଶନବାଳକସ୍କୁଲ ,,
୩୫ ରମାକାନ୍ତପଟ୍ଟନାୟକ ମଦନମୋହନଗରମିଶନ,, ,,
୩୬ ଦର୍ଶନ ପାଢ଼ୀ ବୋରାଇ ,,
୩୭ ଲୋକନାଥ ପଣ୍ଡା ,, ,,
୩୮ ମଧୁସୂଦନ ମହାପାତ୍ର ଧାମନଗର ,,
୩୯ ମାର୍କଣ୍ଡ ପାଢ଼ୀ ଦୋଳସାହି ,,
୪୦ ସଏଦ ଅବଦୁଲ୍ ଅଲ୍ଲୀ ,, ,,
୪୧ ଗଦାଧର ପାଣି ଉରମ ,,
୪୨ ଆଦକନ ନାୟକ ଅନନ୍ତଗର ,,
୪୩ କାଳୁଚରଣ ରାଉତ ସାମନ୍ତପଡ଼ାଶିକ୍ଷକ ,,
୪୪ ଶ୍ରୀହରି ସେନାପତି ବାଲିଖଣ୍ଡ ,,
୪୫ ଶ୍ୟାମସୁନ୍ଦର ମହାପାତ୍ର ,, ,,
୪୬ ସୁରେନ୍ଦ୍ରଲାଲ ଦେ ବାରବାଟୀ ,,
୪୭ କାଶୀନାଥ ସେନାପତି ଦୋଳସାହି ,,
୪୮ ଶ୍ରୀମତୀଗଗନମଣିବେହେରା ବାଲେଶ୍ୱର ମିଃ ,,
୪୯ ନୀଳକଣ୍ଠ ରଥ ବଡ଼ାମ୍ବା ଗଡ଼ଜାତ
୫୦ କୃତ୍ତିବାସ ବୋଇର୍ଥର ବୌଦ ,,
୫୧ ନରସିଂହଚରଣ ଓଝା ଅଠମଲ୍ଲିକ ,,
୫୨ ନମାଇଚରଣ ପଧାନ ଖୁରୁଣ୍ଟାଗଡ଼ ,,
୫୩ ଜଗନ୍ନାଥ ସିଂହ ,, ,,
୫୪ ଲମ୍ବୋଦର ମିଶ୍ର ,, ,,
୫୫ ବିଦ୍ୟାଧର ସିଂହ ବାହାରଖଣ୍ଡ ,,
୫୬ ବୈଦ୍ୟନାଥ ବେହେରା ଖାଲଗାଁ ,,
୫୭ ଜଗଦୀଶ ପତି ତାଳଚେର ,,
୫୮ ବାଉଧର ପଟ୍ଟନାୟକ ବଡ଼ାମ୍ବା ,,
୫୯ ଚନ୍ଦ୍ରଶେଖର ମିଶ୍ର ,, ,,
୬୦ ସତ୍ୟବାଦୀ ପାଢ଼ୀ ଫିମେଲ ଅର୍ଫାନେଜ ,,

By order,
J. N. Rao,
*Head Clerk.*

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ପଣ୍ଡିତ ଜଗନ୍ନାଥ ସାହୁବ | ଭଦ୍ରେଶ୍ୱର | ଟ ୨୲ |
| ବାବୁ ଦୀର୍ଘନାଥ ଦାସ | କଟକ | ଟ ୨ |
| ,, ବାବୁ ଗୋବିନ୍ଦଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ | | |
| | ସୁଜାନଗର | ଟ ୩ |
| ,, ପୁରୁଷୋତ୍ତମ ପଟ୍ଟନାୟକ | ବରଗଡ଼ | ଟ ୩ |
| ,, ମାଧବଚନ୍ଦ୍ର ଚୌଧୁରୀ | କଟକ | ଟ ୧ |
| ,, କାଶୀଭୂଷଣ ସେନ | ,, | ଟ ୧୲ |
| ଶ୍ରୀଯୁକ୍ତ ବି, ଏ, ଜେକବ୍ | ଭଦ୍ରକ | ଟ ୩ |
| ,, ବି, କେ, ଦ୍ୱିବେଦୀ ବଡ଼ | ଜେମଶ୍ଚି | ଟ ୩ |
| ବାବୁ ଗୋପୀନାଥ ତ୍ରିପାଠୀ | | ଟ ୨ |
| ,, ମାଗୁଣି ବେହେରା | | ଟ ୧ |
| ,, ଭଜହରି ଘୋଷ | କେନ୍ଦ୍ରାପଡ଼ା | ଟ ୩ |
| ମୁନସି ଗୁଲଦାର ମହମ୍ମଦ | କଟକ | ଟ ୩ |

# ବିଜ୍ଞାପନ ।

## ADVERTISEMENT.

Wanted Mohurrirs for the Piplee Settlement office.

ପିପିଲି ବନ୍ଦୋବସ୍ତ ଅଫିସ ନିମନ୍ତେ କେତେକଣକ ମୋହରର ଆବଶ୍ୟକ ଅଛି । ଯେଉଁମାନେ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ସେମାନେ ଆପଣା ପ୍ରଶଂସାପତ୍ର ସହିତ ଶୀଘ୍ର ପିପିଲିମୁକାମରେ ଉପସ୍ଥିତ ହେବେ ।

A. P. DAS,
*Assistant Stt. Officer*

## NOTICE.

ORISSA GRADUATES' AND UNDER-GRADUATES' ASSOCIATION.

Lecturer—Babu Suderson Das B. A.
Subject—Civilization.
Time—4 P. M. Sunday the 5th Inst.
Place—Printing Company's Hall.

Gentlemen are respectfully invited to attend.

CUTTACK } AKSHOY KUMAR GHOSE
3—2—93. } *Honorary Secretary.*

ସର୍ବ ସାଧାରଣଙ୍କ ଜ୍ଞାତାର୍ଥେ ଏତଦ୍ୱାରା ପ୍ରକାଶ କରି ଯାଉଅଛି କି ସନ ୧୮୯୨।୯୩ ମସିହାର ନଂ ୭୫୩ ନମ୍ବର ସାର୍ଟିଫିକେଟ ମକଦମାରେ ସନ ୧୮୯୨ ମସିହା ଜମାର ବକ୍ତ ବାକୀ ପଥ-ପ୍ରଦେଶୀଶୁଳକ ଓ ସୁଧ ଓ ଖର୍ଚ୍ଚା ସହିତ ଟ ୧୧୦୮୷/୮ ସ୍ଥା ଅଦାୟ ନିମନ୍ତେ । ଜି । ପୁରୀ । ପ୍ର । କୋଠଦେଶ । ତା । କୋଠଦେଶ ନ ୪୪ ନମ୍ବର ଭଗ୍ନଖଣ୍ଡ ଜମିଦାରୀ କି ଯହିଁର ସଦର ଜମା ଟ୫୮୧ ୦୮ ୧୬୩/୭ ପାଇ ଅଟେ ପୁରୀ-କଲେକ୍ଟରୀ କଚେରୀର ସାର୍ଟିଫିକେଟ ଅଫିସରଙ୍କ ମହକୁମାରେ ସନ୧୮୯୩ ମସିହା ଫିବୃଆରୀ ମାସ ତା ୨୮ ଋଖ ବେଳ ଦ ୧୨ ଘ ସମୟରେ ପ୍ରକାଶ୍ୟରୂପେ ନିଲାମ ହେବ ।

ପୁରୀ କଲେକ୍ଟରୀ ଅଫିସ } M. M. Ray
ତା ୨୪ ଋଖ ଜାନୁଆରୀ } Certificate
ସନ ୧୮୯୩ } Officer

## ORISSA COAST CANAL.

### NOTIFICATION

Range IVA, IVB, & V,

The recently published notification of raised Tollage on the above Ranges of the Orissa Coast Canal is to be understood as follows.

After 10th Febry 1893 boats going and returning on the above Ranges will only pay toll one way but will have to pay the greater tollage. If the return tollage is greater than the original trip boats will get the credit of whatever was paid on entering canal. If the return tollage is less than the original trip boats will be allowed to pass free. If the return tollage is equal to the original trip boats will be allowed to return free.

The above rule does not effect steamers.

### ବିଜ୍ଞାପନ ।

ଗତ ଜାନୁଆରୀ ମାସ ତା ୭ ଋଖରେ ଯେଉଁ ନୋଟୀସ ଦିଆଯାଇଥିଲା ତାହା ପରିବର୍ତ୍ତରେ ଏହି ନୋଟୀସ ଦିଆଗଲା ଯେ ଓଡ଼ିଶା କୋଷ୍ଟକେନାଲର ୪ (ଏ) ୪ (ବି) ଏବଂ ୫ ରେଞ୍ଜରେ ଯାଉଥିବା କେବଳ ବୋଟମାନଙ୍କଠାରୁ ଏକଦିଗିର ମାସୁଲ ଆଦାୟ ହେବ ( ଅର୍ଥାତ ଯେଉଁ ଦିଗର ମାସୁଲ ବେଶୀ ହେବ ) । ଯିବା ସମୟର ମାସୁଲଠାରୁ ଆସିବା ସମୟର ମାସୁଲ ବେଶୀ ହେଲେ ପ୍ରଥମମାସୁଲ ବାବଦ ଯିବ ଓ କମ ବା ସମାନ ହେଲେ ଫ୍ରି ଯିବ ।

A. Hayes.
Executive Engineer
Balasore Division.

ସନ ୧୮୯୩ ଓ ସନ ୧୮୯୪ ସାଲର ଅପରହାଇନେସ ପରୀକ୍ଷାର ପାଠ୍ୟ ନବନାଲୁମର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଦୁଇଅଣା । ଏହି ସଂସ୍କରଣରେ ଭ୍ରମମାନ ସଂଶୋଧିତ ଓ ସ୍ଥଳବିଶେଷ ଆବଶ୍ୟକବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାହୁଲ୍ୟଭାବରେ ଅର୍ଥ, ଶବ୍ଦପାଠ ଓ ଅନ୍ୱୟକରଣ ଦିଆଯାଇ ପ୍ରକତ୍ତ ହୋଇଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଉକ୍ତ ପରୀକ୍ଷାର ପାଠ୍ୟ ଭୂଗୋଳପାଠ ଏବ ବାଲ୍ୟପ୍ରବେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଭୂଗୋଳପାଠର ମୂଲ୍ୟ ଟ୦।୵ ଏବ ବାଲ୍ୟପ୍ରବେଶର ମୂଲ୍ୟ ଟ୦।୵୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭପରିମିତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୵ ଏବ ସୁଲଭପରିମିତିର ମୂଲ୍ୟ ଟ ୦।/ ।

ଶୀଘ୍ରାଧ୍ୟବସାୟଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଝଣ୍ଡ୍ରିକ ବାଳକମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଆସୁଅଛନ୍ତି ।

ସଂକ୍ଷିପ୍ତ ଭାରତଇତିହାସର ସମ୍ପୂର୍ଣ ଅର୍ଥସଂଗ୍ରହ ଛପା ହୋଇଅଛି । ମୂଲ୍ୟ ଟ ୦୵ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।




TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

The best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest price. They only make the case worse and in many cases the disease is difficult to cure. But

Hametic Syrup gives Vigour, improves the Strained Powers of the Intellect and understanding, makes the mind Imaginitive and active, and improves Retentive Powers.

Hæmatic Syrup is a miraculous preparation for the Purification of Blood, for the Renovation of Deranged and Broken Constitutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infalible remedy for Bilious disorders of any kind such as Indigestion, Dyspepsia, Loss of Appetite, Acididity, Costiveness, Head ache, Disturbd Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10 and Rs. 2-4 only.

Apply to
Dr. P. MARTIN,
41. Bhawani Charan Dutta's Lane,
Calcutta.

କଟକ ସ୍ଥାନର ଏକମାତ୍ର ଏଜେଣ୍ଟ ।
ଡି, ଗାଙ୍ଗୁଲି ଏଣ୍ଡ କୋମ୍ପାନୀଙ୍କର
ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

## ଡିବିଲିଟି ଡ୍ରପ ।

ସ

ଆସ୍ତ୍ରେ, ଅଦ୍ଭୁତ ଦୃଷ୍ଟ ଯେଉଁ ମେହରୋଗକୁ ଅସାଧ୍ୟ ବୋଲି ସ୍ଥିର କରନ୍ତି । ଅନେକ ୨।୩ ଶତ ବର୍ଷ ହେଲା ଇଉରୋପ ଓ ଆମେରିକା ପ୍ରଭୃତି ସୁସଭ୍ୟ ଦେଶବାସୀମାନଙ୍କର ମହାଯୋଗକରେ ଧାତୁଗତ ପୀଡ଼ାର ପ୍ରକୃତ ଔଷଧ ଯାହା ସ୍ଥିର ହୋଇଅଛି ସେ ସବୁର ସାହାଯ୍ୟରେ ଏହି ମହୌଷଧ ଆବିଷ୍କୃତ । ଯେଉଁମାନେ ଧାତୁଘଟିତ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଆରୋଗ୍ୟ ହୁଏ ନାହିଁ ବୋଲି ଯାହାଙ୍କର ହୃଦୟରେ ଦୃଢ଼ବିଶ୍ୱାସ ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁଦୌର୍ବଲ୍ୟ ( ଅକାଳରେ ପତନ ବା ନ୍ୟାବେଳବଧା ଇତ୍ୟାଦି ) ଶୀଘ୍ରରେ ଆରୋଗ୍ୟ

ଇତ୍ୟାଦି ୨ ଜନ୍ମ ହୋଇଥିବାର କାରଣ ନାନା ପୀଡ଼ା, ମେହ ପ୍ରମେହ ୨୦ ପ୍ରକାର ମେହ, କଷ୍ଟମୂତ୍ର ଆଦି ପୀଡ଼ା, ଧ୍ୱଜଭଙ୍ଗ ଇତ୍ୟାଦି, ସ୍ୱାଭାବିକଭାବରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା କମ୍ ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅକୃତକାର୍ଯ୍ୟ, ସ୍ୱପ୍ନଦୋଷ, ପ୍ରସ୍ରାବର ଆଗ ବା ପଛରେ ନାଳ ଦେଇ ୨ ମୂତ୍ରଗ୍ରନ୍ଥ ବା ଧାତୁ ପଡ଼ିଯିବା, ନଳୀରେ କ୍ଷତ, ପ୍ରସ୍ରାବରେ ଜ୍ୱାଳାକରିବା, ମୁହୁର୍ମୁହୁ ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଲାଲ ବା ଘୋଳିଆ । ତଳପେଟରେ ବେଦନା, ସନ୍ଧିମାନଙ୍କରେ ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠକାଠିନ୍ୟ, ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଚକ୍ଷୁଦାହ, ମୁଖଶୁଷ୍କ, ଦୃଷ୍ଟିକ୍ଷୀଣତା, ଜ୍ୱରଭାବ, ହାତଗୋଡ଼ ଜାଳା ଇତ୍ୟାଦି ( ସ୍ତ୍ରୀ ଓ ପୁରୁଷଙ୍କ ) ବହୁଦିନରୁ ମୂତ୍ରଯନ୍ତ୍ର ସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେବନକଲେ ନୂତନ ଓ ପୁରୁଣା ହେଉ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ । ଅନ୍ୟଥା ଅତ୍ୟାଚାରରେ ଧାତୁଗତ ପୀଡ଼ା ଆଉ ହେବ ନାହିଁ । ଏକମାସ ସେବନୋପଯୋଗ ପ୍ରତି ଶିଶି ଟ ୨ ଟଙ୍କା । ଡାକବ୍ୟୟ ଟ ୦।୵ ଅଣା । ଔଷଧପ୍ରାପ୍ତି ଠିକଣା, ।—

ଡି, ଗାଙ୍ଗୁଲି ଏଣ୍ଡ କୋ
୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

## ଘଡ଼ିମରାମତି ।

Watches! Clocks! Time pieces
Repaired by an efficient workman the premises of the Cuttack Printing Company Charge moderate.

ନାନାପ୍ରକାର ଘଣ୍ଟା ଘଡ଼ି ସୂକ୍ଷ୍ମରୂପେ ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

## ବିଚ୍ଚମସାହେବଙ୍କ ବଟିକା
## ( BEECHAM'S PILL. )

ସକଳ ବଟିକାରେ ଏକ ୨ ସବୁଅର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ଦଉନ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ଶୀତଳତା, ଉଦ୍ଗାରତା ଦୌର୍ବଲ୍ୟ, ବାଯୋ-

Digitized by srujanika@gmail.com

ଦୁର୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବଦର ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦ ୵ ଟ ୦ ୵ ଓ ଟ ୦ ୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବଧାର୍ଥ ଅନେକ୍ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ ଶତ ପଠାଇବାର ପରି-ଶ୍ରମକମେ୍ଲ ଶତକରା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହିଂ ବା ଇନସପିସିଏଣ୍ଟ ଷ୍ଟାମ୍ପ ଗ୍ରାହ୍ୟ ହୁଏ ନାହିଁ ଏବଂ ରପ୍ତାଇବାକୁ ବା ବୁଝାଇଦିଆ ଟିକେଲ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବଧାର୍ଥ ଜଣାଉଅଛୁଁ ଯେ ଯେଉଁ-ମାନେ ଆମ୍ଭମାନଙ୍କ ଅତିଶୟ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ବୃତ୍ତିର କାରଣ, ବ୍ୟାଧି ଲୁଚନ୍ତ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାଙ୍କର ଉପଯୋଗ୍ୟ ଔଷଧ ପଠାଇବୁଁ ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତିଷ୍କ ଶୀତଳ ଓ ଶରୀର ଶାନ୍ତ ହୋଇ ଦେହ ଓ ମସ୍ତିଷ୍କ ପୁଷ୍ଟି ହୁଏ, କେଶ ବର୍ଦ୍ଧିତ, ସୁଗନ୍ଧଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୃଷ୍ଣଭାସ୍କର—ଏ ନ ଛୁଆଣିକ ସତ୍ୟ କରୁ ପ୍ରୟୋଗ କାଲେ ଜ୍ୱାଳା ଯନ୍ତ୍ରଣା ତତ୍କ୍ଷଣାତ୍ ଭଲ ହୋଇ ଯାଏ ନାହିଁ । ପ୍ରତିଡିବିଆର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଜ୍ୱରସଂହାରଣୀ—ଏହା ଯଥାବିଧି ସେବନ କଲେ ପ୍ରାଚୀନ ବା ନୂତନ ସବୁ ପ୍ରକାର ଅନୁବନ୍ଧ, ପିତ୍ତଜ୍ୱର, ବାୟୁ ଦୋଷ ( ଅଜୀର୍ଣ୍ଣ ) ଓ କମ୍ପଜ୍ୱର ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଶୀଘ୍ର ଭଲ ହୁଏ । ଏକପକ୍ଷ କାଲ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ଚକ୍ଷୁରୋଗ ଶିରଃପୀଡ଼ା ଓ ଦୁର୍ବଳତା ଇତ୍ୟାଦି ଭଲ ହୁଏ ।

ଏହା ନିର୍ଦ୍ଦୋଷ ଔଷଧ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚ୍ୟବନପ୍ରାଶ ଅବଲେହ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ଜଟିଳ ଓ ପାଳଟାପ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅତିସାରିତ ରୋଗ, ଶାରୀରିକ ଓ ମାନସିକ ଦୁର୍ବଳତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ବୃଦ୍ଧି ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ତିନି ଟଙ୍କା ଆଠ ଅଣା ।

୬ । ଶୋଣିତଶୁଦ୍ଧିକର ( ସାଲସା )—ଅନ୍ତଃପ୍ରକୃତି ଶୋଧା-ର, ବହୁକାଳ ଅବଧିରୁ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁରା, ଗାତ୍ର ଜଳିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନଙ୍କରେ ଏହା ବ୍ୟବହାର କଲେ ଶରୀରରୁ ଦୋଷ ନଷ୍ଟ ହୋଇ ଶରୀର ବଳ-ଶାଳୀ ଓ ସୌନ୍ଦର୍ଯ୍ୟଯୁକ୍ତ ହୁଏ । ଗ୍ରୀଷ୍ମକାଳରେ ମଧ୍ୟ ବଳା-ଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ କଣ୍ଡୁ ଏହା ସେବନରେ ଆରୋଗ୍ୟ ହୁଏ । କାଳ ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ଭାଲୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଜ ।

ଉତ୍କଳଦୀପିକା ଯନ୍ତ୍ରେ ଦରବଲ ସହର କଟକ ଚୌଧୁରୀ ବଜାର ବାବୁ ଗୋବିନ୍ଦଚନ୍ଦ୍ର ଘୋଷ ବ ଠାଠାକୁ ନିମ୍ନଲିଖିତ ଦର ଅନୁସାରେ ଦେଉଅଛନ୍ତି ଯଥା—

| | | | | |
|---|---|---|---|---|
| ୧୦ ୧୫ | ଖାନ | [illegible] | [illegible] | [illegible] |
| ୧୮ ୨୫ | ,, | ,, | [illegible] | [illegible] |
| ୨୨ ୨୫ | ,, | ,, | [illegible] | [illegible] |
| ୨୨ ୨୫ ଡବଲଫୁଲସ୍କେପ୍ | ,, | [illegible] | ,, | [illegible] |

---

ଶ୍ରୀଯୁକ୍ତ ବାବୁ ଗୋବିନ୍ଦଚନ୍ଦ୍ରର ପ୍ରସ୍ତୁତ ଉତ୍କୃଷ୍ଟ କାଗଜ ବିଶେଷ ଭାବରେ ଆମ୍ଭମାନଙ୍କ ଛାପାଖାନାରେ ବ୍ୟବହୃତ ହେଉଅଛି ଓ ଉଡ଼ିଶା ଓ ମେଦିନୀପୁରର ଜିଲ୍ଲା ଓ ମହକୁମା ଓ କଚେରୀମାନଙ୍କରେ ସତତ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉତ୍ତମ ଅନେକପ୍ରକାର ଫେନ୍ସି କାଗଜ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ବିଜ୍ଞାପନ ।

ଏ ଦାଢ଼ିକି କେଉଁଠାରେ ପାନକେଇ ଉଠି ଯାଇଁ କି ଉକ୍ତ ନାନା ବୋଧ ହୁଏ ଏଥିରେ ଦେଲେ ପାଣିଗଲା ଭଳି ହେବ କହୁଛ ମଣି-ଷରେ ଲେପିଦେଲେ ମଲିନ ହେବ ଓ ଜଳ ଧରିବ ନାହିଁ ।

ବଡ଼ଶିଖ ଧନଡା ଓ ସାହେବ ଇତ୍ୟାଦିବାସ ଜାଣ ମଧ ଅଛି ।

ଅଲଫନାଇଟ ଡଭ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଏଥିସ୍ତମ୍ଭ | ଟ ୨୲ |
| ଦୁଇଁ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ କେତେ ଛୋଟ ହେଲେହେଁ ତହିଁର ଖର୍ଚ୍ଚ ଟ ୧୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମର ଅଧିକ ହେଲା ଓ ଚତୁର୍ଥ ସଂଖ୍ୟାରେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଏ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ପଡ଼ିବ ଭାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଉତ୍କଳଦୀପିକାଯନ୍ତ୍ରରେ ଶ୍ରୀଗୋବିନ୍ଦଚନ୍ଦ୍ର ଅଧିକାରୀ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com